
ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ସୋମବାର ୨୨ ଏପ୍ରିଲ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 22 APRIL 2024
Vol.No. 35 ■ No.108 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ନିର୍ବାଚନୀ ବିଗୁଲ ବଜାଇବା ପାଇଁ ୨୫ରେ ଆସୁଛନ୍ତି ଅମିତ ଶାହ



ନୂଆଦିଲ୍ଲୀ, ୨୧/୪ : ଆସନ୍ତା ୨୫ ତାରିଖରେ ଓଡ଼ିଶା ଆସୁଛନ୍ତି କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ। ସେଦିନ ସେ ସୋନପୁରରେ ଜନସଭାକୁ ସମ୍ବୋଧିତ କରିବେ। ସନ୍ଧ୍ୟା ବେଳେ ଭୁବନେଶ୍ୱରରେ କାର୍ଯ୍ୟକର୍ତ୍ତାଙ୍କ ସହ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି। ଏନେଇ ସୂଚନା ଦେଇଛନ୍ତି ବିଜେପି ଉପସଭାପତି ଗୋଲକ ମହାପାତ୍ର। ଶ୍ରୀ ମହାପାତ୍ର କହିଛନ୍ତି, ଓଡ଼ିଶାରେ ବିଜେପି ମାଆ, ମାଟି ଓ ମାତୃଭାଷାକୁ ନେଇ ଲଢ଼େଇ ଆରମ୍ଭ କରିଛି। ଏହି ଲଢ଼େଇର ଶୁଭାରମ୍ଭ ଆସନ୍ତା ୨୫ ତାରିଖ ଅପରାହ୍ନରେ ସୋନପୁର ମାଟିରୁ ଆରମ୍ଭ ହେବ। କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ୨୫ ତାରିଖରେ ସୋନପୁରରୁ ଓଡ଼ିଶାରେ ନିର୍ବାଚନ ଲଢ଼େଇର ବିଗୁଲ୍ ବଜାଇବେ। ଦୁଇ ଦିନ ତଳେ ଦିଲ୍ଲୀରେ ଯେଉଁ କଥା କହିଥିଲେ, ସେହି କଥାକୁ ଓଡ଼ିଶାବାସୀଙ୍କ ଆଗରେ ରଖିବା ପାଇଁ ସେ ଆସୁଛନ୍ତି। ସେଠାରେ ଏକ ବିଶାଳ ଜନ ସଭା ଆୟୋଜନ କରାଯିବ। ସେ ଜନସାଧାରଣଙ୍କୁ ସମ୍ବୋଧିତ କରିବେ। ତା'ପରେ ସେ ଭୁବନେଶ୍ୱର ଆସିବେ। ସନ୍ଧ୍ୟା ବେଳେ ନିର୍ବାଚନ ରଣନୀତି ସମ୍ପର୍କରେ ଦଳୀୟ କାର୍ଯ୍ୟକର୍ତ୍ତାଙ୍କ ସହିତ ଆଲୋଚନା କରିବେ। ରାତିରେ ସେ ଭୁବନେଶ୍ୱରରେ ରହିବେ। ତେଣୁ ଆମେ ଉତ୍ସାହିତ ଅଛୁ। ଓଡ଼ିଶାରେ ବିଜେପିର ସରକାର ହେବ ବୋଲି ଶ୍ରୀ ମହାପାତ୍ର କହିଛନ୍ତି। ବଲାଙ୍ଗିର ଲୋକସଭା ନିର୍ବାଚନମଣ୍ଡଳୀର କଣ୍ଟାବାଞ୍ଜିରେ ଏଥର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରାର୍ଥୀ ହୋଇଛନ୍ତି। ସେହି ସଂସଦୀୟ କ୍ଷେତ୍ରର ସୋନପୁରକୁ ଆସୁଛନ୍ତି ଅମିତ ଶାହ। ସେ ସେଠାରେ ସାଧାରଣ ସଭାରେ ଉଦ୍‌ବୋଧନ ଦେବାର କାର୍ଯ୍ୟକ୍ରମ ରହିଛି। ଏହାକୁ ନେଇ ପଶ୍ଚିମ ଓଡ଼ିଶାର ନେତାଙ୍କ ଭିତରେ ଉତ୍ସାହ ଦେଖାଦେଇଛି।

## ପୁଣି ଗୌତମଙ୍କ ଉପରେ ଭରସା ରଖିଲା ବିଜେପି: ଜୟପୁରରେ ଇନ୍ଦିରା, ତାରାଙ୍କୁ କରିବେ ମୁକାବିଲା



ଜୟପୁର, ୨୧/୪ (ନି.ପ୍ର): ଶେଷରେ ଜୟପୁର ଆସନ ପାଇଁ ବିଜେପି ପ୍ରାର୍ଥୀ ଘୋଷଣା କରିଛି। ଗୌତମ ସାମନ୍ତରାୟଙ୍କ ଉପରେ ଭାରତୀୟ ଜନତା ପାର୍ଟି (ବିଜେପି) ପୁଣି ଥରେ ଭରସା ରଖିଛି। ଚଳିତ ବିଧାନସଭା ନିର୍ବାଚନରେ ଗୌତମଙ୍କୁ ବିଜେପି ଜୟପୁର ଆସନ ପାଇଁ ଟିକେଟ୍ ଦେଇଛି। ଏଠାରେ ପୂର୍ବରୁ କଂଗ୍ରେସରୁ ବିଧାୟକ ତାରାପ୍ରସାଦ ବାହିନୀପତିଙ୍କୁ ଓ ପୂର୍ବତନ ମନ୍ତ୍ରୀ ରବି ନାରାୟଣ ନନ୍ଦଙ୍କ ସ୍ତ୍ରୀ ଇନ୍ଦିରା ନନ୍ଦଙ୍କୁ ବିଜେଡି ଟିକେଟ୍ ଦେଇଛି। ଫଳରେ ଚଳିତ ନିର୍ବାଚନରେ ଜୟପୁରରେ ତ୍ରିମୁଖୀ ଲଢ଼େଇ ହେବ ବୋଲି ଚର୍ଚ୍ଚା ହେଉଛି। ସାଧାରଣ ନିର୍ବଚାନ-୨୦୧୯ରେ ଜୟପୁର ଆସନରେ ବିଜେଡିରୁ ରବି ନାରାୟଣ ନନ୍ଦ, ବିଜେପିରୁ ଗୌତମ ସାମନ୍ତରାୟ ଓ କଂଗ୍ରେସରୁ ତାରାବାହିନୀ ପତି ଅବତୀର୍ଣ୍ଣ ହୋଇଥିଲେ। ତାରାପ୍ରସାଦ ବାହିନୀପତିଙ୍କୁ ୫୯,୭୮୫ ଖଣ୍ଡ ଭୋଟ୍ ମିଳିଥିଲା। ରବିନାରାୟଣ ନନ୍ଦ ୫୪,୩୩୪ ଖଣ୍ଡ ଭୋଟ୍ ପାଇଥିଲେ। ତାରା ବାହିନୀପତି ୫୪୫୧ ଖଣ୍ଡ ଭୋଟ୍ ବ୍ୟବଧାନରେ ବିଜୟୀ ହୋଇଥିଲେ। ଗୌତମ ସାମନ୍ତରାୟ ତୃତୀୟ ସ୍ଥାନରେ ଥିଲେ।

## ୨୫ରୁ ଖରା ଛୁଟି

ଭୁବନେଶ୍ୱର, ୨୧/୪ (ନି.ପ୍ର): ଚଳିତ ଏପ୍ରିଲ ୨୫ ତାରିଖରୁ ଗ୍ରୀଷ୍ମ ଛୁଟି ଘୋଷଣା କରିଛନ୍ତି ରାଜ୍ୟ ସରକାର। ଆସନ୍ତାକାଲିଠାରୁ ଅର୍ଥାତ୍ ଏପ୍ରିଲ ୨୨ରୁ ୨୪ ତାରିଖ ପର୍ଯ୍ୟନ୍ତ ସମସ୍ତ ସରକାରୀ, ସରକାରୀ ଅନୁଦାନପ୍ରାପ୍ତ ଓ ବେସରକାରୀ ବିଦ୍ୟାଳୟଗୁଡ଼ିକ ଚାଲିବ। ସକାଳ ସାଢ଼େ ୬ଟାରୁ ସାଢ଼େ ୧୦ଟା ପର୍ଯ୍ୟନ୍ତ ସ୍କୁଲ୍ ଗୁଡ଼ିକ ଖୋଲା ରହିବ ବୋଲି ସରକାର ନିର୍ଦ୍ଦେଶ ଦେଇଛନ୍ତି। ସମ୍ଭାବ୍ୟ ଗ୍ରୀଷ୍ମ ପ୍ରବାହ ଓ ପାଣିପାଗ ବିଭାଗର ସୂଚନାକୁ ଦୃଷ୍ଟିରେ ରଖି ସରକାର ଏହି ନିଷ୍ପତ୍ତି ନେଇଛନ୍ତି। ଗ୍ରୀଷ୍ମ ଛୁଟି ସମୟରେ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟରେ ଛାତ୍ରଛାତ୍ରୀ, ଶିକ୍ଷକଶିକ୍ଷୟିତ୍ରୀମାନଙ୍କ ପାଇଁ ଶିକ୍ଷା ତଥା ଶୈକ୍ଷିକ କାର୍ଯ୍ୟକ୍ରମ ନିମନ୍ତେ ରାଜ୍ୟ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ, ରାଜ୍ୟ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ଓ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଦ୍ୟାଳୟ ପରିଚାଳନା କରାଯିବ ବୋଲି ସୂଚନା ଓ ଲୋକ ସଂପର୍କ ବିଭାଗ ପକ୍ଷରୁ ଜାରି କରାଯାଇଥିବା ପ୍ରେସ୍ ରିଲିଜ୍‌ରେ ଉଲ୍ଲେଖ କରାଯାଇଛି। ରାଜ୍ୟରେ ସପ୍ତାହେ ହେଲାଣି ପ୍ରବଳ ଗ୍ରୀଷ୍ମ ପ୍ରବାହ ହେଉଛି। ଏହାକୁ ଦୃଷ୍ଟିରେ ରଖି ଗତ ୧୮ ତାରିଖରୁ ୨୦ ତାରିଖ ପର୍ଯ୍ୟନ୍ତ ୩ ଦିନ ପାଇଁ ସମସ୍ତ ସ୍କୁଲ୍‌ଗୁଡ଼ିକୁ ରାଜ୍ୟ ସରକାର ଛୁଟି ଘୋଷଣା କରିଥିଲେ। ଆଜିଠାରୁ ୨୪ ତାରିଖ ଯାଏଁ ରାଜ୍ୟର ବିଭିନ୍ନ ସ୍ଥାନରେ କାଳବୈଶାଖୀ ହେବ। ତେଣୁ ପାଗ ଟିକେ ଭଲ ରହିପାରେ।

## ଅଟୋ-ଟ୍ରକ ମୁହାଁମୁହିଁ ଧକ୍କା: ୩ ମୃତ, ୫ ଆହତ



ନବରଙ୍ଗପୁର, ୨୧/୪ (ନି.ପ୍ର): ଅଟୋକୁ ପିଟିଲା ଟ୍ରକ। ଘଟଣା ସ୍ଥଳରେ ୩ ମୃତ ହୋଇଥିବା ବେଳେ ୫ ଗୁରୁତର ହୋଇଛନ୍ତି। ଅଟୋରେ ଯାଉଥିବା ଯାତ୍ରୀମାନେ ବନ୍ଧୁ ଘରକୁ ଦଶାହ କର୍ମରେ ଯୋଗଦେବା ପାଇଁ ଯାଉଥିଲେ। ନବରଙ୍ଗପୁର ଜିଲ୍ଲା ରାଇଘର ଥାନା ଜୋଡ଼େଙ୍ଗା ନିକଟରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏକ ଟ୍ରକ ରାଇଘରରୁ ଛତିଶଗଡ଼ ପଟକୁ ଯାଇଥିଲା। ଏହି ସମୟରେ ଅଟୋ ବୋରେଇ ଗ୍ରାମରୁ କିଛି ଲୋକ ରାଇଘର ନିକଟସ୍ଥ ଧୋଡ୍ରା ପାରାକୁ ଯାଉଥିଲେ। ଠିକ୍ ଏହି ସମୟରେ ଯୋଡ଼ିଙ୍ଗା ନିକଟରେ ଅଟକୁ ସାମ୍ନା ପଟୁ ଧକ୍କା ଦେଇଥିଲା ଟ୍ରକ। ଫଳରେ ଘଟଣା ସ୍ଥଳରେ ୩ ଜଣଙ୍କ ମୃତ୍ୟୁ ହେବା ସହିତ ୫ଜଣ ଗୁରୁତର ହୋଇଛନ୍ତି। ମୃତକଙ୍କ ମଧ୍ୟରେ ଦୁଇ ମହିଳା ଓ ଜଣେ ପୁରୁଷ ରହିଛନ୍ତି। ଜଣେ ଦୁଇବର୍ଷର ଶିଶୁ ସହ ୫ ଜଣ ଲୋକ ଗୁରୁତର ଆହାତ ହୋଇଛନ୍ତି। ମୃତକ ମାନଙ୍କୁ ଯୋଡ଼ିଙ୍ଗା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଗୁରୁତର ଆହତ ହୋଇଥିବା ବ୍ୟକ୍ତିଙ୍କର ଚିକିତ୍ସା ଚାଲିଛି। ତେବେ ଖବର ପାଇ ଘଟଣା ସ୍ଥଳରେ ରାଇଘର ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଅନ୍ୟପଟେ ଦୁର୍ଘଟଣା ସ୍ଥଳରେ ଉମରକୋଟର ପୂର୍ବତନ ବିଜେଡି ବିଧାୟକ ସୁବାସ ଗଣ୍ଡ ପହଞ୍ଚି ଉଦ୍ଧାର କାର୍ଯ୍ୟରେ ସହଯୋଗ କରିଥିଲେ।

## ଡିଏମଏଫ ଫଣ୍ଡରୁ ୯ କୋଟି ଟଙ୍କା ନେଇଗଲେ: ଅକଳରେ ବ୍ୟାଙ୍କ କର୍ତ୍ତୃପକ୍ଷ




ବାରିପଦା, ୨୧/୪ (ନି.ପ୍ର): ଖଣି ଅଞ୍ଚଳର ବିକାଶ ପାଇଁ ଗଠନ ହୋଇଥିଲା ଡିଏମଏଫ ଫଣ୍ଡ। ଆଜି ସେଥିରୁ ୯ କୋଟିରୁ ଅଧିକ ଟଙ୍କା ହଡପ୍ ହୋଇଛି। ୪ଟି ଚେକ୍ ଦେଇ ବ୍ୟାଙ୍କକୁ ଚୂନା ଲଗାଇଦେଲେ ବାହାର ରାଜ୍ୟର କମ୍ପାନୀ। ଯାହାକୁ ନେଇ ହରଡ ଘଣାରେ ପଡ଼ିଛନ୍ତି ବ୍ୟାଙ୍କ ଅଫ୍ ଇଣ୍ଡିଆର ବାରିପଦା ଶାଖା କର୍ତ୍ତୃପକ୍ଷ। ଟଙ୍କା ହଡପ୍ ହୋଇଥିବା ଜାଣି ବ୍ୟାଙ୍କ କର୍ତ୍ତୃପକ୍ଷ ଆଜି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ମୟୂରଭଞ୍ଜ ପିଡି ଡିଆରଡିଏ ଅଧୀନରେ ରହିଛି ଡିଏମଏଫ। ଖଣି ଅଞ୍ଚଳର ବିକାଶ କରିବା ପାଇଁ ଏହି ଫଣ୍ଡ ଗଠନ କରାଯାଇଥିଲା। ଏହାର ଆକାଉଣ୍ଟ ବାରିପଦା ଟାଉନ୍‌ରେ ଥିବା ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖାରେ ରହିଛି। ଜିଲ୍ଲା ପ୍ରଶାସନର ଅଜାଣତରେ ଏହି ଫଣ୍ଡର ୨ଟି ଚେକ୍‌ଗତ ୧୦ ତାରିଖରେ ବ୍ୟାଙ୍କରେ ଜମା ହୋଇଥିଲା। ବ୍ୟାଙ୍କ କର୍ତ୍ତୃପକ୍ଷ କୌଣସି ତର୍ଜମା ନକରି ଚେକ୍ ନଂ -୦୧୭୭୯୫ରେ ୨,୬୮,୪୨,୩୦୦ ଟଙ୍କା ପିଟି କନ୍‌ଷ୍ଟ୍ରକ୍ସନ୍ ଆଣ୍ଡ ସପ୍ଲାୟର୍ସ ଆକାଉଣ୍ଟ ଟ୍ରାନ୍ସଫର କରାଯାଇଥିବା ବେଳେ ଚେକ୍ ନଂ-୦୧୭୭୬ରେ ୧,୮୪,୨୭,୪୦୦ ଟଙ୍କା ଏସ୍‌କେ ଏଣ୍ଟ୍ରପ୍ରାଇଜେସ୍‌କୁ ଟ୍ରାନ୍ସଫର କରିଥିଲେ। କେବଳ ସେହି ଦୁଇଟି ଚେକ୍ ନୁହେଁ, ଗତ ୧୮ ତାରିଖରେ ପୁଣି ଆଉ ଦୁଇଟି ଚେକ୍ ମଧ୍ୟ ବ୍ୟାଙ୍କରେ ଜମା ହୋଇଥିଲା।

▶▶ପୃଷ୍ଠା ୭

## ବାବା ରାମଦେବଙ୍କୁ ଆଉ ଏକ ସୁପ୍ରିମ ଝଟ୍‌କା: ଦେବେ ସର୍ଭିସ ଟ୍ୟାକ୍ସ



ନୂଆଦିଲ୍ଲୀ, ୨୧/୪ : ଯୋଗ ଗୁରୁ ବାବା ରାମଦେବଙ୍କ ଅମୁନି ଅଡୁଆ। ସୁପ୍ରିମକୋର୍ଟଙ୍କରୁ ତାଙ୍କୁ ଆଉ ଏକ ବଡ଼ ଝଟକା ଲାଗିଛି। ନିଜ ଯୋଗ ଶିବିର ପାଇଁ ସର୍ଭିସ ଟ୍ୟାକ୍ସ ଦେବାକୁ ତାଙ୍କୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଜଷ୍ଟିସ ଅଭୟ ଏମ ଓକ ଏବଂ ଜଷ୍ଟିସ ଉଜ୍ଜ୍ୱଳ ଭୂୟାଁଙ୍କ ଖଣ୍ଡପୀଠ ଏହି ମାମଲାରେ ସେବା ଟିକସ ଅପିଲ ଟ୍ରିବ୍ୟୁନାଲର ନିଷ୍ପତ୍ତିକୁ ସମର୍ଥନ କରିଛନ୍ତି। ଟ୍ରିବ୍ୟୁନାଲର ନିଷ୍ପତ୍ତି ଅନୁଯାୟୀ ରାମଦେବଙ୍କ ଯୋଗ ଶିବିର ଆୟୋଜନ କରୁଥିବା ସଂଗଠନ 'ପତଞ୍ଜଳି ଯୋଗପୀଠ ଟ୍ରଷ୍ଟ'କୁ ବର୍ତ୍ତମାନ ଉଭୟ ଆବାସିକ ତଥା ଅଣ-ଆବାସିକ ଯୋଗ ଶିବିର ପାଇଁ ସେବା ଟିକସ ତଥା ସର୍ଭିସ ଟ୍ୟାକ୍ସ ଦେବାକୁ ପଡିବ। ଜଷ୍ଟିସ ଓକ ଏବଂ ଜଷ୍ଟିସ ଭୂୟାଁଙ୍କ ଖଣ୍ଡପୀଠ ନିୟ ରାୟରେ କହିଛନ୍ତି ଯେ ସେବା କର ଆପିଲ ଟ୍ରିବ୍ୟୁନାଲ ଠିକ ନିଷ୍ପତ୍ତି ନେଇଛନ୍ତି। ପତଞ୍ଜଳି ଯୋଗପୀଠ ଟ୍ରଷ୍ଟ ରାମଦେବଙ୍କ ଯୋଗ ଶିବିର ପାଇଁ ପ୍ରବେଶ ଶୁଳ୍କ ଆଦାୟ କରିଥାନ୍ତି। ପ୍ରବେଶ ଶୁଳ୍କ ଚାର୍ଜ କରିବା ପରେ ଯୋଗ ଶିବିରରେ ପ୍ରଦାନ କରାଯାଇଥିବା କାର୍ଯ୍ୟ ହେଉଛି ଏକ ସେବା। ଟ୍ରିବ୍ୟୁନାଲର ଆଦେଶରେ ହସ୍ତକ୍ଷେପ କରିବାର କୌଣସି କାରଣ ଆମ ପାଖରେ ନାହିଁ ବୋଲି ବେଞ୍ଚ୍ କହିଛନ୍ତି। ଏଥିସହ ପତଞ୍ଜଳି ଯୋଗପୀଠ ଟ୍ରଷ୍ଟର ଆବେଦନକୁ ଖାରଜ କୋର୍ଟ ଖାରଜ କରିଦେଇଛନ୍ତି। ଏଥିସହ ୫ ଅକ୍ଟୋବର ୨୦୨୩ର କଷ୍ଟମ୍ସ, ଏକ୍ସାଇଜ୍ ଏବଂ ସର୍ଭିସ ଟ୍ୟାକ୍ସ ଆପିଲେଟ ଟ୍ରିବ୍ୟୁନାଲ (ସିଇଏସଟିଏଟି)ର ଆହ୍ଲାବାଦ ବେଞ୍ଚ ଦେଇଥିବା ରାୟରେ ହସ୍ତକ୍ଷେପ କରିବାକୁ ସର୍ବୋଚ୍ଚ ଅଦାଲତ ମନା କରି ଦେଇଛନ୍ତି। ଅକ୍ଟୋବର ୨୦୦୬ ରୁ ମାର୍ଚ୍ଚ ୨୦୧୧ ମଧ୍ୟରେ ଅନୁଷ୍ଠିତ ଶିବିର

▶▶ପୃଷ୍ଠା ୭

## ଶିମିଳିପାଳରେ ମୁତୟନ ହେଲେ ୨୫ ଜଣିଆ ଓଡ୍ରାଫ ଓ ଅଗ୍ନିଶମ ଟିମ୍



ବାରିପଦା, ୨୧/୪ (ନି.ପ୍ର): ଦିନକୁ ଦିନ ତାତି ଯେତେ ବଢ଼ିବାର ଲାଗିଛ ଶିମିଳିପାଳ ଅଭୟାରଣ୍ୟରେ ବହୁ ସ୍ଥାନରେ ନିଆଁ ଲାଗିବା ଦେଖାଦେଇଛି। ଆଜି ଶିମିଳିପାଳ ଅଭୟାରଣ୍ୟର ଉଭୟ ଉତ୍ତର ଓ ଦକ୍ଷିଣରେ ୪୩ଟି ପଏଣ୍ଟରେ ଲାଗିଥିବା ଜଣା ପଡ଼ିଛି। ଉତ୍ତର ଶିମିଳିପାଳର ୧୮ ଟି ପଏଣ୍ଟ ଓ ଦକ୍ଷିଣ ଶିମିଳିପାଳର ୨୫ ଟି ସ୍ଥାନରେ ନିଆଁ ଲାଗିଥିଲା ଏସବୁ ନିଆଁ ମନୁଷ୍ୟ କୃତ ବୋଲି କହିଛନ୍ତି ଶିମିଳିପାଳ ଉପ ନିର୍ଦ୍ଦେଶକ ସମ୍ରାଟ ଗୌଡ଼ା। ଆଜିଠାରୁ ଶିମିଳିପାଳ ଅଭୟାରଣ୍ୟର ବିଭିନ୍ନ ଜାଗାରେ ନିଆଁ ଲାଗି ବ୍ୟାପକ କ୍ଷୟକ୍ଷତି ହୋଇଥିବା ବେଳେ ନିଆଁକୁ ଆୟତ୍ତ କରିବା ପାଇଁ ୨୬ ଜଣିଆ ଓଡ୍ରାଫ ଟିମ ସହିତ ଅଗ୍ନିଶମ ବିଭାଗ ନିୟୋଜିତ ହୋଇଛନ୍ତି। ଶିମିଳିପାଳରେ ଲାଗିଥିବା ନିଆଁକୁ ଆୟତ୍ତ କରିବା

▶▶ପୃଷ୍ଠା ୭

## ରାଲି ପୂର୍ବରୁ ବିଗିଡିଲା ରାହୁଲଙ୍କ ସ୍ୱାସ୍ଥ୍ୟାବସ୍ଥା



ନୂଆଦିଲ୍ଲୀ, ୨୧/୪ : ଲୋକସଭା ନିର୍ବାଚନ ମଧ୍ୟରେ ହଠାତ୍ ଅସୁସ୍ଥ ହୋଇ ପଡିଛନ୍ତି କଂଗ୍ରେସର ପୂର୍ବତନ ରାଷ୍ଟ୍ରୀୟ ଅଧ୍ୟକ୍ଷ ତଥା ସାଂସଦ ରାହୁଲ ଗାନ୍ଧି। ରାଞ୍ଚିରେ ଆୟୋଜିତ ଇଣ୍ଡିଆ ଆଲାଏନ୍ସର ରାଲି ପୂର୍ବରୁ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡି ଯାଇଛି। ଏଥିଯୋଗୁ ସେ ରାଞ୍ଚିରେ ଆୟୋଜିତ ହୋଇଥିବା ରାଲିରେ ଆଉ ଯୋଗ ଦେଇପାରିବେ ନାହିଁ। କେବଳ ସେତିକି ନୁହେଁ ମଧ୍ୟପ୍ରଦେଶର ସତନାରେ ଅନୁଷ୍ଠିତ ହେବାକୁ ଥିବା ରାଲିରେ ମଧ୍ୟ ରାହୁଲ ଯୋଗ ଦେବେ ନାହିଁ। କଂଗ୍ରେସ ନେତା ଜୟରାମ ରମେଶ ଟୁଇଟ କରି ଏହି ସୂଚନା ଦେଇଛନ୍ତି। ଜୟରାମ ରମେଶ ନିଜ ଟ୍ୱିଟ୍‌ରେ କହିଛନ୍ତି, ସତନା ଏବଂ ରାଞ୍ଚିରେ ନିର୍ବାଚନ ପ୍ରଚାର ପାଇଁ ଆଜି ଇଣ୍ଡିଆ ମେଣ୍ଟ ପକ୍ଷରୁ ଆୟୋଜିତ ହୋଇଥିବା ରାଲିରେ ରାହୁଲ ଗାନ୍ଧି ଯୋଗ ଦେବାକୁ ସମ୍ପୂର୍ଣ୍ଣ ପ୍ରସ୍ତୁତ ଥିଲେ। କିନ୍ତୁ ସେ ହଠାତ୍ ଅସୁସ୍ଥ ହୋଇପଡିଛନ୍ତି ଏବଂ ବର୍ତ୍ତମାନ ସମୟରେ ସେ ନୂଆଦିଲ୍ଲୀ ବାହାରକୁ ଯାଇପାରିବେ ନାହିଁ। ତାଙ୍କ ବଦଳରେ କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡେଗ ସତନାରେ ହେବାକୁ ଥିବା ରାଲିରେ ସମ୍ବୋଧିତ କରିବେ। ଏହା ପରେ ସେ ରାଞ୍ଚିରେ ଇଣ୍ଡିଆ ଆଲାଏନ୍ସ ରାଲିରେ ଯୋଗଦେବେ। ସେପଟେ କଂଗ୍ରେସ ରାଜ୍ୟ ସଭାପତି ଜିତୁ ପଟ୍ଟୱାରୀ କହିଛନ୍ତି, ରାହୁଲ ଗାନ୍ଧି ଖୁବଶୀଘ୍ର ରାଜ୍ୟ କାର୍ଯ୍ୟକ୍ରମରେ ଯୋଗ ଦେବେ ଓ ଲୋକଙ୍କ ସହ ଆଲୋଚନା କରିବେ। କହିରଖୁ ଯେ, ରାହୁଲ ଗାନ୍ଧି ରବିବାର ମଧ୍ୟପ୍ରଦେଶର ସତନାରେ କଂଗ୍ରେସ ପ୍ରାର୍ଥୀଙ୍କ ସମର୍ଥନରେ ଏକ ଜନସଭା କରିବା କାର୍ଯ୍ୟକ୍ରମ ଥିଲା। ରାଞ୍ଚିରେ ଲୋକ ସଭା ନିର୍ବାଚନର ଦ୍ୱିତୀୟ ପର୍ଯ୍ୟାୟ ଭୋଟ ପୂର୍ବରୁ ରବିବାର 'ଇଣ୍ଡିଆ' ମିଳିତ ମେଣ୍ଟର ଏକ ପ୍ରଦର୍ଶନ ରହିଛି। ରାଞ୍ଚିର ପ୍ରଭାତ ତାରା ଗ୍ରାଉଣ୍ଡରେ ଆୟୋଜିତ ହେବାକୁ ଥିବା ଏହି ମେଗା ରାଲିର ନାମ 'ଅଲଗୁଲାନ ନ୍ୟାୟ ରାଲି' ରଖାଯାଇଛି।

## ଜେଲରେ ମୋ ସ୍ୱାମୀଙ୍କୁ ମାରିବାକୁ ଚେଷ୍ଟା ଚାଲିଛି




ନୂଆଦିଲ୍ଲୀ, ୨୧/୪ : ଜେଲ୍ ଭିତରେ ମୋ ସ୍ୱାମୀଙ୍କୁ ମାରିଦେବାକୁ ଚେଷ୍ଟା ଚାଲିଛି। ତାଙ୍କୁ ଇନ୍‌ସୁଲିନ୍ ଦିଆଯାଉ ନାହିଁ।' ରାଞ୍ଚିରେ ଆୟୋଜିତ ଇଣ୍ଡିଆ ଅଲାଏନ୍ସର ଉଲଗୁଲାନ ରାଲିରେ ଯୋଗ ଦେଇ ଏଭଳି କିଛି ଅଭିଯୋଗ ଆଣିଛନ୍ତି ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କ ପତ୍ନୀ ସୁନୀତା କେଜ୍ରିୱାଲ। ବିରୋଧୀ ଦଳ 'ଇଣ୍ଡିଆ' ଅଲାଏନ୍ସ ପକ୍ଷରୁ ରବିବାର ଝାଡଖଣ୍ଡର ରାଜଧାନୀ ରାଞ୍ଚିରେ ରାଲି କରି ଶକ୍ତି ପ୍ରଦର୍ଶନ କରିଛି। ଝାଡଖଣ୍ଡ ମୁକ୍ତି ମୋର୍ଚ୍ଚା (ଜେଏମଏମ) ନେତୃତ୍ୱରେ ଆୟୋଜିତ ଏହି ଉଲଗୁଲାନ ରାଲିରେ ଯୋଗଦେଇ ରଣହୁଙ୍କାର ଦେଇଛନ୍ତି ସୁନୀତା କେଜ୍ରିୱାଲ। ସେ କହିଛନ୍ତି, ମୋ ସ୍ୱାମୀର କ'ଣ ଭୁଲ୍ ଥିଲା ତାଙ୍କୁ କାହିଁକି ଜେଲକୁ ପଠାଗଲା ? ଅରବିନ୍ଦ କେଜ୍ରିୱାଲଙ୍କ କ୍ଷମତା ପାଇଁ ଇଚ୍ଛା ନାହିଁ। ସେ କେବଳ ଦେଶର ସେବା କରିବାକୁ ଚାହୁଁଛନ୍ତି।

▶▶ପୃଷ୍ଠା ୭

# ମତଦାନ ପାଇଁ ବୁଥ୍ ପ୍ରସ୍ତୁତି ନେଇ ଜିଲ୍ଲାପାଳଙ୍କ ସମୀକ୍ଷା, ବିଦ୍ୟୁତ୍, ଜଳ, ଶୌଚାଳୟ ଉପରେ ପ୍ରାଧାନ୍ୟ

ଭଦ୍ରକ, ୨୧/୪ (ନି.ପ୍ର): ଆଗାମୀ ଲୋକସଭା ଓ ଓଡ଼ିଶା ବିଧାନ ସଭା ସାଧାରଣ ନିର୍ବାଚନ ୨୦୨୪ ଉପଲକ୍ଷେ ଭଦ୍ରକ ଜିଲ୍ଲାର ୫ଟି ନିର୍ବାଚନ ମଣ୍ଡଳୀରେ ମତଦାନ ପାଇଁ ନିର୍ଦ୍ଧାରିତ ସମୁଦାୟ ୧୩୦୯ ଟି ବୁଥ୍ ର ଚୂଡ଼ାନ୍ତ ପ୍ରସ୍ତୁତି ନେଇ ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧକ୍ଷତାରେ ଆଭାସି ଜରିଆରେ ଅନୁଷ୍ଠିତ ଏହି ବୈଠକରେ ରିଟର୍ଣ୍ଣିଂ ଅଧିକାରୀ ଭାବେ ଦୁଇ ଅତିରିକ୍ତ ଜିଲ୍ଲାପାଳ ଶାନ୍ତନୁ କୁମାର ମହାନ୍ତି ଏବଂ ସସ୍ମିତ କୁମାର ଗଡ଼ ନାୟକ, ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ କୁମାର ଦ , ଉପଜିଲ୍ଲାପାଳ ମନୋଜ ପାତ୍ର ଏବଂ ଅତିରିକ୍ତ ଉପଜିଲ୍ଲାପାଳ ଶ୍ୟାମଳ ରାୟ ପ୍ରମୁଖ ଯୋଗ ଦେଇଥିଲେ। ମତଦାନ କାର୍ଯ୍ୟ ପରିଚାଳନା ପାଇଁ ଜିଲ୍ଲାର ସମସ୍ତ ବୁଥ୍‌ରେ ସର୍ବନିମ୍ନ ସୁବିଧା ଉପଲବଧ୍ ନିଶ୍ଚିତତା ନେଇ ଜିଲ୍ଲାପାଳ ବ୍ଲକ୍ୱାରୀ ଟିକିନିଖି ସମୀକ୍ଷା କରିଥିଲେ। ଆଭାସି ଜରିଆରେ ଯୋଡ଼ି ହୋଇଥିବା ବି.ଡ଼ି.ଓ. ମାନେ ନିଜନିଜ ବ୍ଲକ୍‌ର ବୁଥ ଏବଂ ରିଜର୍ଭ ପୋଲିଂ ଅଧିକାରୀ, ସଖୀ ଓ ମିଶ୍ରିତ ବୁଥ୍ ପାଇଁ ମହିଳା ପୋଲିଂ ଅଧିକାରୀ ମାନଙ୍କ ପାଇଁ ହବ୍‌ରେ ବିଶେଷ କରି ବିଦ୍ୟୁତ ସଂଯୋଗ, ଜଳ ଯୋଗାଣ, ଶୌଚାଳୟ ଆଦି ପ୍ରସ୍ତୁତି ଓ ସମସ୍ୟା ସୟନ୍ଧରେ ତଥ୍ୟ ଉପସ୍ଥାପନ କରିଥିଲେ। ଏସବୁ ବ୍ୟତୀତ ବୁଥ ପ୍ରସ୍ତୁତି କରାଯାଇଥିବା ସ୍କୁଲ ବା ଅଙ୍ଗନବାଡ଼ି ପରିସରର ପ୍ରାଚୀର, କବାଟ, ଝରକା, କକ୍ଷ ଭିତର ଓ ବାହାରେ ଆଲୋକ ବ୍ୟବସ୍ଥା, ଆବଶ୍ୟକ ଫର୍ଣ୍ଣିଚର, ରାମ୍ପ, ଫ୍ୟାନ ଆଦିର ଉପଲବଧ୍ ନେଇ ମଧ ଅବଗତ କରାଇଥିଲେ। ବିଶେଷକରି ବୁଥ୍ ଥିବା ସମସ୍ତ ୫-ଟି ଓ ଅନ୍ୟ ବିଦ୍ୟାଳୟ ମାନଙ୍କର ସର୍ବୋ ମ ଅବସ୍ଥାରେ ଥିବା କକ୍ଷକୁ ବୁଥ୍ ରୂପେ ବ୍ୟବହାର ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ପ୍ରଦାନ କରିଥିଲେ। ପ୍ରତି ବ୍ଲକ୍‌ର ହାତଗଣତି କାଁ ଭାଁ କେତୋଟି ବୁଥ୍‌ରେ ବିଦ୍ୟୁତ ସଂଯୋଗ, ନଳକୂପରୁ ଲୁଣା ପାଣି ବାହାରିବା, ଶୌଚାଳୟ ନିର୍ମାଣାଧୀନ ଥିବା ସମସ୍ୟା ବ୍ୟତୀତ ଅନ୍ୟ ସମସ୍ତ ବୁଥ୍ ଠିକ୍ ଭାବେ ପ୍ରସ୍ତୁତ ଥିବା ସମୀକ୍ଷାରୁ ଜଣା ପଡ଼ିଥିଲା। ବାକିଥିବା ସଂପୃକ୍ତ ବୁଥ୍ ଗୁଡ଼ିକର କାର୍ଯ୍ୟ ଯଥାଶୀଘ୍ର ସମାପ୍ତ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ପ୍ରଦାନ କରିଥିଲେ। ୱେବ୍‌କାଷ୍ଟିଂ ହେବାକୁଥିବା ବୁଥ୍ ଗୁଡ଼ିକରେ ମଧ ଆନୁସଙ୍ଗିକ ବ୍ୟବସ୍ଥା ଉପଲବ୍ଧ ନେଇ ନିଶ୍ଚିତତା କରାଇବାକୁ କୁହାଯାଇଥିଲା। ଅଦ୍ୟାବଧି ବିଦ୍ୟୁତ ସଂଯୋଗ ନଥିବା ବୁଥ୍ ପାଇଁ ସଂପୃକ୍ତ ସ୍କୁଲକୁ ଯଥାଶୀଘ୍ର ବିଦ୍ୟୁତ୍ ଯୋଗାଣ ପାଇଁ ବିଦ୍ୟୁତ୍ ବିଭାଗକୁ ନିର୍ଦ୍ଦେଶ ପ୍ରଦାନ କରାଯାଇଛି। ବି.ଡ଼ି.ଓ., ବି.ଇ.ଓ., ପୌର ନିର୍ବାହୀ ଅଧିକାରୀମାନେ ନିଜ ନିଜ ଅଧୀନରେ ଥିବା ସମସ୍ତ ବୁଥ୍ ପରିଦର୍ଶନ କରି ସମସ୍ୟା ଥିଲେ ପ୍ରଶାସନକୁ ଅତିଶୀଘ୍ର ଜଣାଇବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲା କାର୍ଯ୍ୟାଳୟର ଓସ୍ୱାନ୍ ହଲ୍‌ରେ ଅନୁଷ୍ଠିତ ଏହି ବୈଠକରେ ଡ଼େପୁଟୀ କଲେକ୍ଟର ନିର୍ବାଚନ ସାଗରିକା ସାହୁ, ଜିଲ୍ଲା ଶିକ୍ଷାଧିକାରୀ ଅକ୍ରୁର ଚରଣ ବାରିକ୍, ଓ ଏ.ଡ଼ି.ଇ.ଓ., ବି.ଇ.ଓ.ମାନେ ଉପସ୍ଥିତ ଥିଲେ।

# ଚରମ୍ପାସ୍ଥିତ ବିଶାଣିଖରିଦା ବାସନ୍ତୀ ଦୁର୍ଗା ପୂଜାର ରୌପ୍ୟ ଜୟନ୍ତୀ ପାଳିତ

ଭଦ୍ରକ, ୨୧/୪ (ନି.ପ୍ର): ଚରମ୍ପା ବିଶାଣିଖରିଦା ଠାରେ ମା'ବାସନ୍ତୀ ଦୁର୍ଗା ପୂଜା କମିଟି ରୌପ୍ୟ ଜୟନ୍ତୀ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। କମିଟିର ଉପଦେଷ୍ଟା ବିଶିଷ୍ଟ ଶିକ୍ଷାବିତ୍ ପୂର୍ବତନ ପ୍ରଧାନଶିକ୍ଷକ ଗଗନ ବିହାରୀ ରାଉତଙ୍କ ପୌରହିତ୍ୟରେ ସଭାକାର୍ଯ୍ୟ ଆରମ୍ଭ କରାଯାଇଥିଲା। ଏଥିରେ ଅତିଥିମାନେ ଯଥା ପଣ୍ଡିତ ଦୈତ୍ୟାରୀ ମହାପାତ୍ର ମୁଖ୍ୟଅତିଥି , ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ ମୁଖ୍ୟବକ୍ତା, ଇଂ ଅଭୟ ସୂତାର ସମ୍ମାନୀତ ଅତିଥି ଓ ଅଧାପକ ନିହାର ରଞ୍ଜନ କର ସମ୍ମାନିତ ବକ୍ତା ଭାବେ ଯୋଗ ଦାନ କରି ପ୍ରଦୀପ ପ୍ରଜ୍ଜ୍ୱଳ ପୂର୍ବକ ଆନୁଷ୍ଠାନିକ ଭାବେ ସଭା ଉଦ୍‌ଘାଟନ କରିଥିବା ବେଳେ ମୁଖ୍ୟ ପୂଜକ ପଣ୍ଡିତ ମାଧବାନନ୍ଦ ମିଶ୍ର ବେଦ ପାଠ କରିଥିଲେ। ଅନ୍ୟମାନଙ୍କ ମଧରେ କମିଟିର ସଂପାଦକ ଚିତ୍ ରଞ୍ଜନ ବିଶ୍ୱାଳ, ସଭାପତି ଦୀପ୍ତିରଞ୍ଜନ ଦାସ ଓ ସର୍ବ ବରିଷ୍ଠ ପ୍ରତିଷ୍ଠାତା ଶ୍ରୀ ଭାଗବତ ପଢିଆରୀ, କାଳୀପୂଜା କମିଟି ସଭାପତି ଶ୍ୟାମ ସୁନ୍ଦର ଗୁପ୍ତା, ସଂପାଦକ ଶ୍ରୀ ନାରାୟଣ ଚନ୍ଦ୍ର ବିଶ୍ୱାଳ, କୋଷାଧକ୍ଷ ଅନୁପ ବୋଷ, ଦୁର୍ଗାପୂଜା ସଂପାଦକ ଜୟନ୍ତୀ ସେନାପତି ଓ ସମାଜସେବୀ ସଂପାଦନା ମଣ୍ଡଳୀ ସଭ୍ୟ ବାବୁଲାଲ ଦାସ ପ୍ରମୁଖ ବ୍ୟକ୍ତିମାନେ ମଂଚାସୀନ ହୋଇଥିବାବେଳେ କମିଟିର ସଂପାଦକ ଚିତରଞ୍ଜନ ବିଶ୍ୱାଳଙ୍କ ସୁକନ୍ୟା ଧୃତିକା ବିଶ୍ୱାଳ ଏକ ସୁନ୍ଦର ଚିତାକର୍ଷକ ଓଡ଼ିଶୀ ନୃତ୍ୟ ପରିବେଷଣ କରି ଦର୍ଶକମାନଙ୍କୁ ମନ୍ତ୍ରମୁଗ୍ଧ କରିଦେଇଥିଲେ। କମିଟିର ରୌପ୍ୟ ଜୟନ୍ତୀ ମୁଖପତ୍ର "ବାସନ୍ତିକା" ଅତିଥି ମାନଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା ଓ ମୁଖ୍ୟ ସଂପାଦକ ଗଗନ ବିହାରୀ ରାଉତ ପତ୍ରିକା ସଂପର୍କରେ ସମୀକ୍ଷା କରିଥିଲେ। ବାସନ୍ତୀ ଦୁର୍ଗା ପୂଜା କମିଟିର ପ୍ରାଣ ପ୍ରତିଷ୍ଠାତା ସ୍ୱ ସୁଦର୍ଶନ ବିଶ୍ୱାଳ ଓ ସ୍ୱ ଉଦୟନାଥ ଦାସଙ୍କ ଅମର ଆତ୍ମାର ସଦଗତି କାମନା କରାଯାଇଥିଲା। ବକ୍ତାମାନେ ମାତୃଶକ୍ତି ଓ ତାର ଉପାସନା ସଂପର୍କରେ ସୁଦୀର୍ଘ ଭାଷଣ ପ୍ରଦାନ କରିଥିଲେ। କମିଟିର ସମସ୍ତ ସଭ୍ୟମାନେ ସହଯୋଗ କରିଥିଲେ। ସଂଚାଳକ ଶ୍ରୀତମ ପାଣିଗ୍ରାହୀ ଉତ୍ତମ ସଂଚାଳନା କରିଥିବାବେଳେ ବାବୁଲାଲ ଦାସ ଶେଷ ସ୍ୱର୍ଶ ଦେଇଥିଲେ ଓ ପରେ ପରେ ସୁନ୍ଦର ମନୋରମ ଭଜନ ସଂଧାର ଆୟୋଜନ କରାଯାଇଥିଲା।

## ସୀତା ବିବାହ ଉତ୍ସବ ପାଳିତ

ଗଂଜାମ, ୨୧/୪ (ନି.ପ୍ର): - ଗଞ୍ଜାମ ଜିଲ୍ଲାର ପିତଳ ବଡ ସାହି ରଘୁନାଥ ମନ୍ଦିର ରେ ପାରମ୍ପରିକ ରୀତିନୀତି ରେ ମାତା ସୀତାଙ୍କ ସହ ପ୍ରଭୁ ରାମଚନ୍ଦ୍ରଙ୍କ ଲୌକିକ ଦୃଷ୍ଟିରେ ବିବାହ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଗତକାଲି ଠାରୁ ଚାରି ଦିନ ଧରି ସାହି ଯାତ ଅନୁଷ୍ଠିତ ହେଉଛି। ଏତତବ୍ୟତିତ ପିତଳ ରାଧା କୃଷ୍ଣ ମନ୍ଦିରରେ ମଧ୍ୟ ସୀତା ରାମଙ୍କ ସହ ଉତ୍ସବ ଭୋଜି ଭାତ ଓ ପ୍ରସାଦ ସେବନର ଆୟୋଜନ କରା ଯାଇଥିଲା ।

## ବିଦେଶୀ ମଦ ଚାଲାଣ ବେଳେ ଚଢାଉ

ଜୟପୁର, ୨୧/୪ (ନି.ପ୍ର): - ବିଦେଶୀ ମଦ ଚାଲାଣ ବେଳେ ଜୟପୁର ଅବକାରୀ ନିରିକ୍ଷକ କାର୍ଯ୍ୟାଳୟ ତରଫରୁ ଆଜି ଚଢାଉ କରି ଦୁଇ ଅଭିଯୁକ୍ତକୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ମାନେ ହେଲେ ଝାଡଖଣ୍ଡର ମୁକେଶ ପ୍ରସାଦ ଓ ମନୋଜ ସାହୁ (୪୪) ଜୟପୁର ଅବକାରୀ ନିରିକ୍ଷକ କାର୍ଯ୍ୟାଳୟ ସୁଚନା ଅନୁଯାଇ ବିଦେଶୀ ମଦ ଚାଲାଣ ହେଉଥିବା ସୂଚନା ପାଇ କୋଟପାଡ ଥାନା ଅନ୍ତର୍ଗତ ବତାସନା ଗ୍ରାମ ରାସ୍ତାରେ ଅପେକ୍ଷା କରିଥିଲା । ଅମିନି ଭ୍ୟାନରେ ଚାଲାଣ ହେଉଥିବା ବେଳେ ଚଢାଉ କରି ବିୟର, ବିଦେଶୀ ମଦ, ଆଇଏମଏଫଏଲ ଜବତ କରିଛି । କୋଟପାଡ ଅବକାରି ଥାନା ସହଯୋଗରେ ଜୟପୁର ଅବକାରି ନିରିକ୍ଷକ କାର୍ଯ୍ୟାଳୟ ତରଫରୁ ଚଢାଉ କରାଯାଇଛି ।୨ ଅଭିଯୁକ୍ତ କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ବିଷୟ ଜୟପୁର ଅବକାରି ନିରିକ୍ଷକ ଶଶି କାନ୍ତ ଦତ ସୂଚନା ଦେଇଛନ୍ତି ।

## ଧର୍ମ ପରାୟଣା ମହିଳାଙ୍କ ପରଲୋକ

କୋରେଇ, ୨୧/୪ (ନି.ପ୍ର): - ପାଣିକୋଇଲି ପଂଚାୟତ ଅନ୍ତର୍ଗତ ଅଳତିରି ଗ୍ରାମର ଜଣେ ଧର୍ମପରାୟଣା ମହିଳା ଭାଗିରଥି ସିଂ(୭୯)ଙ୍କ ଶୁକ୍ରବାର ବିଳମ୍ବିତ ରାତିରେ ପରଲୋକ ଘଟିଛି। ସ୍ୱର୍ଗତା ସିଂଙ୍କ ସ୍ୱାମୀ ରାମନନ୍ଦ ସିଂ ଗତ ବର୍ଷ ଜୁନ ୧ ତାରିଖରେ ପରଲୋକ ଗମନ କରିବା ପରେ ଭାଗିରଥି ପକ୍ଷାଘାତ ରୋଗରେ ଶଯ୍ୟାଶାୟୀ ହୋଇପଡ଼ିଥିଲେ। ତେବେ ଶୁକ୍ରବାର ରାତି ସାଢେ ଗୋଟାଏ ବେଳେ ତାଙ୍କର ପରଲୋକ ଘଟିଥିଲା। ସ୍ୱର୍ଗତା ସିଂ ନିଜ ସ୍ୱାମୀଙ୍କ ସହିତ ବିହାର ରାଜ୍ୟରୁ ଆସି ୧୯୬୨ ମସିହାରୁ ପାଣିକୋଇଲିରେ ସ୍ଥାୟୀ ଭାବେ ରହି ଆସୁଥିଲେ। ସେ ଜଣେ ଧର୍ମପରାୟଣା ଓ ପରୋପକାରୀ ମହିଳା ଭାବେ ସ୍ଥାନୀୟ ଅଂଚଳରେ ଜଣାଶୁଣା ଥିଲେ। ତାଙ୍କର ଶେଷ ଶଯ୍ୟାରେ ଦିଅର ସର୍ବେଶ୍ୱରଙ୍କ ସମେତ ସମସ୍ତ ବନ୍ଧୁ ପରିଜନ,ଝିଅ,ଜ୍ୱାଇଁ ଉପସ୍ଥିତ ଥିଲେ। ଶନିବାର ଦିନ ସକାଳେ ବାରୁଣୀ ମହାଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା।

# ଚାନ୍ଦବାଲି ବିଧାନସଭା ନିର୍ବାଚନ ମଣ୍ଡଳୀରେ ରୋଚକ ମୋଡ ନେଉଛି ରାଜନୀତି

ଭଦ୍ରକ୨୧/୪ (ନି.ପ୍ର): ୨୦୦୯ ମସିହାରେ ଚାନ୍ଦବାଲି ବିଧାନସଭା ନିର୍ବାଚନ ମଣ୍ଡଳୀର ପୁନଃ ସୀମା ନିର୍ଧାରଣ ହୋଇଥିଲା। ଏହା ପୂର୍ବରୁ ଧାମରା ୮ପଂଚାୟତ ବାସୁଦେବପୁର ନିର୍ବାଚନ ମଣ୍ଡଳୀରେ ସାମିଲ ହୋଇଥିବା ବେଳେ ୨୦୦୯ ମସିହାରେ ଏହାର ପୁନଃ ସୀମା ନିର୍ଧାରଣ କରାଯାଇଥିଲା। ଏହି ସୀମା ନିର୍ଧାରଣରେ ଧାମରା ୮ପଂଚାୟତ ବାସୁଦେବପୁର ନିର୍ବାଚନ ମଣ୍ଡଳୀରୁ କଟିବା ପରେ ଚନ୍ଦବାଲି ନିର୍ବାଚନ ମଣ୍ଡଳୀରେ ଯୋଡି ହୋଇଥିଲା। ଫଳରେ ଚାନ୍ଦବାଲି ନର୍ବାଚନ ମଣ୍ଡଳୀରେ ପଂଚାୟତ ସଂଖ୍ୟା ବୃଦ୍ଧି ପାଇ ୪୧ ରେ ପହଂଚିଥିଲା। ୨୦୦୯ ମସିହାରେ ହୋଇଥିବା ବିଧାନସଭା ନିର୍ବାଚନରେ ୧ଲକ୍ଷ ୯୬ହଜାର ୫୩୯ଭୋଟରଙ୍କ ମଧ୍ୟରୁ ୧ଲକ୍ଷ ୩୪ହଜାର ୨୦୩ଜଣ ମତଦାତା ସେମାନଙ୍କ ର ମତଦାନ କରିଥିଲେ। ଏହି ନିର୍ବାଚନରେ ବିଜୁ ଜନତା ଦଳ ସମର୍ଥିତ ବିଜୟ ନାୟକ ୫୮ହଜାର ୪୬୭ଖଣ୍ଡ ଭୋଟ ପାଇ ବିଧାନ ସଭାକୁ ନିର୍ବାଚିତ ହୋଇଥିଲେ। ନିଜର ନିକଟତମ ପ୍ରତିଦ୍ୱନ୍ଦି ଜାତୀୟ କଂଗ୍ରେସ ଦଳର ପ୍ରାର୍ଥୀ ଅମୀୟ କୁମାର ମହାପାତ୍ର ୫୦ହଜାର ୮୫୪ଖଣ୍ଡ ଭୋଟ ପାଇ ଦ୍ୱିତୀୟ ସ୍ଥାନରେ ଏବଂ ଭାରତୀୟ ଜନତା ପାର୍ଟି ସମର୍ଥିତ ପୂର୍ଣ୍ଣଚନ୍ଦ୍ର ପାଣି ୧୪ହଜାର ୭୮୪ଖଣ୍ଡ ଭୋଟ ହାତେଇଥିଲେ। ୨୦୧୪ ନିର୍ବାଚନରେ ବିଜୁ ଜନତା ଦଳ ସମର୍ଥିତ ପ୍ରାର୍ଥୀ ବ୍ୟୋମକେଶ ରାୟ ୬୮ହଜାର ୫୫୭ଖଣ୍ଡ ଭୋଟ ପାଇ ବିଧାନସଭାକୁ ନିର୍ବାଚିତ ହୋଇଥିବା ବେଳେ ଦ୍ୱିତୀୟସ୍ଥାନରେ ଭାରତୀୟ ଜାତୀୟ କଂଗ୍ରେସ ସମର୍ଥିତ ଅମୀୟ କୁମାର ମହାପାତ୍ର୪୩୬୬୭୪ଖଣ୍ଡ ଭୋଟ ପାଇଥିବା ବେଳେ ଭାରତୀୟ ଜନତା ପାର୍ଟି ସମର୍ଥିତ ମନମୋହନ ସାମଲ୩୮୯୫୨ଖଣ୍ଡ ଭୋଟ ପାଇଥିଲେ। ସେହିପରି ୨୦୧୯ ମସିହା ନିର୍ବାଚନରେ ବିଜୁ ଜନତା ଦଳର ପ୍ରାର୍ଥୀ ବ୍ୟୋମକେଶ ରାୟ ୭୭୩୧୩ଖଣ୍ଡ ଭୋଟ ପାଇ ବିଜୟୀ ହୋଇଥିବା ବେଳେ ଦ୍ୱିତୀୟ ସ୍ଥାନରେ ଭାରତୀୟ ଜନତା ପାର୍ଟି ସମର୍ଥିତ ମନମୋହନ ସାମଲ୬୯୨୩୩ଖଣ୍ଡ ଭୋଟ ଏବଂ ତୃତୀୟ ସ୍ଥାନରେ ଭାରତୀୟ ଜାତୀୟ କଂଗ୍ରେସ ଦଳ ର ପ୍ରାର୍ଥୀ ଦିଗମ୍ବର ଦାସ ୩୦୧୪୬ଖଣ୍ଡ ଭୋଟ ପାଇଥିଲେ। ଚଳିତ ନିର୍ବାଚନରେ ବିଜୁ ଜନତା ଦଳ ସମର୍ଥିତ ବ୍ୟୋମକେଶ ରାୟ ଦଳରୁ ପ୍ରାର୍ଥୀ ହୋଇଥିବା ବେଳେ ଅମୀୟ କୁମାର ମହାପାତ୍ର ଭାରତୀୟ ଜାତୀୟ କଂଗ୍ରେସ ରୁ ଏବଂ ଭାରତୀୟ ଜନତା ପାର୍ଟିରୁ ରାଜ୍ୟ ସଭାପତି ମନମୋହନ ସାମଲ ପ୍ରାର୍ଥି ହୋଇଛନ୍ତି। ୨୦୦୯ ମସିହାରୁ ୨୦୧୪ ମସିହା ପର୍ଯ୍ୟନ୍ତ ଭାରତୀୟ ଜାତୀୟ କଂଗ୍ରେସର ଭୋଟ ହାର କ୍ରମାନ୍ୱୟରେ କମି କମି ଚାଲିଛି। ଚଳିତ ନିର୍ବାଚନ ପରିପ୍ରେକ୍ଷୀରେ ଭାରତୀୟ ଜାତୀୟ କଂଗ୍ରେସର ଅମୀୟ କୁମାର ମହାପାତ୍ର, ଦିଗମ୍ବର ଦାସ, ମନୋଜ ବିଶ୍ୱାଳ ଏବଂ ସତ୍ୟାନନ୍ଦ ରାଉତ ନିଜ ନିଜର ଲବିରେ ଥିବା ବେଳେ ଏଆଇସିସି ଅମୀୟ କୁମାର ମହାପାତ୍ର ଙ୍କୁ ଦଳ ପାଇଁ ପ୍ରାର୍ଥି ଘୋଷଣା କରିଥିଲା। ସାଧାରଣ ଜନତା ଙ୍କ ଆଶା ଆକାଂକ୍ଷାକୁ ଦୃଷ୍ଟିରେ ରଖି ଦଳ ମଧ୍ୟରେ ମନ ମାଳିନ୍ୟ ଅଛି ବୋଲି ସାଧାରଣ ଜନତା ଆଶା କରୁଥିବା ବେଳେ ଏହାର ବ୍ୟତିକ୍ରମ ଦେଖା ଦେଇଛି। ଦଳମତ ନିର୍ବିଶେଷରେ ସମସ୍ତ ଆଶାୟୀ ପ୍ରାର୍ଥୀ ନିଜ ନିଜ ମଧ୍ୟରେ ସମନ୍ୱୟ ରଖି ସମସ୍ତ ସଭା ସମିତିରେ ଦେଖିବାକୁ ମିଳୁଛି । ଫଳରେ ଚଳିତ ନିର୍ବାଚନ ଏକ ରୋଚକ ମୋଡ ନେବାକୁ ବସିଛି ବୋଲି ସାଧାରଣରେ ଚର୍ଚ୍ଚା ଚାଲିଛି । କଂଗ୍ରେସ ଦଳର ସମସ୍ତ ଆଶାୟୀ ନିଜ ନିଜ ଜୋଷରେ ଦଳ ପାଇଁ କାର୍ଯ୍ୟ କରିବାକୁ ବସିଥିବା ବେଳେ ଧାମରା ୮ପଂଚାୟତର ୪୨ହଜାରରୁ ଉର୍ଦ୍ଧ ଭୋଟର ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବେ ବୋଲି କଂଗ୍ରେସ ଦଳ ଆଶାବାଦୀ ଅଛି। ଚାନ୍ଦବାଲି ନିର୍ବାଚନ ମଣ୍ଡଳୀରେ ବିଜୁ ଜନତା ଦଳର ଦଳ ବଦଳ ଏବଂ ଗୋଷ୍ଠୀ କନ୍ଦଳ କଂଗ୍ରେସ ପାଇଁ ଫାଇଦା ହେବ ବୋଲି ବୁଦ୍ଧିଜିବୀ ମହଲରେ ପ୍ରକାଶ ପାଇଛି। ସେହିପରି ଭାରତୀୟ ଜନତା ପାର୍ଟି ଭୋଟ ହାର ୨୦୦୯ ମସିହାରୁ ଆଜି ପର୍ଯ୍ୟନ୍ତ କ୍ରମାଗତ ଭାବେ ବୃଦ୍ଧି ପାଇ ଚାଲିଥିବା ବେଳେ ଚଳିତ ନିର୍ବାଚନରେ ଦଳ ନିଶ୍ଚିତ ଭାବେ ଶାସନ କ୍ଷମତାକୁ ଆସିବ ବୋଲି ଆଶାବାଦୀ। ୨୦୨୪ ମସିହାରେ ସମୁଦାୟ ଭୋଟର ସଂଖ୍ୟା ୨ଲକ୍ଷ ୫୧୨୯୬ ମଧ୍ୟରୁ ପୁରୁଷ ୧ଲକ୍ଷ୩୧୧୬୦ ଏବଂ ମହିଳା ଭୋଟର ୧ଲକ୍ଷ ୨୦୧୧୭ଜଣ ଏବଂ ତୃତୀୟ ଲିଙ୍ଗଙ୍କ ଭୋଟର ସଂଖ୍ୟା ୧୯ଜଣ। ଏହି ସମସ୍ତ ତଥ୍ୟ ବିଚାରକୁ ନେଲେ ଚଳିତ ନିର୍ବାଚନରେ ଅତିବେଶୀରେ ୭୫ଶତକଡା ମତଦାନ ହେଲେ ମୋଟ ୧ଲକ୍ଷ ୯୦ହଜାର ଭୋଟର ସେମାନଙ୍କ ମତଦାନ କରିବେ।

## ଗଞ୍ଜେଇ ଚାଲାଣ ମାମଲା: ଦୁଇ ଅଭିଯୁକ୍ତଙ୍କୁ ୧୦ ବର୍ଷ ଜେଲ୍

ଗଞ୍ଜାମ, ୨୧/୪ (ନି.ପ୍ର): ଗଞ୍ଜେଇ ଚାଲାଣ ମାମଲାର ଶୁଣାଣି କରି ଆବଶ୍ୟକ ସାକ୍ଷ୍ୟ, ପ୍ରମାଣ ଥିବାରୁ ବ୍ରହ୍ମପୁର ଏଡିଜେ-୧ ଡା. ଇନ୍ଦୁ ଶର୍ମା ଦୁଇ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି । ସେମାନେ ହେଲେ ଉତରପ୍ରଦେଶ ବାରାଣାସୀର ଚାନ୍ଦ ଅହମ୍ମଦ ଓ ମହମ୍ମଦ ଅକିଲ । କୋର୍ଟ ଉଭୟଙ୍କୁ ୧୦ ବର୍ଷ ଲେଖାଏଁ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିବା ସହ ୧ ଲକ୍ଷ ଟଙ୍କା ଲେଖାଏଁ ଜୋରିମାନା ଦେବାକୁ ରାୟ ଦେଇଛନ୍ତି । ଜୋରିମାନା ଅନାଦୟେ ୧ ବର୍ଷ ଜେଲ୍ ଦଣ୍ଡ ଭୋଗିବାକୁ ହେବ ବୋଲି ରାୟରେ ନିର୍ଦ୍ଦେଶ ଦେଇଛନ୍ତି କୋର୍ଟ ।

## ଗୁପ୍ତକ୍ଷେତ୍ର ସଖୀବଟରେ ବିଶ୍ୱଶାନ୍ତି ମହାଯଜ୍ଞର ଶୁଭାରମ୍ଭ

କେନ୍ଦ୍ରାପଡ଼ା, ୨୧/୪ (ନି.ପ୍ର): ତୁଳସୀକ୍ଷେତ୍ରର ଶ୍ରୀ ବଳଦେବ ସଂସ୍କୃତି ଅନ୍ତର୍ଗତ ପ୍ରସିଦ୍ଧ ଗୁପ୍ତକ୍ଷେତ୍ର ସଖୀବଟରେ ଦ୍ୱାବିଂଶତମ ବିଶ୍ୱଶାନ୍ତି ମହାଯଜ୍ଞ ଭବ୍ୟ ପରିବେଶରେ ଆରମ୍ଭ ହୋଇଛି। ବୁଧବାର ପବିତ୍ର ଶ୍ରୀରାମ ନବମୀ ସନ୍ଧ୍ୟାରେ ଗରାପୁରସ୍ଥିତ ଶିବାନନ୍ଦ ଆଶ୍ରମର ଅଧକ୍ଷ ସ୍ୱାମୀ ଦିବ୍ୟସ୍ୱରୂପାନନ୍ଦ ସରସ୍ୱତୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଯଜ୍ଞର ଶୁଭାରମ୍ଭ କରିଥିଲେ। ପ୍ରଜ୍ଞାନ ମିଶନର ସହସମ୍ପାଦକ ସ୍ୱାମୀ ଅନିର୍ବାଣାନନ୍ଦ ଗିରି ମୁଖ୍ୟବକ୍ତା ଭାବେ ଯୋଗଦେଇ ସାମ୍ପ୍ରତିକ ସମାଜରେ ନୈତିକ ଅବକ୍ଷୟ ରୋକିବାକୁ ହେଲେ ଆଧାତ୍ମିକତାର ବ୍ୟାପକ ପ୍ରଚାରପ୍ରସାର ଆବଶ୍ୟକ ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ସ୍ୱାମୀ ବିଶ୍ୱରୂପାନନ୍ଦ ଗିରି ଓ ଯଜ୍ଞ କମିଟି ଉପଦେଷ୍ଟା ରଶ୍ମିରଞ୍ଜନ ରାଉତ ଯୋଗ ଦେଇଥିଲେ। ଟ୍ରଷ୍ଟବୋର୍ଡ ସଦସ୍ୟ ଅକ୍ଷୟ କୁମାର ପାଣିଙ୍କ ସମ୍ପାଦନାରେ ପ୍ରସ୍ତୁତ ଯଜ୍ଞ ସ୍ମରଣିକା 'ମୁକ୍ତଗାଥା'କୁ ଏହି ଅବସରରେ ଉନ୍ମୋଚନ କରାଯାଇଥିଲା। କମିଟି ମୁଖ୍ୟ ସଂଯୋଜକ ଇଂ ତୀର୍ଥବାସୀ ପଣ୍ଡା ସଭାରେ ଅଧକ୍ଷତା କରିଥିଲେ। ସହସମ୍ପାଦକ ଅଭୟ ପତ୍ରୀ ଓ ବୈଷ୍ଣବ ସ୍ୱାଇଁ ପତ୍ରିକା ଉନ୍ମୋଚନରେ ସହଯୋଗ କରିଥିଲେ। କୋଷାଧକ୍ଷ ପଣ୍ଡିତ ନରେନ୍ଦ୍ର ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ। ପୂର୍ବାହ୍ନରେ ଶ୍ରଦ୍ଧାଳୁଙ୍କ ଦ୍ୱାରା ଏକ ଦିବ୍ୟ କଳସ ଶୋଭାଯାତ୍ରା ଗ୍ରାମ ପରିକ୍ରମା କରିଥିଲା। ମଙ୍ଗଳବାର ଯଜ୍ଞର ଅଙ୍କୁରାରୋପଣ ଅବସରରେ ଏକ ଜିଲ୍ଲାସ୍ତରୀୟ ଆଧାତ୍ମିକ ନୃତ୍ୟ ପ୍ରତିଯୋଗିତା ଗୋକୁଳଚନ୍ଦ୍ର ସଂଗୀତ ସଦନ ପକ୍ଷରୁ ଅନୁଷ୍ଠିତ ହୋଇ ସଫଳ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିରେ ଜିଲ୍ଲାପରିଷଦ ସଦସ୍ୟ ରଶ୍ମିରଞ୍ଜନ ରାଉତ ଅତିଥିଭାବେ ଯୋଗ ଦେଇଥିବାବେଳେ ନୃତ୍ୟଗୁରୁ ଭାନୁପ୍ରିୟା ଖଟୁଆ ଓ ବିଷ୍ଣୁପ୍ରିୟା ସାମଲ ଯୋଗ ଦେଇଥିଲେ। ଏହି ଯଜ୍ଞ ଆଗାମୀ ସୋମବାର ଉଦଯାପିତ ହେବ। ପ୍ରତି ସନ୍ଧ୍ୟାରେ ପ୍ରବଚନ ଓ ଆକର୍ଷକ ଭଜନ ସମାରୋହ ଦେଖିବାକୁ ଶ୍ରଦ୍ଧାଳୁଙ୍କ ଭିଡ ଲାଗିରହିଛି।

## କେନ୍ଦ୍ରାପଡ଼ା ଅବକାରୀ ଅଧିକ୍ଷକ ଦେବୀ ପ୍ରସାଦ ମିଶ୍ର ନିଲମ୍ବିତ

କେନ୍ଦ୍ରାପଡ଼ା, ୨୧/୪ (ନି.ପ୍ର): କେନ୍ଦ୍ରାପଡ଼ା ଅବକାରୀ ଅଧିକ୍ଷକ ଦେବୀ ପ୍ରସାଦ ମିଶ୍ରଙ୍କୁ ନିଲମ୍ବନ କରାଯାଇଛି । ଲାଂଚ ମାଗୁଥିବାର ଏକ ଅଡ଼ିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ୍ ହେବା ପରେ ତାଙ୍କ ବିରୋଧରେ ଏହି ଅଭିଯୋଗ ଆସିଥିଲା । ବିଭାଗୀୟ ତଦନ୍ତ ପରେ ତାଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ।

# ଦୁଇ ପଂଚାୟତରେ ବିଜେଡି କର୍ମୀ ସମ୍ମିଳନୀ, ଆପଣଙ୍କ ଭଲପାଇବା ଦେଖି ମୁଁ ବିସ୍ମିତ : ସଞ୍ଜୀବ ମଲ୍ଲିକ

ଭଦ୍ରକ, ୨୧/୪ (ନି.ପ୍ର): ଆଜି ସନ୍ଧ୍ୟାରେ ବନ୍ତ ବ୍ଲକ ଅର୍ନ୍ତଗତ ବଡବର୍ଚ୍ଚିକୟାଁ ଓ କାଦବରାଙ୍ଗ ପଂଚାୟତରେ ବିଜେଡି କର୍ମୀ ସମ୍ମୀଳନି ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ଏହି କର୍ମୀ ସମ୍ମୀଳନି ଅନୁଷ୍ଠିତ ହୋଇଥିବା ବେଳେ ଏଠାକାର ଲୋକଙ୍କ ସ୍ନେହ, ଶ୍ରଦ୍ଧା ଓ ଭଲପାଇବାକୁ ଦେଖି ମୁଁ ବିସ୍ମିତ ବୋଲି କହିଁଛନ୍ତି ଭଣ୍ଡାରୀପୋଖରିର ବିଧାୟକ ପ୍ରାର୍ଥୀ ସଞ୍ଜୀବ କୁମାର ମଲ୍ଲିକ। ମୋ ପରିବାର ୬୦ବର୍ଷ ଧରି ଅଣ କଂଗ୍ରେସ ସହ ଲଢେଇ କରି ରାଜନୀତିରେ ରହିଛି। ମୁଁ ସେହି ପରିବାରର, ମୁଖ୍ୟମନ୍ତ୍ରୀ ଏଠାରୁ ମୋତେ ପ୍ରାର୍ଥୀ କରିଛନ୍ତି। ମୋତେ ବିଜୟୀ କରାଇଲେ ଆପଣମାନଙ୍କର ସେବା କରିବା ସହ ପ୍ରତିଶୃତି ମୁତାବକ ସମସ୍ତ କାର୍ଯ୍ୟ କରିବି। ଜିଲ୍ଲା ବିଜେଡି ଉପ-ସଭାପତି ତଥା ବରିଷ୍ଠ ବିଜେଡି ନେତା ପ୍ରଶାନ୍ତ ଦାଶଙ୍କ ସଭାପତିତ୍ୱରେ ଆୟୋଜିତ ଏହି କର୍ମୀ ସମ୍ମିଳନୀରେ ଜିଲ୍ଲା ପରିଷଦ ଅଧକ୍ଷ ପ୍ରଫୁଲ୍ଲ ଜେନା, ବନ୍ତ ବ୍ଲକ ଅଧକ୍ଷ ମନୋରଞ୍ଜନ ଘଡେଇ, ବ୍ଲକ ବିଜେଡି ସଭାପତି ଲକ୍ଷ୍ମୀକାନ୍ତ ମହାନ୍ତି, ଯୁବ ବିଜେଡି ସଭାପତି ସତ୍ୟ ସାଧନ ବେଜ, ବଡବର୍ଚ୍ଚିକୟାଁ ପ ।ୟତର ପୂର୍ବତନ ସରପ ବିଷ୍ଣୁ ମୋହନ ଜେନା, ବନ୍ତ ସମିତି ସଭ୍ୟ ପରମେଶ୍ୱର ବାରିକ ପ୍ରମୁଖ ଉପସ୍ଥିତ ରହି ନିର୍ବାଚନ ସମ୍ପର୍କିତ ବକ୍ତବ୍ୟ ପ୍ରଦାନ କରି ନବୀନ ପଟ୍ଟନାୟକଙ୍କୁ ଷଷ୍ଠଥର ମୁଖ୍ୟମନ୍ତ୍ରୀ କରିବାକୁ ହେଲେ ବିଧାୟକ ଓ ସାଂସଦ ପ୍ରାର୍ଥୀଙ୍କୁ ଶଂଙ୍ଖ ଚିହ୍ନରେ ଭୋଟ ଦେବାକୁ ନିବେଦନ କରିଥିଲେ। ସମ୍ମିଳନୀରେ ବହୁ ସଂଖ୍ୟାରେ ମହିଳାଙ୍କ ସମେତ ୫ଶହରୁ ଉର୍ଦ୍ଧ କର୍ମୀ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ଶ୍ରୀ ମଲ୍ଲିକଙ୍କୁ ଏକ ମୋଟର ସାଇକେଲ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇଥିଲା। ସେହିପରି କାଦବରାଙ୍ଗ ପ ।ୟତରେ ଅନୁଷ୍ଠିତ କର୍ମୀ ସମ୍ମିଳନୀକୁ ପୂର୍ବତନ ସରପ ଭାଗୀରଥି ସେଠୀ ସଭାପତିତ୍ୱ କରିଥିଲେ। ସେଠାରେ ଉପରୋକ୍ତ ଅତିଥି ଓ ପଦାଧିକାରୀଙ୍କ ସମେତ କାଦବରାଙ୍ଗ ସରପ ତପୋଇ ସେଠୀ, ସମିତି ସଭ୍ୟ ଦିପାରାଣୀ ଜେନା, ପୂର୍ବତନ ସମିତି ସଭ୍ୟ ରମେଶ ଚନ୍ଦ୍ର ପହି, କାଦବରାଙ୍ଗ ସେବା ସମବାୟ ସମିତିର ସଭାପତି ବାସୁଦେବ ଜେନା, ଯୁବନେତା ବିଷ୍ଣୁ ଦାସ ପ୍ରମୁଖ ଅତିଥି ଭାବେ ଯୋଗଦେଇ ନିଜ ନିଜର ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମକୁ ପରିଚାଳନାରେ ବସନ୍ତ ଖିଲାର, ସାଧବା ନନ୍ଦ ପଣ୍ଡା,ସନ୍ଧ୍ୟାରାଣୀ ମହାନ୍ତି, ମଞ୍ଜୁଲତା ପଣ୍ଡା, ଲକ୍ଷ୍ମୀଧର ପେଡି, ରୁଦ୍ରନାରାୟଣ ଜେନା, ବ୍ରଜ ରାଉତ, ବିଶ୍ୱମ୍ଭର ଜେନା ପ୍ରମୁଖ ସହଯୋଗ କରିଥିଲେ।

## ନନ୍ଦିନୀ ଦେବୀ ଉଚ୍ଚ ବିଦ୍ୟାଳୟ ପକ୍ଷରୁ ଗଣିତ ଓ ବିଜ୍ଞାନ କ୍ଲବ ର କର୍ମଶାଳା

ଘଟଗାଁ, ୨୧/୪ (ନି.ପ୍ର): ନନ୍ଦିନୀ ଦେବୀ ସରକାରୀ ଉଚ୍ଚ ବିଦ୍ୟାଳୟ କାନପୁର ପକ୍ଷ ରୁ ଗଣିତ ଓ ବିଜ୍ଞାନ, କ୍ଲବ ର କର୍ମଶାଳା ଅନୁଷ୍ଠିତ ହୋଇଯାଇଛି କ୍ଷ ଉକ୍ତ କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ଅବସର ପ୍ରାପ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶରତ କୁମାର ରାଉତ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବାବାଜି ଚରଣ ଜେନା ଓ କେଶବ ଚକ୍ର ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟ ପରିଚାଳନାରେ କମିଟି ସଭାପତି ମହେନ୍ଦ୍ର ଚକ୍ର ସଂଯୋଜନା କରିଥିବା ବେଳେ ଗଣିତ, ବିଜ୍ଞାନ ଓ ଓଲମ୍ପିଆଡରେ କୃତିତ୍ୱ ଅର୍ଜନ କରିଥିବା ଛତ୍ର ଛାତ୍ରୀ ମାନଙ୍କୁ ଅତିଥି ମାନେ ପୁରକୃତ କରିଥିଲେ । କାର୍ଯ୍ୟକ୍ରମକୁ ଶିକ୍ଷୟତ୍ରୀ ମୌସୁମୀ ରାଉତ, ଶ୍ରଦ୍ଧାଞ୍ଜଳି ମିଶ୍ର, ଦୃପ୍ତି ମୟୀ ରାଉତ, ସୁକନ୍ୟା ପହି ଓ ଶିକ୍ଷକ ସିଦ୍ଧାର୍ଥ ଶଙ୍କର ସାହୁ ପ୍ରମୁଖ ପରିଚାଳନା କରିଥିଲେ ।

## ମାଲକାନଗିରି ଜିଲ୍ଲାରେ ଏବେ ପ୍ରଚଣ୍ଡ ଗ୍ରୀଷ୍ମର ତାଣ୍ଡବ, ଦାଉ ସାଧୁଛି ପାଣି

ମାଲକାନଗିରି, ୨୧/୪ (ନି.ପ୍ର): ମାଲକାନଗିରି ଜିଲ୍ଲାରେ ଏବେ ପ୍ରଚଣ୍ଡ ଗ୍ରୀଷ୍ମର ତାଣ୍ଡବ। ଗୋଟିଏ ପଟେ ଗରମରେ ଲୋକେ ଆଉଟୁ ପାଉଟୁ ହେଉଥିବା ବେଳେ ଦାଉ ସାଧୁଛି ପାଣି। ଜିଲ୍ଲାର ସାତୋଟି ଯାକ ବ୍ଲକର ଅବସ୍ଥା ଅତି ସଂଗୀନ ରହିଛି। ପାଣି ପାଇଁ ଲୋକେ ଉହଳ ବିକଳ ହେଉଥିବା ବେଳେ ବିଭାଗ ପାଖରେ ସବୁ ଠିକ ଚାଲିଛି। ଜଳ ଓ ପରିମଳ ବିଭାଗ ଉପରିସ୍ଥ ଅଧିକାରୀଙ୍କୁ ଜିଲ୍ଲାରେ କେତେ ନଳକୂପ, କେତେ ପାଇପ ପାଣି ଲୋକଙ୍କୁ ଯୋଗାଇ ଦିଆଯାଉଛି ତାହାର ରିପୋର୍ଟ ଦେଉଛି।କିନ୍ତୁ କେତେ ଖରାପ ହୋଇ ପଡ଼ିଛି ତାହାର କୌଣସି ଖବର ଏହି ବିଭାଗ ନିକଟରେ ନାହିଁ। କାରଣ ପାଣିର ଉତ୍ସଗୁଡିକର ମରାମତି ଏବଂ ରକ୍ଷଣାବେକ୍ଷଣ ଦାୟୀତ୍ୱ ପଂଚାୟତ ବିଭାଗକୁ ଚାଲିଯାଇଛି ବୋଲି କୁହାଯାଉଛି। ଜଳ ଓ ପରିମଳ ବିଭାଗର ରିପୋର୍ଟ ଅନୁଯାୟୀ ଜିଲ୍ଲାର କାଳିମେଳା ବ୍ଲକରେ ରହିଥିବା ୨୩ଟି ପଂଚାୟତରେ ୧୪୫ଟି ରାଜସ୍ୱ ଗ୍ରାମ ରହିଥିବା ବେଳେ ୪୨୭ଟି ପଡ଼ା ଗ୍ରାମ ରହିଛି। ଏହାର ଲୋକ ସଂଖ୍ୟା ହେଲା ୧,୩୦,୯୪୬ ଜଣ। ଏହି ବ୍ଲକରେ ନଳକୂପ ଓ କୂପର ସଂଖ୍ୟା ହେଲା ୨୫୬୭ଟି। ସେହିପରି ୭୬ ପାଇପ ଯୋଗେ ଜଳ ଯୋଗାଣ କରାଯାଉଛି ଏବଂ ୭୮ଟି ସୋଲାର ପ୍ରୋଜେକ୍ଟ ଚାଲିଛି ବୋଲି କୁହାଯାଉଛି। ସେହିପରି ଚିତ୍ରକୋଣ୍ଡା ବ୍ଲକର ୧୮ ପଂଚାୟତରେ ୫୯,୮୫୭ ଜଣ ଲୋକଙ୍କ ପାଇଁ ମୋଟ ୧୯୨୧ଟି ନଳକୂପ ଓ କୂପ ରହିଥିବା ବେଳେ ୫୨ଟି ସ୍ଥାନରେ ପାଇପ ଯୋଗେ ପାଣି ଯୋଗାଣ ହେଉଛି। ସେହିପରି ୩୧ଟି ସ୍ଥାନରେ ସୋଲାର ଯୋଗେ ପାଣି ଦିଆଯାଉଛି। ଖଇରପୁଟ ବ୍ଲକର ୧୧ଟି ପଂଚାୟତରେ ୫୭,୩୭୦ ଲୋକଙ୍କ ପାଇଁ ୧୫୩୫ ଟି ନଳକୂପ ଓ କୂପ ରହିଥିବା ବେଳେ ପାଇପ ଯୋଗେ ୭୮ଟି ଗାଁକୁ ପାଣି ଯୋଗାଇ ଦିଆଯାଉଛି।ସେହିପରି ସୋଲାର ପ୍ରୋଜେକ୍ଟ ଦ୍ୱାରା ୪୪ଟି ସ୍ଥାନରେ ଜଣ ଯୋଗାଣ ହେଉଛି। କୋରକୋଣ୍ଡାର ୧୨ଟି ପଂଚାୟତରେ ବାସ କରୁଥିବା ୭୩୮୮୩ ଜଣ ଲୋକଙ୍କ ପାଇଁ ୧୪୯୩ଟି ନଳକୂପ ଓ କୂପ ରହିଛି। ପାଇପ ଯୋଗେ ୪୨ଟି ସ୍ଥାନରେ ଏବଂ ସୋଲାର ପ୍ରୋଜେକ୍ଟ ଦ୍ୱାରା ୫୪ଟି ସ୍ଥାନରେ ଜଳ ଯୋଗାଣ ହେଉଛି। ମାଲକାନଗିରି ବ୍ଲକରେ ୧୯ଟି ପଂଚାୟତରେ ବାସ କରୁଥିବା ୧,୦୨,୧୨୧ ଲୋକଙ୍କ ପାଇଁ ୨୨୯୫ଟି ନଳକୂପ ଓ କୂପ ରହିଥିବା ବେଳେ ୫୩ଟି ପାଇପ ଜଳ ଯୋଗାଣ ରହିଛି।

# କେନ୍ଦ୍ରାପଡାରେ କଂଗ୍ରେସର ଶକ୍ତି ପ୍ରଦର୍ଶନ : ବିଶାଳ ବାଇକ ର୍ୟାଲିରେ ଦଳୀୟ ପ୍ରାର୍ଥୀଙ୍କ ସହର ପରିକ୍ରମା

କେନ୍ଦ୍ରାପଡ଼ା, ୨୧/୪ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା କଂଗ୍ରେସ ତରଫରୁ ଏକ ବିଶାଳ ଶୋଭାଯାତ୍ରା ଦୁହୁରିଆ ଠାରୁ ବାହାରି ଇଛାପୁର ଶ୍ରୀ ବଳଦେବଜୀଉ ମନ୍ଦିର ପର୍ଯ୍ୟନ୍ତ ଯାଇଥିଲା । ଆଗାମୀ ୨୦୨୪ ସାଧାରଣ ନିର୍ବାଚନ ପାଇଁ କଂଗ୍ରେସ ତରଫରୁ ଆୟୋଜନ କରାଯାଇ ଥିବା ଏହି ଶୋଭାଯାତ୍ରା ରେ କଂଗ୍ରେସର ପୂର୍ବତନ ବିଧାୟକ ଙ୍କ ଠାରୁ ଆରମ୍ଭ କରି ସରପଂଚ ଙ୍କ ପର୍ଯ୍ୟନ୍ତ ବହୁ କର୍ମୀ ଓ ନେତା ଏଥିରେ ଅଂଶ ଗ୍ରହଣ କରିଥିଲେ । ପ୍ରାୟ ୧୦୦୦ ରୁ ଉର୍ଦ୍ଧ୍ୱ ଏକ ମଟର ସାଇକେଲ ଶୋଭାଯାତ୍ରା ନେଇ ସହର ପରିକ୍ରମା କରିଥିଲେ । ଜିଲ୍ଲା କଂଗ୍ରେସ ତରଫରୁ ଆୟୋଜିତ ଏହି ଶୋଭାଯାତ୍ରା ରେ ଜିଲ୍ଲା ସଭାପତି ଲୋକନାଥ ମହାରଥୀ, ଲୋକସଭା ପ୍ରାର୍ଥୀ ସିଦ୍ଧାର୍ଥ ସ୍ୱରୂପ ଦାଶ, ଆଳି ବିଧାୟିକା ପ୍ରାର୍ଥିନୀ ଦେବସ୍ମିତା ଶର୍ମା, ପାଟକୁରା ର ପ୍ରାର୍ଥୀ ରତିକାନ୍ତ କାନୁନ୍‌ଗୋ, ପୂର୍ବତନ ବିଧାୟକ ଦେବେନ୍ଦ୍ର ଶର୍ମା, ସିପ୍ରା ମଲିକ, ଚିନ୍ମୟ ବେହୁରା, ଅଶୋକ ପଢିଆରୀ, କଂଗ୍ରେସ ମୁଖପାତ୍ର ପ୍ରଫୁଲ୍ଲ ଦାସ, ଯୁବନେତା ରିଙ୍କୁ ଲେଙ୍କାଙ୍କ ସମେତ ବହୁ ସଂଖ୍ୟକ କଂଗ୍ରେସ କର୍ମୀ ଓ ନେତାମାନେ ସହର ପରିକ୍ରମା କରି ଜନ ସାଧାରଣଙ୍କୁ ଆଗାମୀ ନିର୍ବାଚନରେ କଂଗ୍ରେସ କୁ ଭୋଟ ଦେବାପାଇଁ ନିବେଦନ କରିଥିଲେ । ଶୋଭାଯାତ୍ରାଟି ସହର ପରିକ୍ରମା କଲାବେଳେ ବିଭିନ୍ନ ଛକ ମାନଙ୍କରେ କଂଗ୍ରେସ ନେତା ମାନଙ୍କୁ ବ୍ୟାପକ ସମ୍ବର୍ଦ୍ଧନା ଦିଆ ଯାଇଥିଲା । ପୁରୁଣା ବସଷ୍ଟାଣ୍ଡ ଠାରେ ଥିବା ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ଓ ଅନ୍ୟ ମହାପୁରୁଷ ମାନଙ୍କ ପ୍ରତିମୂର୍ତ୍ତିରେ ସାଂସଦ ପାର୍ଥୀ ସିଦ୍ଧାର୍ଥ ସ୍ୱରୂପ ଦାସ ପୁଷ୍ପମାଲ୍ୟ ଅର୍ପଣ କରି ସମ୍ମାନ ପ୍ରଦର୍ଶନ କରିଥିଲେ । ଆୟୋଜିତ ଏହି କାର୍ଯ୍ୟକ୍ରମ ରେ ଜିଲ୍ଲାର ୫ଟି ବିଧାନସଭା କ୍ଷେତ୍ର ର ପ୍ରାର୍ଥୀ ଓ ଆଶାୟୀ ପ୍ରାର୍ଥୀ ନିଜ ନିଜର କର୍ମୀ ମାନଙ୍କ ସହ ବହୁ ସଂଖ୍ୟାରେ ଯୋଗ ଦେଇଥିବାରୁ ଏହି ବିଶାଳ ଶୋଭାଯାତ୍ରା ଦୁହୁରିଆ ଠାରୁ ବାହାରି ସହରର ମୁଖ୍ୟ ସଡକ ଦେଇ ପ୍ରାୟ ରାତି ୮ଟା ସମୟରେ ଶ୍ରୀ ବଳଦେବଜୀଉ ମନ୍ଦିର ନିକଟରେ ପହଁଚିଥିଲା । ନେତୃ ମଣ୍ଡଳୀ ଶ୍ରୀ ଜୀଉ ମାନଙ୍କ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରିଥିଲେ । ଇଛାପୁରରେ ଏହି ନେତା ମାନଙ୍କୁ କଂଗ୍ରେସ କର୍ମୀ ମାନେ ସମ୍ବର୍ଦ୍ଧିତ କରିଥିବା ଜଣାପଡିଛି ।

ଧ୍ୱନି ପ୍ରତିଧ୍ୱନି



# ଘରେ ସହଜରେ କରନ୍ତୁ ଥାଇରଏଡ୍ ଚିକିତ୍ସା




ଥାଇରଏଡ ବା ଗଳଗ୍ରନ୍ଥି ଏକ ହର୍ମୋନାଲ ରୋଗ । ଗଳାର ଉଭୟ ପାର୍ଶ୍ୱରେ ପ୍ରଜାପତି ଆକୃତିର ଥାଇରଏଡ ଗ୍ରନ୍ଥି ଅଛି । ଏଥିରୁ ଟି-୩-୪ଟି ହର୍ମୋନ ନିର୍ଗତ ହୁଏ । ଯାହା ଶରୀରର ଅନେକ କାର୍ଯ୍ୟକୁ ନିୟନ୍ତ୍ରଣ କରିଥାଏ । କିନ୍ତୁ, ଯେତେବେଳେ ଏହି ହରର୍ମୋନ ବ୍ୟାଘାତ ହୁଏ , ସେତେବେଳେ ଥାଇରଏଡ ସମସ୍ୟା ଆରମ୍ଭ ହୁଏ । ଆଜିକାଲି ଥାଇରଏଡ ସମସ୍ୟା ଅଧିକାଂଶ ଲୋକଙ୍କଠାରେ ଦେଖିବାକୁ ମିଳୁଛି । ବିଶେଷ କରି ପୁରୁଷଙ୍କ ଅପେକ୍ଷା ମହିଳାଙ୍କଠାରେ ୫ଗୁଣ ଅଧିକ ଏହି ରୋଗ ଦେଖିବାକୁ ମିଳିଥାଏ । ଥାଇରଏଡ ସମସ୍ୟାରୁ ମୁକ୍ତି ପାଇବା ପାଇଁ ଉଭୟ ପୁରୁଷ ଓ ମହିଳା ଔଷଧ ସେବନ କରୁଛନ୍ତି । କିନ୍ତୁ କିଛି ଘରୋଇ ଉପଚାର ମାଧ୍ୟମରେ ଥାଇରଏଡକୁ ନିୟନ୍ତ୍ରଣ କରାଯାଇପାରେ । ଜାଣନ୍ତୁ ସେଗୁଡିକ କ'ଣ ?

### ଘରୋଇ ଉପଚାର :

***ଅଦା*** – ଆୟୁର୍ବେଦବିତଙ୍କ ମତରେ ଅଦାରେ ପୋଟାସିୟମ ଓ ମ୍ୟାଗ୍ନେସିୟମ ପରି ଖଣିଜ ପଦାର୍ଥ ଭରି ରହିଛି , ଯାହା ପ୍ରବାହକୁ ମୁକାବିଲା କରିବାରେ ସାହାର୍ଯ୍ୟ କରିଥାଏ । ଥାଇରଏଡକୁ ନିୟନ୍ତ୍ରଣ କରିବା ଲାଗି ଅଦା ଚା' ପି ପାରିବେ । ଏଥି ସହିତ ଅଦା ରସକୁ ଏକ ଚାମଚରେ କାଢି ଏଥିରେ ଅଳ୍ପ ମହୁ ମିଶାଇ ସେବନ କରିପାରିବେ ।

***ବାଦାମ*** – ବାଦାମରେ ପ୍ରୋଟିନ୍, ଫାଇବର, ମିନେରାଲ, ସେମେନିୟମ୍ ରହିଛି । ଯାହାକି ଥାଇରଏଡ୍ ଲାଗି ଖୁବ୍ ଫଳପ୍ରଦ । ଏଥି ସହିତ ମ୍ୟାଗ୍ନେସିୟମ ମଧ୍ୟ ପ୍ରଚୁର ମାତ୍ରାରେ ରହିଛି, ଯାହା ଥାଇରଏଡ୍ ଗ୍ରନ୍ଥିକୁ ଠିକ୍ ଭାବରେ କାମ କରିବାରେ ସହାୟ କରିଥାଏ ।

***କ୍ଷୀର*** – କ୍ଷୀର, ପନିର ଓ ଦହିରେ ଆୟୋଡିନ୍ ମାତ୍ରା ଅଧିକ ରହିଛି, ଏହା ଥାଇରଏଡକୁ ନିୟନ୍ତ୍ରଣ କରିବାରେ ସହାୟତା ପ୍ରଦାନ କରିଥାଏ । ଏହି କାରଣରୁ ଡାଏଟରେ ଆବଶ୍ୟକ ମୁତାବକ କ୍ଷୀର ଓ କ୍ଷୀରରେ ପ୍ରସ୍ତୁତ ପଦାର୍ଥ ସାମିଲ କରିପାରିବେ ।

***ସେଓ ସିରକା*** – ସେଓ ସିରକା ହରମୋନ୍ ସନ୍ତୁଳନ ରକ୍ଷା କରିବାରେ ସହାୟତା କରିଥାଏ । ଏହା ଶରୀରର ବାତାବରଣକୁ କ୍ଷାରୀୟ କରିବାରେ ସାହାଯ୍ୟ କରିବା ସହ ମେଟାବଲିଜମକୁ ବଢାଇଥାଏ । ପ୍ରତିଦିନ ସେଓ ସିରକାକୁ ମହୁ ପାଣିରେ ମିଶାଇ ସକାଳୁ ଖାଲି ପେଟରେ ଦୁଇ ଚାମଚ ପିଇଲେ ଥାଇରଏଡ୍ କଣ୍ଟ୍ରୋଲ ହୋଇଥାଏ ।

***ନଡିଆ ତେଲ*** – ନଡିଆ ତେଲରେ ଫ୍ୟାଟ୍ ଏସିଡ୍ ରହିଛି । ଯାହା ଥାଇରଏଡ ଗ୍ରନ୍ଥିର କାର୍ଯ୍ୟରେ ସାହାଯ୍ୟ କରିଥାଏ । ଏହା ବ୍ୟତୀତ ନଡିଆ ତେଲରେ ମେଟାବଲିଜମ୍ ବୃଦ୍ଧି ପାଇଥାଏ ଏବଂ ଓଜନ ହ୍ରାସ କରିବାରେ ସାହାଯ୍ୟ କରେ ।







# ଦୋକାନର କ୍ୟାସ୍ କାଉଣ୍ଟର କେଉଁ ଦିଗରେ ରହିଲେ ମିଳିବ ଭଲ ଲାଭ, ଜାଣନ୍ତୁ କ'ଣ କହୁଛି ବାସ୍ତୁ

ଦୋକାନ ଖୋଲିଥିବା ପ୍ରତ୍ୟେକ ବ୍ୟକ୍ତିଙ୍କର ଆଶା ଥାଏ କିପରି ବ୍ୟାପାର ଠିକ ରୂପେ ଚାଲିବ ଓ ସର୍ବଦା ଗ୍ରାହକଙ୍କ ଭିଡ଼ ଲାଗି ରହିବ । କିନ୍ତୁ ଏହିଭଳି ଭାଗ୍ୟ ସମସ୍ତଙ୍କର ହୋଇନଥାଏ । ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ସତ୍ତ୍ୱେ କିଛି ଏପରି କିଛି ଦୋକାନ ରହିଛି, ଯେଉଁଠି ଦିନ ସାରା ବସିବା ପରେ ମଧ ଗ୍ରାହକ ଦୋକାନକୁ ଆସିନଥାନ୍ତି । ଏପରି କ୍ଷେତ୍ରରେ ହୁଏତ ଦୋକାନରେ କିଛି ବାସ୍ତୁ ଦୋଷ ଥାଇପାରେ । ଆଜି ଆମେ ଆପଣଙ୍କୁ କିଛି ଉପାୟ ବିଷୟରେ କହିବୁ, ଯାହାକୁ ଫଲୋ କଲେ ଦୋକାନ କରି ଆପଣ ହୋଇଯିବେ ମାଲାମାଲ ।

୧-ବାସ୍ତୁ ଅନୁଯାୟୀ, ଯେଉଁ ଦୋକାନର ମୁହଁ ପୂର୍ବ ଦିଗକୁ ହୋଇଥାଏ, ତାହା ସବୁଠୁ ଅଧିକ ଲାଭ ଦେଇଥାଏ । ଏହି ଦୋକାନର ଆୟ ବହୁତ ଭଲ ହୋଇଥାଏ । ସେହିପରି ଦକ୍ଷିଣ ମୁହାଁ ଦୋକାନ କେବେ ବି ଭଲ ଲାଭ ଦେଇ ପାରି ନଥାଏ ।

୨-ଦୋକାନ ମାଲିକ ଅଥବା ସେଠାରେ କାମ କରୁଥିବା ସେଲ୍ସ ମ୍ୟାନ୍ ଯେବେ ବି ଅଫିସରେ କାମ କରନ୍ତି, ସେମାନଙ୍କ ମୁହଁ ଉତ୍ତର କିମ୍ବା ପୂର୍ବ ଦିଗକୁ ହେବା ଉଚିତ ।

୩-ଯେଉଁ ଦୋକାନ ଆକାର ଆଗକୁ ଅଧିକ ସମ୍ପ୍ରସାରିତ ହୋଇଥାଏ, ଓ ପଛକୁ କମ୍ ଜାଗା ଥାଏ କିମ୍ବା ବିପରୀତ ହୋଇଥାଏ, ତା' ହେଲେ ଏହାକୁ ଶୁଭ ବୋଲି ଧରା ଯାଇ ନ ଥାଏ । ଦୋକାନ ଯଦି ବର୍ଗାକାର କିମ୍ବା ଆୟତକାର ଥିବ, ତା' ହେଲେ ଏହାକୁ ବେପାର ଲାଗି ଶୁଭ ବୋଲି ଧରା ଯାଇଥାଏ ।



୪-ବାସ୍ତୁ ଅନୁଯାୟୀ, ନିଜ ଦୋକାନର ଅଳିଆ କେବି ବି ଅନ୍ୟ ଦୋକାନ ସମ୍ମୁଖରେ ପକାନ୍ତୁ ନାହିଁ । ଏହାଦ୍ୱାରା ଆପଣଙ୍କ ଉନ୍ନତି ବାଧାପ୍ରାପ୍ତ ହେବ ।

୫- ଦୋକାନ ପାଖରେ ଥିବା ସାମୂହିକ ଜାଗାରେ ମଧ ଅଳିଆ ଗଦା କରନ୍ତୁ ନାହିଁ । ଏହାଦ୍ୱାରା ସେହି ଜାଗାରେ ଥିବା ସମସ୍ତ ଦୋକାନ ମାଲିକ ଆଶାନୁରୂପ ସଫଳତା ପାଇ ପାରି ନ ଥାନ୍ତି ।

୬-ଦୋକାନରେ ବସିବା ସମୟରେ ସବୁବେଳେ ଆପଣ ପୂର୍ବ ଦିଗରେ ବସନ୍ତୁ । ଯେପରି ଆପଣଙ୍କ ମୁହଁ ଉତ୍ତର ଦିଗକୁ ରହିବ । ଏହାଦ୍ୱାରା ଆଶାତୀତ ଲାଭ ହେବ ।

# ଅମୃତଭଣ୍ଡା ହାଲ୍ୱା

### ଆବଶ୍ୟକ ସାମଗ୍ରୀ :

କଞ୍ଚା ଅମୃତଭଣ୍ଡା, କ୍ଷୀର, କଟା ଆଲମଣ୍ଡ, ଚିନି, ଗୁଆ ଘିଅ, କାଜୁ, କିସ୍‌ମିସ୍ ଓ ଗୁଜୁରାତି

### ପ୍ରସ୍ତୁତି ପ୍ରଣାଳୀ :

ପ୍ରଥମେ ଅମୃତଭଣ୍ଡାକୁ ଭଲ ଭାବେ ଧୋଇ ଚୋପା ଛଡ଼ାଇ ଏକ ପାତ୍ରରେ ରଖି ଦିଅନ୍ତୁ । ଏହାପରେ ଅମୃତଭଣ୍ଡାକୁ ଭଲ ଭାବେ କୋରି ଦିଅନ୍ତୁ । ତା'ପରେ କରେଇରେ ଗୁଆ ଘିଅ ପକାଇ ଗରମ କରନ୍ତୁ । ଘିଅ ଗରମ ହୋଇଗଲା ପରେ କୋରା ହୋଇଥିବା ଅମୃତଭଣ୍ଡାକୁ ପକାଇ ଧିମା ଆଞ୍ଚରେ ଭାଜନ୍ତୁ ।

ଏହା ଟିକେ ଭାଜି ହୋଇ ଆସିଲେ, ଏଥିରେ କ୍ଷୀର ପକାଇ ଦିଅନ୍ତୁ । ତା'ପରେ ଏହାକୁ ଭଲ ଭାବେ ଗୋଳାଇ ଦିଅନ୍ତୁ । କ୍ଷୀର ଫୁଟିଗଲେ, ସେଥିରେ ଚିନି ପକାନ୍ତୁ । ଏହାପରେ ସେଥିରେ ଗୁଜୁରାତି ଗୁଣ୍ଡ, କଟା କାଜୁ ଓ କିସ୍‌ମିସ୍ ପକାନ୍ତୁ । ଏହାପରେ ଏହି ମିଶ୍ରଣକୁ କିଛି ସମୟ ଅଳ୍ପ ଆଞ୍ଚରେ ରଖି ଧିରେ ଧିରେ ଗୋଳାନ୍ତୁ । ହାଲୱା ଟିକେ ଶୁଖିଲା ହୋଇଗଲା ପରେ ତାକୁ ଏକ ପାତ୍ରକୁ କାଢ଼ି ଦିଅନ୍ତୁ । ଏହାପରେ ସେଥିରେ କଟା ଆଲମଣ୍ଡ ପକାଇ ସଜାଇ ଦିଅନ୍ତୁ । ପ୍ରସ୍ତୁତ ହୋଇଗଲା ଅମୃତଭଣ୍ଡା ହାଲ୍ୱା ।



# ଆଖି ପାଇଁ ଯୋଗ

ଆଖି ପାଇଁ ରହିଛି ବିଭିନ୍ନ ପ୍ରକାର ଯୋଗ ଏବଂ ବ୍ୟାୟାମ । ଏହା ନିୟମିତ କରିବା ଦ୍ୱାରା ଦୃଷ୍ଟିଶକ୍ତି ଭଲ ରହେ । ଏହାଦ୍ୱାରା ଆଖିପତା ଓ ଚକ୍ଷୁର ବାହାର ମାଂସପେଶୀକୁ ଅଧିକ ମାତ୍ରାରେ ରକ୍ତ ସଂଚାଳନ ହୋଇଥାଏ ।

**ଶୀର୍ଷାସନ:** ମୁଣ୍ଡ ତଳକୁ କରି ଗୋଡ ଉପରକୁ କରିବା ସହ ଏହି ଆସନ କରାଯାଇଥାଏ । ଏହାଦ୍ୱାରା ଚକ୍ଷୁ ଭିତରକୁ ରକ୍ତ ସଂଚାଳନ ହୁଏ । ଯାହାକି ଅନ୍ୟାନ୍ୟ ଉପଯୋଗିତା ସହ ଚକ୍ଷୁକୁ ସୁସ୍ଥ ରଖେ । ଏହା ଯୁବାବସ୍ଥାରେ କରିବା ଭଲ । ଉଚ୍ଚ ରକ୍ତଚାପ ଭୋଗୁଥିବା ରୋଗୀ ଓ ବାର୍ଦ୍ଧକ୍ୟ ଅବସ୍ଥାରେ ଏହି ଆସନ କରିବା ଅନୁଚିତ । ଏହାଦ୍ୱାରା ଚକ୍ଷୁ ଭିତର ଦୁର୍ବଳ ଶିରାପ୍ରଶିରାରୁ ରକ୍ତସ୍ରାବ ହେବାର ସମ୍ଭାବନା ଥାଏ ।

**ବଜ୍ରାସନ:** ବଜ୍ରାସନ ଦୃଷ୍ଟିଶକ୍ତିରେ ସୁସ୍ଥତା ଆଣିଥାଏ । ତେବେ ଏହା ଅଧିକ ଲାଭପ୍ରଦ ହୁଏ । ଏହି ଆସନରେ ବସି ମୁହଁକୁ ଖୋଲାକରି ଜିଭକୁ ଆଗକୁ ଆଣନ୍ତୁ ଏବଂ ଉପରକୁ ଚାହାନ୍ତୁ । ୧୦ ସେକେଣ୍ଡ ପରେ ଜିଭକୁ ଭିତରକୁ ନେଇ ମୁହଁ ବନ୍ଦ କରି ଆଖିକୁ ଧୀରେ ବନ୍ଦକରି ୨୦ ସେକେଣ୍ଡ ରଖନ୍ତୁ । ଏହି କ୍ରିୟାକୁ ୫ ରୁ ୬ ଥର କରନ୍ତୁ । ଏହି ଆସନ ବ୍ୟତୀତ ଯୋଗମୁଦ୍ରାସନ, ପଦ୍ମାସନ ଏବଂ ସର୍ବାଙ୍ଗାସନ ଚକ୍ଷୁକୁ ସୁସ୍ଥ ରଖିଥାଏ । ସାକାଳୁ ଉଠି ପାପୁଲି ଘଷି ଆଖିରେ ହାଲ୍‌କା ସ୍ପର୍ଶ ଦିଅନ୍ତୁ । ପରେ ପରେ ଆଖିରେ ପାଣି ଛାଟନ୍ତୁ । ଏହା ଆଖିକୁ ପରିଷ୍କାର ଏବଂ ସୁସ୍ଥ ରଖେ ।

# ଝିଟିପିଟି ଘରେ ରହିବେନି

ପ୍ରାୟ ପ୍ରତ୍ୟେକଙ୍କ ଘରେ ଝିଟିପିଟି ଦେଖାଯାଇଥାଏ । ଏମାନଙ୍କୁ ଯେତେ ତଡିଲେ ବି ବାରମ୍ବାର ଆସୁଥାନ୍ତି । ଅସରପା ଏବଂ ଝିଟିପିଟି ଏ ଦୁଇଟି ଜୀବ ଘରେ ଦେଖାଯିବା ସାଧାରଣତ କଥା ହୋଇଥିଲେ ବି ଅନେକେ ଏହାକୁ ଭୟ କରନ୍ତି । ଝିଟିପିଟିଠାରୁ ମୁକ୍ତ ପାଇବାର କେତେକ ସାଧାରଣ ଘରୋଇ ଉପାୟ ଜାଣନ୍ତୁ-

- ଦିନରେ ବାରମ୍ବାର ଘର କାନ୍ଥକୁ ପାଣି ଛାଟିଲେ ବି ଝିଟିପିଟି ଦାଉରୁ ମୁକ୍ତି ମିଳେ । ଖାଲି ପାଣି ବଦଳରେ ଏକ ପାତ୍ରରେ ପିଆଜ ଓ ରସୁଣ ରସ ନେଇ ସେଥିରେ ପାଣି ମିଶାଇ କାନ୍ଥରେ ଏବଂ ଝିଟିପିଟି ବେଶୀ ଆସୁଥିବା ସ୍ଥାନରେ ଛାଟିଲେ ସୁଫଳ ମିଳିଥାଏ । ପାଣିରେ ଗୋଲମରିଚ ଗୁଣ୍ଡ ମିଶାଇ ବି ଛିଞ୍ଚିପାରିବେ । କାରଣ, ଏଗୁଡ଼ିକର ତୀବ୍ର ଗନ୍ଧ ଝିଟିପିଟି ସହିପାରେ ନାହିଁ ।

-ମୟୂର ପୁଚ୍ଛକୁ ଝିଟିପିଟି ଭୟ କରେ । ତେଣୁ ଯେଉଁଠାରେ ବେଶୀ ଝିଟିପିଟି ଦେଖାଯାଉଛନ୍ତି, ସେ ସ୍ଥାନରେ କିମ୍ବା ଫୁଲଦାନିରେ ବି କେତୋଟି ମୟୂର ପୁଚ୍ଛ ରଖିଦିଅନ୍ତୁ ।



# ତ୍ୱଚା ପାଇଁ ଫଳର ମାସ୍କ

ବୟସର ଛାପ ପଡ଼ିଲେ ତ୍ୱଚା ରୁକ୍ଷ ହେବା ।ସହ ଭାଙ୍ଗ ପଡ଼ିବା ଆରମ୍ଭ କରେ । ପାର୍ଲରର ଦାମୀ ଫେସିଆଲ୍ ପରିବର୍ତ୍ତେ ଘରୋଇ ଉପାୟରେ ଏହାର ଚର୍ଚ୍ଚା କରନ୍ତୁ । ଦିନକେଇଟାରେ ଆପଣଙ୍କ ତ୍ୱଚାରେ ଏକ ନୂଆ ଚମକ ଅନୁଭବ କରିପାରିବେ ।

♦ଖରାଦିନେ ବଜାରରେ ଅଙ୍ଗୁରର ପସରା ଦେଖିବାକୁ ମିଳେ । ଅଙ୍ଗୁର ରସ ଦେହ ପାଇଁ ହିତକର ହୋଇଥିବାବେଳେ ତ୍ୱଚାର ଯତ୍ନ ମଧ ଏହା ଦ୍ୱାରା ନେଇହେବ । ବିଶେଷଜ୍ଞଙ୍କ ମତରେ ଉଭୟ ଅଙ୍ଗୁର ଓ ସେଓରେ ପର୍ଯ୍ୟାପ୍ତ ପରିମାଣର ଆଣ୍ଟିଅକ୍ସିଡାଣ୍ଟ ଭରପୂର ରହିଛି । ୧୦-୧୨ଟି ଅଙ୍ଗୁର ଓ ଫାଳେ ସେଓ ନେଇ ଗ୍ରାଇଣ୍ଡିଂ କରିନେବେ । ପରେ ସେହି ପ୍ୟାକ୍‌କୁ ତ୍ୱଚାରେ ଲଗାଇ ୩୦ ମିନିଟ୍ ପରେ ଧୋଇନେବେ । ସପ୍ତାହରେ ୨-୩ଥର ଏଇ ପ୍ୟାକ୍ ଲଗାନ୍ତୁ । ଫରକ୍ ନିଜେ ହିଁ ଜାଣିପାରିବେ ।

♦ଆମ୍ବ ଫଳରେ ଭିଟାମିନ୍ସ, ମିନେରାଲ୍ସ, ନ୍ୟୁଟ୍ରିସନ୍ ପର୍ଯ୍ୟାପ୍ତ ପରିମାଣରେ ଥାଏ । ଏହାର ପ୍ୟାକ୍ ମଧ ତ୍ୱଚାର ରଙ୍ଗ ସଫା କରିବା ସହ ସନ୍-ଟ୍ୟାନ୍ ଦୂର କରେ । ଅଧ କପ୍ ଆମ୍ବ ରସରେ ମୁଲତାନି ମାଟି ଓ ବେସନ ମିଶାଇ ପ୍ୟାକ୍ ଭଳି ତ୍ୱଚାରେ ଲଗାଇବେ । ପ୍ୟାକ୍ ଶୁଖିବା ପରେ ତ୍ୱଚାକୁ ଭଲଭାବେ ଧୋଇନିଅନ୍ତୁ । ସପ୍ତାହକୁ ଥରୁଟିଏ ଏଇ ପ୍ୟାକ୍ ଲଗାଇଲେ ଲାଭ ମିଳେ ।




# ୬୦ ସେକେଣ୍ଡରେ ଫିଟ୍ ରୁହନ୍ତୁ

ପରିବର୍ତ୍ତନଶୀଳ ଜୀବନଶୈଳୀରେ ନିଜକୁ ଫିଟ୍ ରଖିବା ଜରୁରୀ । ହେଲେ ଛୋଟ ଛୋଟ କଥାକୁ ଆପଣାଇ କିପରି ଫିଟ୍ ରହିହେବ ସେକଥା ଖୁବ୍ କମ୍ ଲୋକ ଜାଣନ୍ତି ।



**ଜୋତା ଘର ବାହାରେ ରଖନ୍ତୁ:**
ଘର ଭିତରକୁ ଯିବା ସମୟରେ ଜୋତା ବାହାରେ ରଖନ୍ତୁ । ଫଳରେ ଧୂଳି, ମାଟି ଓ କେମିକାଲଜନିତ ସମସ୍ୟାରୁ ରକ୍ଷା ପାଇବେ । ଏହି ଅଭ୍ୟାସ ଦ୍ୱାରା ଘର ସଫାସୁତୁରା ରଖିପାରିବେ ।

**ଖାଲି ଜାଗାରେ ଛିଙ୍କନ୍ତୁ ନାହିଁ:**
ଛିଙ୍କ ଆସିଲେ ଯଦି ଟିଶୁ କି ନାପ୍‌କିନ୍ ନାହିଁ ତେବେ କାନ୍ଧ ବା କହୁଣୀରେ ନାକ ଢାଙ୍କିଦିଅନ୍ତୁ । ଏହାଦ୍ୱାରା କୀଟାଣୁଜନିତ ସଂକ୍ରମଣ ହେବାର ସମ୍ଭାବନା କମ୍ ଥାଏ ।

**ଆଖିକୁ ଆରାମ ଦିଅନ୍ତୁ:**
କର୍ମଜୀବୀ ଲୋକ ଓ ଛାତ୍ରଛାତ୍ରୀ ଅଧିକାଂଶ ସମୟ କମ୍ପ୍ୟୁଟର ସାମ୍ନାରେ ବିତାଇଥାନ୍ତି । କମ୍ପ୍ୟୁଟର ସ୍କ୍ରିନ୍‌ର ଲାଇଟ୍ ଆଖି ଉପରେ ପ୍ରଭାବ ପକାଇଥାଏ । ଆଉ ସ୍ପେଶାଲିଷ୍ଟ ଏଥିପାଇଁ ୨୦-୨୦-୨୦ର ନିୟମ କରିଛନ୍ତି । ପ୍ରତି ୨୦ ମିନିଟ୍‌ରେ କମ୍ପ୍ୟୁଟର ସ୍କ୍ରିନ୍‌ରୁ ଦୂରେଇ ରହିବାକୁ ହେଲେ ୨୦ ସେକେଣ୍ଡ୍ ପାଇଁ ୨୦ ଫୁଟ୍ ଦୂରରେ ଥିବା କୌଣସି ବସ୍ତୁକୁ ଦେଖନ୍ତୁ । ଏପରି କରିବା ଦ୍ୱାରା ଆଖିକୁ ଆରାମ ଦେଇପାରିବେ ।

**ପାଣି ପିଅନ୍ତୁ:**
ବହୁତ ପାଣି ପିଅନ୍ତୁ । କୁହାଯାଏ କି ପ୍ରତିଦିନ ୮ ଗ୍ଲାସ୍ ପାଣି ପିଇବା ଉଚିତ । ଆମ ଶରୀରରେର ୭୦ ପ୍ରତିଶତ ପାଣି ରହିଛି । ପାଚନ, ଅବଶୋଷଣ, ପୋଷକ ତତ୍ତ୍ୱକୁ ଗୋଟିଏ ଜାଗାରୁ ଅନ୍ୟ ଜାଗାକୁ ପହଞ୍ଚାଇବା ଓ ଶରୀରର ତାପମାନ ରକ୍ଷା କରିବା ପାଇଁ ତରଳ ପଦାର୍ଥର ଆବଶ୍ୟକତା ରହିଛି ।

**କ୍ରୋଧ ଆସିଲେ ୨୦ ପର୍ଯ୍ୟନ୍ତ ଗଣନ୍ତୁ:**
ଯଦି ଅଧିକ ରାଗ ଲାଗୁଛି ତେବେ ୨୦ ପର୍ଯ୍ୟନ୍ତ ଗଣନ୍ତୁ ଓ ଜୋର୍‌ରେ ନିଃଶ୍ୱାସ ନିଅନ୍ତୁ । ଏପରି କରିବା ଦ୍ୱାରା ରାଗ ଶାନ୍ତ ହୋଇଯିବ । ଦୀର୍ଘ ନିଃଶ୍ୱାସ ନର୍ଭସ୍ ସିଷ୍ଟମ ଉପରେ ପ୍ରଭାବ ପକାଇ ଶାନ୍ତ ରଖିଥାଏ ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ମହାପର୍ବର ଶୁଭାରମ୍ଭ...

ବିଶ୍ୱର ସର୍ବବୃହତ୍ ନିର୍ବାଚନୀ ଗଣତନ୍ତ୍ରର ମହାପର୍ବ, ଅର୍ଥାତ୍ ଭାରତର ଅଷ୍ଟାଦଶ ଲୋକସଭା ନିର୍ବାଚନ ନିମନ୍ତେ ମତଦାନ ପ୍ରକ୍ରିୟା ଗତ କାଲି ଆରମ୍ଭ ହୋଇ ସାରିଛି। ଆସନ୍ତା ଦେଢ଼ ମାସ ଭିତରେ ସାତ ଗୋଟି ପର୍ଯ୍ୟାୟରେ ଅନୁଷ୍ଠିତ ହେବାକୁ ଯାଉଥିବା ଏହି ନିର୍ବାଚନରେ ପ୍ରାୟ ଏକ ବିଲିଅନ୍ ପାଖାପାଖି ଲୋକ ସେମାନଙ୍କର ମତଦାନ ଅଧିକାରକୁ ସାବ୍ୟସ୍ତ କରିବେ । ଏହାରି ମାଧମରେ ସେମାନେ ସ୍ଥିର କରିବେ ଯେ ବର୍ତ୍ତମାନ କେନ୍ଦ୍ରରେ ଯେଉଁ ସରକାର ଅଛନ୍ତି, ତାଙ୍କୁ ତୃତୀୟ ଥର ନିମନ୍ତେ ଗାଦିନସୀନ କରାଇବେ କି ନାହିଁ । ଗତ କାଲି ମୋଟ ୫୪୩ଟି ଲୋକସଭା ଆସନ ମଧ୍ୟରୁ ୨୧ଟି ରାଜ୍ୟର ୧୦୨ଟି ନିର୍ବାଚନ ମଣ୍ଡଳୀରେ ୧,୬୨୫ ପ୍ରାର୍ଥୀ ମତଦାତାମାନଙ୍କ ମତ ଲୋଡ଼ିଛନ୍ତି । ଏହି ରାଜ୍ୟଗୁଡ଼ିକ ମଧ୍ୟରୁ ବଡ଼ ରାଜ୍ୟମାନଙ୍କ ମଧ୍ୟରେ ତାମିଲନାଡୁ ୩୯ ଜଣ ସାଂସଦଙ୍କୁ ନିର୍ବାଚିତ କରିବାକୁ ଯାଉଛି। ୨୦୧୯ରେ ଏହି ଆସନଗୁଡ଼ିକ ମଧ୍ୟରୁ ଅଧିକ ସଂଖ୍ୟକ ବିରୋଧୀମାନଙ୍କ ଦ୍ୱାରା ହାସଲ କରାଯାଇଥିଲା । ଚଳିତ ନିର୍ବାଚନରେ ବାଜିରେ ଲାଗିଛି ବିଜେପି ଏବଂ ଏହାର ମାସ୍କଟ୍ ନରେନ୍ଦ୍ର ମୋଦୀଙ୍କ ଉତ୍ତରାଧିକାର, ଯିଏକି କେବଳ ଲଗାତର ତୃତୀୟ ଥର ନିମନ୍ତେ ପ୍ରଧାନମନ୍ତ୍ରୀ ହେବାକୁ ଜନମତ ଲୋଡୁ ନାହାନ୍ତି, ବରଂ ଗତ ଥର ଅପେକ୍ଷା ଏକ ପରିବର୍ଜିତ ଜନାଦେଶ ଲୋଡୁଛନ୍ତି ଯାହା ଜବାହାରଲାଲ ନେହରୁ (୧୯୫୨, ୫୭ ଏବଂ ୬୨) ଏବଂ ଇନ୍ଦିରା ଗାନ୍ଧୀ (୧୯୭୧ ଏବଂ ୮୦), ଏବଂ ରାଜୀବ ଗାନ୍ଧୀ (୧୯୮୪)ଙ୍କ ସମୟରେ କଂଗ୍ରେସର ବିଜୟ ସହିତ ତୁଳନୀୟ ହେବ। ମୋଦୀ ରାଜନୀତିର ଚରିତ୍ରକୁ ପରିବର୍ତ୍ତନ କରି ସାରିଛନ୍ତି, ଯାହା ୧୯୮୪ ପରେ ତିନି ଦଶନ୍ଧି ପର୍ଯ୍ୟନ୍ତ କୌଣସି ଗୋଟିଏ ଦଳକୁ ସ୍ୱଷ୍ଟ ବହୁମତ ପ୍ରଦାନ କରି ନଥିଲା ଏକାକୀ ଶାସନ ଗାଦିରେ ବସିବା ପାଇଁ। ପରନ୍ତୁ, ମୋଦୀଙ୍କ ନେତୃତ୍ୱରେ ବିଜେପି ୨୦୧୪ରେ ଏକ ସରଳ ସଂଖ୍ୟା ଗରିଷ୍ଠତା ଲାଭ କରି ବିଜୟ ହାସଲ କରିବା ପରେ ଏହି ଧାରାର ପୂର୍ଣ୍ଣଚ୍ଛେଦ ପଡ଼ିଥିଲା । ତା' ପରେ ୨୦୧୯ରେ ଏହି ସଂଖ୍ୟା ଅଧିକ ଉନ୍ନତି ଲାଭ କରିଥିଲା । ଆଉ ଏହି ପକ୍ଷେପକ ହିଁ ମୋଦୀଙ୍କୁ ଚଳିତ ଥର ପୂର୍ବ ଥରଠାରୁ ଢେର୍ ଅଧିକ ଆସନରେ ବିଜୟ ଲାଭ କରିବାର ଅଭିଳାଷ ଆଣି ଦେଇଛି। ତାଙ୍କ ଭାଷାରେ, ଏହା ବିଜେପିକୁ ଆଶା ଓ ଭରସା ପ୍ରଦାନ କରିବା ସହିତ ଆରମ୍ଭ ହୋଇଛି ଏବଂ ବର୍ତ୍ତମାନ ଏକ ନିଶ୍ଚିତତା ବା ଗ୍ୟାରେଣ୍ଟି (ଶାସନର) ପ୍ରଦାନ କରିଛି । ସଫଳତାର ଏଭଳି ଭବିଷ୍ୟ ଆଶା ପଛରେ ସର୍ବାଧିକ ପରିମାଣରେ ରହିଛି ମୋଦୀଙ୍କ ଯାଦୁକରୀ ଶକ୍ତି, ଯାହା ସଂଗଠନର ଭାବମୂର୍ତ୍ତିଠାରୁ ମଧ୍ୟ ଉର୍ଦ୍ଧ୍ୱରେ ତାଙ୍କର ଭାବମୂର୍ତ୍ତିକୁ ସ୍ଥାନିତ କରିବା ନିମନ୍ତେ ପ୍ରଭାବିତ କରିଛି, ଯାହାର ପ୍ରମାଣ ହେଉଛି ଚଳିତ ନିର୍ବାଚନରେ ବିଜେପିର ଇସ୍ତାହାର । ଏହା ତାଙ୍କ ନାମରେ ହିଁ ପ୍ରକାଶିତ କରାଯାଇଛି- 'ମୋଦୀ କୀ ଗ୍ୟାରେଣ୍ଟି' । ରାମ ମନ୍ଦିର ଏବଂ ଧାରା ୩୭୦ ଭଳି ଦୁଇଗୋଟି ବଡ଼ ପ୍ରତିଶ୍ରୁତି ପୂରଣ ହୋଇଥିବାରୁ ବିଜେପି ତା'ର ଇସ୍ତାହାରରେ ଚାଲୁ ରହିଥିବା ଜନକଲ୍ୟାଣମୂଳକ ଯୋଜନାଗୁଡ଼ିକ ଚାଲୁ ରଖିବା ସହିତ ଏକକ ନାଗରିକ ସଂହିତା (ୟୁସିସି), ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ), ଏବଂ ଗୋଟିଏ ଦେଶ, ଗୋଟିଏ ନିର୍ବାଚନ କାର୍ଯ୍ୟକ୍ରମଗୁଡ଼ିକର କାର୍ଯ୍ୟାନ୍ୱୟନ କରିବାକୁ 'ଗ୍ୟାରେଣ୍ଟି' ଦେଇଛି। ଜନକଲ୍ୟାଣକାରୀ କାର୍ଯ୍ୟକ୍ରମ, ହିନ୍ଦୁତ୍ୱ, ଏବଂ ଜାତୀୟ ଗୌରବର ଏକ ଫେଣ୍ଟାଫେଣ୍ଟି ବ୍ୟଞ୍ଜନ ହିଁ ବିଜେପି ପାଇଁ ଚଳିତ ନିର୍ବାଚନ ଋତୁରେ ଅଭିଯାନ ଆରମ୍ଭ କରିବାର ପଥ ପ୍ରସ୍ତୁତ କରିଛି। ଚଳିତ ନିର୍ବାଚନ ପୂର୍ବରୁ ହାଇ-ଭୋଲ୍ଟେଜ୍ ନିର୍ବାଚନ ପ୍ରଚାର କାର୍ଯ୍ୟକ୍ରମ ଏଇ ଦୁଇଗୋଟି ଦୃଷ୍ଟିକୋଣ ମଧ୍ୟରେ ସଂଘର୍ଷକୁ ପରିଲକ୍ଷିତ କରିଛି । ଉତ୍ତମ ସମ୍ବଳ ସମୂହ, ଉତ୍କୃଷ୍ଟ ନିର୍ବାଚନ କଳ ଏବଂ ଜଣେ ଲୋକପ୍ରିୟ ନେତାଙ୍କୁ ନେଇ ବିଜେପି 'ଇଣ୍ଡିଆ' ମେଣ୍ଟ ଉପରେ ଭାରି ପଡ଼ିବା ଭଳି ମନେ ହେଉଛି, ଯାହାକି ଏବେ ସୁଦ୍ଧା ନିଜର କାର୍ଯ୍ୟକୁ ମିଳିମିଶି କରିବା ସହିତ ନିର୍ବାଚନ ପ୍ରଚାରକୁ ଏକକ, ଅଖଣ୍ଡ ୟୁନିଟ୍ ଭାବରେ ଉପସ୍ଥାପନ କରିପାରି ନାହିଁ, ଯଦିଓ ଅକ୍ଟୋବର-ନଭେମ୍ବର ମାସରେ କେତେକ ରାଜ୍ୟର ବିଧାନସଭା ନିର୍ବାଚନରେ ଏହା ବିଭାଜିତ ସଭା ଭାବରେ ନିର୍ବାଚନ ଲଢ଼ି ସେଥିରୁ ଶିକ୍ଷାଲାଭ କରି ଏବେ କେତେକାଂଶରେ କେତେକ ରାଜ୍ୟରେ ଲୋକସଭା ନିର୍ବାଚନ ପାଇଁ ଏକ ସଂଯୁକ୍ତ ମେଣ୍ଟ ତିଆରି କରିବାକୁ ସକ୍ଷମ ହୋଇଛି । କଂଗ୍ରେସ ଅବଶ୍ୟ ମେଣ୍ଟକୁ ଏକାଠି ରଖିବା ନିମନ୍ତେ ନେତୃତ୍ୱ ନେଇଛି ଏବଂ ପଶ୍ଚିମବଙ୍ଗ ଏବଂ ପଞ୍ଜାବକୁ ବାଦ୍ ଦେଲେ ଇଣ୍ଡିଆ ମେଣ୍ଟର ଅଂଶୀଦାରମାନେ ଏବେ ପରସ୍ପର ସହିତ ମିଳିମିଶି କାମ କରୁଛନ୍ତି। ତେବେ ଉତ୍ତରପ୍ରଦେଶ, ବିହାର ଏବଂ ମହାରାଷ୍ଟ୍ରରେ ଏନ୍‌ଡିଏ ସଂଯୁକ୍ତ ବିରୋଧୀମାନଙ୍କୁ ସାମ୍ନା କରିବ, ଯାହା ନିର୍ବାଚନୀ ସମରକୁ ଅଧିକ ମଜାଦାର କରିଦେବାର ସମ୍ଭାବନା ବହନ କରୁଛି । ଭାରତର ନିର୍ବାଚନ କମିଶନଙ୍କ ହାତରେ ସମ୍ପ୍ରତି ଏକ ବଡ଼ କର୍ତ୍ତବ୍ୟର ଭାର ରହିଛି । ନିର୍ବାଚନୀ ପ୍ରକ୍ରିୟା ଉପରେ ଯେଉଁସବୁ କାର୍ଯ୍ୟ ପ୍ରଭାବ ପକାଇବ, ଏହା ସେସବୁ ଉପରେ ତୀକ୍ଷ୍ଣ ଦୃଷ୍ଟି ରଖୁଛନ୍ତି। ପ୍ରବର୍ତ୍ତନ ଏଜେନ୍ସିମାନେ ନିର୍ବାଚନ ପୂର୍ବରୁ ୪,୬୫୦ କୋଟି ଟଙ୍କାର ରେକର୍ଡ ପରିମାଣର ନଗଦ ଅର୍ଥ ଜବତ କରିଛନ୍ତି । ଏହା ନିର୍ବାଚନ ସହିତ ସମ୍ପୃକ୍ତ ବ୍ୟବସ୍ଥାର ସତର୍କତାକୁ ସୂଚାଇ ଥାଏ, ଯଦିଓ ଏହା ପ୍ରକୃତରେ ଯେତିକି ପରିମାଣର ଅର୍ଥ ସମ୍ପୃକ୍ତ ହେବାକୁ ଯାଉଛି, ତା'ର ଏହା ସେଭଳି ଉଲ୍ଲେଖନୀୟ ଅଂଶ ନୁହେଁ । ତେବେ ଅବାଧ ଓ ନିରପେକ୍ଷ ନିର୍ବାଚନ ସପକ୍ଷବାଦୀମାନଙ୍କୁ ଯାହା ନିରାଶ କରିଛି, ତାହା ହେଉଛି- ଆଇନ ଓ ଆଦର୍ଶ ଆଚରଣ ବିଧିକୁ ଯଥେଚ୍ଛାଚାର ଭାବରେ ଉଲ୍ଲଙ୍ଘନ କରୁଥିବା, ଧର୍ମ ଓ ଜାତି ବର୍ଣ୍ଣ ନାମରେ ଭୋଟ୍ ଭିକ୍ଷା କରୁଥିବା ନେତାମାନଙ୍କ ବିରୋଧରେ ନିର୍ବାଚନ କମିଶନଙ୍କ ଦ୍ୱାରା କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବାରେ ନିଷ୍କ୍ରିୟତା । ଭାରତୀୟ ନିର୍ବାଚନ କମିଶନ ସେହି ସମସ୍ତ ଶକ୍ତିଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ କରିବା ଉଚିତ ଯେଉଁମାନେ କି ସମଗ୍ର ପ୍ରକ୍ରିୟାକୁ ଦୂଷିତ କରୁଛନ୍ତି ଏବଂ ସମସ୍ତଙ୍କ ପ୍ରତି ସମାନ ସୁବିଧା ଦିଆଯିବାର ଧାରଣାକୁ ଭଙ୍ଗ କରୁଛନ୍ତି । ଆମେ ନାଗରିକ ଭାବରେ ଏକ ମୁକ୍ତ ଏବଂ ଅବାଧ ନିର୍ବାଚନ ଅନୁଷ୍ଠିତ ହେବା ଦାବି କରୁଛୁ।

## ବିଜେଡ଼ିରେ ଅରବିନ୍ଦ...: ରାଜନୀତିର କଡ ଲେଉଟାଣି



### ବାଦଲ ଭୂୟାଁ

ଓଡ଼ିଶା ରାଜନୀତିର ବଡ଼ ରୋଚକ କଥା ହେଉଛି ଏହା ଯେ ବିଜେଡ଼ିରେ ଏବେ ବିଜୟ ମହାପାତ୍ରଙ୍କ ପୁଅଙ୍କ ସହିତ ଅଶୋକ ଦାସ ଓ ନଳିନୀ ମହାନ୍ତିଙ୍କ ପୁଅ ଏହି ତିନିଜଣ ବେଶ ସକ୍ରିୟ। ତେବେ ବିଜୟ ବାବୁ ବିଜେଡ଼ି ଗଢ଼ିବାରେ ମୁଖ୍ୟ ବିନ୍ଧାଣୀ ଭାବେ ପରିଚିତ ଥିବାବେଳେ ଅଶୋକ ବାବୁ ବିଜେଡ଼ିରେ ସାମିଲ ହୋଇନଥିଲେ କିନ୍ତୁ ନଳିନୀ ବାବୁ ବିଜେଡ଼ିରେ ଯୋଗ ଦେଇ ପ୍ରଭାବଶାଳୀ ଦାୟିତ୍ୱରେ ରହି ମଧ୍ୟ ବିଦା ହୋଇଥିଲେ। ତେବେ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ବିଜୁ ପଟ୍ଟନାୟକଙ୍କ ମନ୍ତ୍ରୀମଣ୍ଡଳରେ ପ୍ରଭାବଶାଳୀ ମନ୍ତ୍ରୀ ଭାବେ ବିଜୟ ବାବୁ ଓ ନଳିନୀ ବାବୁ କାର୍ଯ୍ୟ କରିଥିଲେ କିନ୍ତୁ ବିଜୁ ପଟ୍ଟନାୟକଙ୍କ ଦେହାନ୍ତ ପରେ ଗଠିତ ବିଜେଡ଼ିରେ ଯୋଗ ଦେବା ପାଇଁ ଅଶୋକ ଦାସ ମୂଳ ଜନତା ଦଳ ଛାଡ଼ି ନଥିଲେ।

ବର୍ଷ ବର୍ଷର ଅଭିଜ୍ଞତା, ବିଜୁ ବାବୁଙ୍କ ପରି କିମ୍ବଦନ୍ତୀ ଜନନାୟକ ତଥା ତତ୍କାଳୀନ ମୁଖ୍ୟମନ୍ତ୍ରୀଙ୍କ କ୍ୟାବିନେଟର ନମ୍ବର ଟୁ ଏବଂ ସେ ସମୟର ବିଜେଡ଼ି ଦଳର ଅନ୍ୟତମ ପ୍ରତିଷ୍ଠାତା .... ସେ ଥିଲେ ବିଜୟ ମହାପାତ୍ର। ଓଡ଼ିଶା ରାଜନୀତିରେ ବିଜୟ ମହାପାତ୍ର ଜଣେ ଏପରି ଚେହେରା ଯିଏ ଅଶୀ ଦଶକରୁ ଅଣକଂଗ୍ରେସ ରାଜନୀତିରେ ପ୍ରବେଶ କରି ନିଜକୁ ଏକ ପ୍ରଭାବଶାଳୀ ଚେହେରା ବନାଇବାରେ ତାଙ୍କ ଦକ୍ଷତା, ପ୍ରତିବଦ୍ଧତା ଓ ବିଚକ୍ଷଣତାକୁ ସଫଳ କରାଇପାରିଥିଲେ। ବିଜୁ ବାବୁଙ୍କ ଦେହାନ୍ତ ପରେ ତତ୍କାଳୀନ ଜନତା ପରିବାର ଏକ ବିପର୍ଯ୍ୟୟ ମୁହାଁ ହୋଇଥିବାବେଳେ ଓଡ଼ିଶାର ରାଜନୀତି ବେଶ ଧାଁ ଧଉଡ ସାପ ସିଢ଼ି ଖେଳ ଭିତରେ ରହିଥିବା ବେଳେ ଜନତା ପରିବାରକୁ ଛିଡ଼ା କରାଇବାରେ ପ୍ରମୁଖ ଭୂମିକା ନେଇଥିଲେ ବିଜୟ ମହାପାତ୍ର। ତେବେ ପରବର୍ତ୍ତୀ ସମୟରେ ଯାହା ଘଟଣା ସବୁ ଘଟି ଯାଇଛି ତାହାତ ସମସ୍ତଙ୍କୁ ଜଣା। ଏହା ଭିତରେ ରାଜ୍ୟ ରାଜନୀତିର କହିବାକୁଗଲେ ମହାନଦୀରେ ଅନେକ ପାଣି ବୋହି ଯାଇଛି ବିତିଯାଇଛି ଚବିଶ ବର୍ଷ। ପାଟକୁରା ନିର୍ବାଚନୀ ମଣ୍ଡଳୀ ପ୍ରାୟତଃ ସବୁ ନିର୍ବାଚନ ସମୟରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଥାଏ। ଏକାବନ ଗୋଟି ପଞ୍ଚାୟତକୁ ନେଇ ନିର୍ବାଚନ ମଣ୍ଡଳୀରେ ଡେରାବିସ ବ୍ଲକରେ ୨୬ଟି, ଗରଦପୁର ବ୍ଲକରେ ୧୮ଟି, ଓ ସାତଟି ପଞ୍ଚାୟତ ମାର୍ଶାଘାଇ ବ୍ଲକ ଅର୍ନ୍ତଭୁକ୍ତ। ପ୍ରାୟ ସବୁ ନିର୍ବାଚନ ସମୟରେ ଓଡ଼ିଶାର ଏକ ସମ୍ବେଦନଶୀଳ ଓ ସରଗରମ ନିର୍ବାଚନ ମଣ୍ଡଳୀ ଭାବେ ଏହା ବେଶ ପରିଚିତ। ରାଜନୀତିର ଚିତ୍ରପଟ୍ଟରେ ବିଶେଷକରି ଓଡ଼ିଶା ରାଜନୀତି ଆଉ ବିଜେଡ଼ି ରାଜନୀତି ଭିତରେ ଅନେକ ଦୃଶ୍ୟାବଳୀ ସବୁ ସଂଗଠିତ ହୋଇସାରିଲାଣି।

ଅପ୍ରତ୍ୟାଶିତ ଭାବେ ଗତ ୨୦୦୦ମସିହାରେ ବିଜୟ ମହାପାତ୍ରଙ୍କ ଟିକେଟ କଟିବା ପରେ ସ୍ୱୟଂ ବିଜୟ ମହାପାତ୍ର ନୂଆ ରାସ୍ତାରେ ତାଙ୍କ ରାଜନୈତିକ ଜୀବନ ଆରମ୍ଭ କରିଥିଲେ। ୨୦୦୪, ୨୦୦୯, ୨୦୧୪ ଓ ୨୦୧୯ ସବୁ ନିର୍ବାଚନରେ ବିଜୟ ମହାପାତ୍ରରେ ନିର୍ବାଚନ ଲଢ଼ିଥିଲେ କିନ୍ତୁ ତାଙ୍କ ପରି ଚତୁର ରଣନୀତିକାର ଓ ରାଜନୈତିକ ଦକ୍ଷତା ସବୁକିଛି ଥିଲେ ମଧ୍ୟ ସେତେବେଳେ ତାଙ୍କ ନେତୃତ୍ୱରେ ନୂଆ ଗଢ଼ା ହୋଇଥିବା ଓଡ଼ିଶା ଗଣପରିଷଦ କିନ୍ତୁ ଦୁଇଜଣ ବିଧାୟକଙ୍କୁ ଜିତାଇ ପାରିଥିଲା। ଜଣେ ଥିଲେ କେନ୍ଦ୍ରାପଡ଼ାରୁ ଉତ୍କଳ କେଶରୀ ପରିଡ଼ା ଅନ୍ୟ ଜଣେ ବାଲେଶ୍ୱରରୁ ଅରୁଣ ଦେ। ତେବେ ୨୦୦୯ରେ ଶରତ ପାୱାରଙ୍କ ଏନସିପିର ନେତୃତ୍ୱ ନେଇ ବିଜୟ ବାବୁ ଏକ ବିକଳ୍ପ ମଞ୍ଚ ଗଢ଼ିବା ପାଇଁ ଚେଷ୍ଟା କରିଥିଲେ। ଅଶୋକ ଦାସ, ପ୍ରଶାନ୍ତ ନନ୍ଦ ଓ ଅମର ଶତପଥୀଙ୍କ ପରି ନେତାଙ୍କୁ ସାଙ୍ଗରେ ଧରି ଆଗକୁ ବଢ଼ିବା ପାଇଁ ଚେଷ୍ଟା କରୁଥିବାବେଳେ ପରବର୍ତ୍ତୀ ସମୟରେ ସହଯୋଗୀମାନେ ବିଜେଡ଼ି ସହ ମେଣ୍ଟରେ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ରାଜନୀତିର ପଶା ପାଲ୍ଟିରେ ବିଜୟ ବାବୁ ପୁଣିଥରେ ଚିତପଟାଙ୍ଗ ମାରିଥିଲେ। କହିବାକୁଗଲେ ନବୀନ ବାବୁ ଆଉ ବିଜେଡ଼ି ଭିତରେ ସେ ଲମ୍ବା ଲଢ଼େଇ ଭିତରେ ସେ ବିଲକୁଲ ଏକଲା ପଡ଼ିଯାଇଥିଲେ ସେ କିନ୍ତୁ ଲଢ଼େଇ ମଇଦାନରୁ କେବେ ସେ ପଛ ଘୁଞ୍ଚା ଦେଇନାହାନ୍ତି। ଓଡ଼ିଶା ଗଣପରିଷଦ, ରାଷ୍ଟ୍ରବାଦୀ କଂଗ୍ରେସ ପାର୍ଟି ପରେ ସେ ବିଜେପୁର ଯାଇଥିଲେ। କେବଳ ସେତିକି ନୁହେଁ ୨୦୧୪ ଆଉ ୨୦୧୯ରେ ବିଜେପିରୁ ହିଁ ସେ ନିର୍ବାଚନ ଲଢ଼ିଥିଲେ। ତେବେ ସେ ବିଧାନସଭାକୁ ଜିତି ପାରିନଥିଲେ। ୨୦୦୦ମସିହାରୁ ୨୦୨୪ ଅଢ଼େଇ ଦଶନ୍ଧିର ଏହି କଷ୍ଟକର ରାଜନୈତିକ ଯାତ୍ରାରେ ବିଜୟ ବାବୁ କିନ୍ତୁ କେବେ ବି ହାର ମାନି ନାହାଁନ୍ତି। ରାଜନୀତିରେ ଏପରି ଘଟଣାତ ଘଟେ କିନ୍ତୁ ଅବିଚଳିତ ଭାବେ ସେ କେବେ ପ୍ରତିପକ୍ଷ ରାଜନୈତିକ ଶକ୍ତି ଆଗରେ ସାଲିସ କରିନାହାନ୍ତି। ତେବେ ଚବିଶ ବର୍ଷର ତିକ୍ତତାର ଏକ ପ୍ରକାରର ବରଫ ଥଣ୍ଡା ପଡ଼ିଛି। ପିଢ଼ି ବଦଳିବା ସହ ଚିତ୍ର ମଧ୍ୟ ବଦଳି ଯାଇଛି। ବାପାଙ୍କ ରାଜନୈତିକ ତିକ୍ତତାର ଲଢ଼େଇକୁ ଆଉ ଆଗକୁ ବଢ଼ିବାକୁ ନ ଦେଇ ତାଙ୍କ ପୁଅ ଅରବିନ୍ଦ ମହାପାତ୍ର ଯୋଗ ଦେଇଛନ୍ତି ବିଜେଡ଼ିରେ। କହିବାକୁଗଲେ ଯେଉଁ ଦଳକୁ ଦିନେ ତାଙ୍କ ବାପା ବେଶ ଯତ୍ନର ସହ ଗଢ଼ିଥିଲେ ଆଜି ସେ ଦଳ ସେହି ପୁଅଟିକୁ ଆପଣାର କରି କୋଳେଇ ନେଇଛି କେବଳ ସେତିକିନୁହେଁ ଆତ୍ମୀୟତାର ହାତ ଧରି ପାଛୋଟି ନେଇଛି ତାଙ୍କ ପୁରୁଣା ଘରକୁ। ନବୀନ ନିବାସରେ ଅରବିନ୍ଦ ମହାପାତ୍ର ମୁଖ୍ୟମନ୍ତ୍ରୀ ନବୀନ ବାବୁଙ୍କ ପାଦ ଛୁଇଁବାବେଳେ ବେଶ ଆଗ୍ରହ ଆନନ୍ଦ ଓ ଶ୍ରଦ୍ଧାରେ ମୁଖ୍ୟମନ୍ତ୍ରୀ ତାଙ୍କୁ ଆଶୀର୍ବାଦ ଦେଇ କେବଳ ଶୁଭକାମନା ଜଣାଇ ନାହାନ୍ତି ତାଙ୍କ ବାପାଙ୍କୁ ମଧ ଶୁଭେଚ୍ଛା ଜଣାଇଛନ୍ତି।

ଓଡ଼ିଶା ରାଜନୀତିର ବଡ଼ ରୋଚକ କଥା ହେଉଛି ଏହା ଯେ ବିଜେଡ଼ିରେ ଏବେ ବିଜୟ ମହାପାତ୍ରଙ୍କ ପୁଅଙ୍କ ସହିତ ଅଶୋକ ଦାସ ଓ ନଳିନୀ ମହାନ୍ତିଙ୍କ ପୁଅ ଏହି ତିନିଜଣ ବେଶ ସକ୍ରିୟ। ତେବେ ବିଜୟ ବାବୁ ବିଜେଡ଼ି ଗଢ଼ିବାରେ ମୁଖ୍ୟ ବିନ୍ଧାଣୀ ଭାବେ ପରିଚିତ ଥିବାବେଳେ ଅଶୋକ ବାବୁ ବିଜେଡ଼ିରେ ସାମିଲ ହୋଇନଥିଲେ କିନ୍ତୁ ନଳିନୀ ବାବୁ ବିଜେଡ଼ିରେ ଯୋଗ ଦେଇ ପ୍ରଭାବଶାଳୀ ଦାୟିତ୍ୱରେ ରହି ମଧ୍ୟ ବିଦା ହୋଇଥିଲେ। ତେବେ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ବିଜୁ ପଟ୍ଟନାୟକଙ୍କ ମନ୍ତ୍ରୀମଣ୍ଡଳରେ ପ୍ରଭାବଶାଳୀ ମନ୍ତ୍ରୀ ଭାବେ ବିଜୟ ବାବୁ ଓ ନଳିନୀ ବାବୁ କାର୍ଯ୍ୟ କରିଥିଲେ କିନ୍ତୁ ବିଜୁ ପଟ୍ଟନାୟକଙ୍କ ଦେହାନ୍ତ ପରେ ଗଠିତ ବିଜେଡ଼ିରେ ଯୋଗ ଦେବା ପାଇଁ ଅଶୋକ ଦାସ ମୂଳ ଜନତା ଦଳ ଛାଡ଼ି ନଥିଲେ। ଜାତୀୟ ସ୍ତରରେ ଜନତା ଦଳ ବିଭାଜିତ ହୋଇ ସଂଯୁକ୍ତ ଜନତା ଦଳ ବା ଜନତା ଦଳ (ୟୁ), ରାଷ୍ଟ୍ରୀୟ ଜନତା ଦଳ ବା ଆରଜେଡ଼ି ଓ ଧର୍ମନିରପେକ୍ଷ ଜନତା ଦଳ ବା ଜେଡ଼ିଏସ ଗଠନ ହୋଇଥିଲା। ନଳିନୀ ମହାନ୍ତି ବିଜେଡ଼ି ଗଠନ ବେଳେ ଥିଲେ କିନ୍ତୁ ପରେ ମନ୍ତ୍ରୀ ମଣ୍ଡଳରୁ ବରଖାସ୍ତ ହୋଇଥିଲେ। ତେବେ ବିଜୟ ବାବୁଙ୍କ ପୁଅ ଅରବିନ୍ଦ ବିଜେଡ଼ିରେ ଯୋଗ ଦେବା ହେଉଛି ରାଜନୀତିରେ ତାଙ୍କର ପ୍ରଥମ ପ୍ରବେଶ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କୁ ବିଜେଡ଼ି ପାଇଁ ସ୍ୱାଗତ କରିବା ସହ କହିଥିଲେ 'ମୋର ସମସ୍ତ ଆଶୀର୍ବାଦ ତୁମ ପ୍ରତି ରହିଛି' କେନ୍ଦ୍ରାପଡ଼ା ଜିଲ୍ଲାର ବିକାଶ ପାଇଁ କାର୍ଯ୍ୟ କରିବ। ମୁଁ ଆପଣ ମାନଙ୍କୁ ସମସ୍ତଙ୍କୁ ବିଜୁ ପରିବାରକୁ ସ୍ୱାଗତ କରୁଛି। ତେବେ ଅରବିନ୍ଦ ବାବୁଙ୍କ ରାଜନୀତିରେ ପ୍ରବେଶ ପରେ କେନ୍ଦ୍ରାପଡ଼ା ରାଜନୀତି ସରଗରମ ହୋଇଛି। ଦଳ ତାଙ୍କୁ ଯେଉଁ ସିଟରୁ ଲଢ଼ାଇଲେ ବି ତାଙ୍କ ବିଜୟ ନିଶ୍ଚିତ। କାରଣ ଓଡ଼ିଶାରେ ବିଜେଡ଼ି ଯେଉଁପରି ଦଳକୁ ଶକ୍ତିଶାଳୀ ଓ ମଜଭୁତ କରିଛି ଏ କ୍ଷେତ୍ରରେ ନବୀନ ବାବୁଙ୍କ ବ୍ୟକ୍ତିତ୍ୱର ଆଧାର ଯାହା ଓ ୫ଟିର ବିକାଶ ଏହାସହ ବିଜୟ ମହାପାତ୍ରଙ୍କର ମଧ ବ୍ୟକ୍ତିଗତ ପ୍ରଭାବ ରହିଛି। ଏସବୁ ମିଶିଲେ କେନ୍ଦ୍ରାପଡ଼ା ରାଜନୀତିରେ ଅରବିନ୍ଦ ମହାପାତ୍ରଙ୍କ ବିଜୟ ନିଶ୍ଚିନ୍ତ କହିଲେ ଅତ୍ୟୁକ୍ତି ହେବନାହିଁ। ଓଡ଼ିଶାରେ ବିଶେଷକରି ଉପକୂଳବର୍ତ୍ତୀ ଜିଲ୍ଲା ଭିତରୁ କେନ୍ଦ୍ରାପଡ଼ାରେ ବିଜେଡ଼ି ଅତ୍ୟନ୍ତ ଶକ୍ତିଶାଳୀ ହୋଇଛି। ବିଶେଷକରି କିମ୍ବଦନ୍ତୀ ରାଜନେତା ବିଜୁ ବାବୁଙ୍କ ପ୍ରିୟ ନିର୍ବାଚନ ମଣ୍ଡଳୀ ଭାବେ ସମଗ୍ର କେନ୍ଦ୍ରାପଡ଼ା ପରିଚିତ। ତେଣୁ ବିଜୁ ବାବୁଙ୍କ ଏହି ସ୍ୱପ୍ନର କ୍ଷେତ୍ରରୁ ବିଜୟ ବାବୁଙ୍କ ପୁଅ ଅରବିନ୍ଦ ମହାପାତ୍ରଙ୍କ ବିଜୟ ଆଦୌ କଷ୍ଟକର ନୁହଁ। ରାଜନୀତିରେ ବଡ଼ ବଡ଼ କିମ୍ବଦନ୍ତୀ ବ୍ୟକ୍ତିତ୍ୱ ତଥା ରାଜନେତାଙ୍କ ପୁଅ ରାଜନୀତିରେ ବେଶ ସଫଳ ହେଉଛନ୍ତି। ତେଣୁ ନୂଆ ଚେହେରା ଅରବିନ୍ଦ ମହାପାତ୍ର ରାଜନୀତିରେ ସଫଳ ହୁଅନ୍ତୁ ଆଉ ତାଙ୍କ ବାପାଙ୍କ ପରି ଜଣେ ଅନୁଭବୀ ଓ ସୁଦକ୍ଷ ରାଜନେତା ଭାବେ ଓଡ଼ିଶାବାସୀଙ୍କ ସେବାରେ ନିଜକୁ ନିୟୋଜିତ କରି ସଫଳ ହୁଅନ୍ତୁ ଏହି ଶୁଭକାମନା ଆମେ ଜଣାଉଛୁ।

୪ଜି, ପ୍ରତାପ ଆପାର୍ଟମେଣ୍ଟ,
୭ଏକ୍ସଟେନସନ ରୋଡ଼, ପୁରୁଣା
ସୋନାରି, ଜାମସେଦପୁର,
ଝାରଖଣ୍ଡ,
ମୋ:୯୨୦୪୬୫୨୦୬୫

## ମୋ ପାଖରେ ଯଦି ୬୬କୋଟ ଟଙ୍କା ଥାଆନ୍ତା ?



### ସୁବ୍ରତ କର

ଗତ ଦୁଇ ଦିନ ତଳେ ଲାଗ୍ ଲାଗ୍ ଦୁଇଜଣ ଭିନ୍ନକ୍ଷମ ବ୍ୟକ୍ତି କ୍ଲବକୁ ଆସି ଆମକୁ ଦେଖା କରିଥିଲେ । ଉଦ୍ଦେଶ୍ୟ ଥିଲା ଦୁଇଜଣ ଯାକ କୋଉ (ଜଣେ ବୟସ୍କ ଏବଂ ଆଉ ଜଣେ ଯୁବକ) ବେଟେରୀ ଚାଳିତ ହୁଇଲ ଚେୟାର ଆବଶ୍ୟକତା ଥିଲେ ଏବଂ ତାଙ୍କୁ ଯଦି ମିଳନ୍ତା ସେମାନଙ୍କୁ ସାବଲମ୍ବୀ ହୋଇପାରନ୍ତେ ଏବଂ ସମାଜରେ ମୁଣ୍ଡ ଟେକି ଚାଲି ପାରନ୍ତେ। ସେ ଗାଡ଼ିରେ (ଗୋଟାଏ) ଦାମ ୪୫୦୦୦-୫୦୦୦୦ ଟଙ୍କା । ସେମାନେ କହିଥିଲେ ବହୁତ ଚେଷ୍ଟା କଲାପରେ (ଏମ.ଏଲ.ଏ, ଏମ୍.ପି ଏବଂ ଜିଲ୍ଲା ପ୍ରଶାସନଙ୍କୁ ଜଣାଇ ଫଳପ୍ରଦ ହୋଇ ନାହାନ୍ତି) ଅନେକ ଲୋକଙ୍କୁ ପଚାରି ବୁଝି ରୋଟାରୀ କ୍ଲବକୁ ଆସିଥିଲେ ।

ମୁଁ ଚେଷ୍ଟା କରନ୍ତି ମୋର ଏହି ନିଜ ଟଙ୍କାରୁ ଜନସାଧାରଣଙ୍କ ପାଇଁ ସେବା କରନ୍ତି । ଦରକାରି ଲୋକଙ୍କୁ ଦେଇ ପାରନ୍ତି ଦରକାର ଅନୁସାରେ ଏବଂ ଅନେକ ସମୟରେ ଇଚ୍ଛାନୁସାରେ । ଇଚ୍ଛା ଥିଲେ ବି ସାହାଯ୍ୟ କରିପାରୁନାହିଁ । ଆମ ରାଜ୍ୟର ଜଣେ ବ୍ୟକ୍ତିଙ୍କର ଇଚ୍ଛାଶକ୍ତି ଥିଲେ ବହୁତ ଗରିବ ଜନସାଧାରଣ ଉପକୃତ ହୋଇପାରନ୍ତେ । ମୁଁହରେ କହିଲେ ହେବ ନାହିଁ ସାରା ରାଜ୍ୟର ସାଢ଼େ ଚାରିକୋଟି ଜନସାଧାରଣ ମୋର ପରିବାର । ଜଗା ଭଳି ମୋର ନଜର ଏମାନଙ୍କ ଉପରେ ଅଛି । ଜନସାଧାରଣ ଦୂର୍ଘଟଣାରେ ମରିଲେ, ପାଣିରେ ବୁଡ଼ି ମରିଲେ ସମସ୍ତଙ୍କ ପାଇଁ ଯୋଜନା ଅଛି । ଆରାମରେ ଟଙ୍କା ଖର୍ଚ୍ଚ କରୁଛୁ ଏବଂ କରିଛୁ ମଧ । କିନ୍ତୁ ତଫାତ ହେଉଛି ଏହି ୬୬କୋଟି ଟଙ୍କାରେ ହାତ ମାରିବାର ନାହିଁ (ଯଦି ବି ଏହି ଟଙ୍କାରେ ଭବିଷ୍ୟତରେ ଦାବିଦାର କେହି ନାହାନ୍ତି) । ଲୋକ ମରିଲେ ତ ସରକାରୀ ଟଙ୍କା ଅପର୍ଯ୍ୟାପ୍ତ ହେଉଛି । କେତେ ଖର୍ଚ୍ଚ କରିବ କର। କେଉଁ ମୋର ହାତରୁ ଯାଉଛି । ସରକାରୀ ଟଙ୍କାର ଅଭାବ ନାହିଁ ବା ବାଣ୍ଟିବାର ଫୁରସତ ନାହିଁ । ନିଜ ଟଙ୍କାରୁ ଥରେ ଦେଇ ଦେଖିଲେ ହୁଅନ୍ତା ନାହିଁ କି ?

ଏତେ ସବୁ ଲେଖିବାର କାରଣ ହେଉଛି ମୁଁ ଜଣେ ବାଲେଶ୍ୱର ରୋଟାରୀ କ୍ଲବର ସଭ୍ୟ । ମୋର କାମ ପ୍ରତିଦିନ ୨ ଘଣ୍ଟା ପାଖାପାଖି କ୍ଲବକୁ ଯାଇ ଅନ୍ୟାନ୍ୟ ରୋଟାରିଆନ ବନ୍ଧୁମାନଙ୍କ ସହିତ ବାର୍ତ୍ତାଳାପ କରିଥାଉ ଏବଂ ତା' ମଧ୍ୟରେ ଜନସାଧାରଣଙ୍କ ସୁବିଧା ଅସୁବିଧା ବୁଝିବା ପାଇଁ ଚେଷ୍ଟା କରୁ । କ୍ଲବର ଏବେ ଚକ୍ଷୁ ଡାକ୍ତରଖାନା (ମୋତିଆବିନ୍ଦୁ ଅସ୍ତ୍ରୋପଚାର ଚାଲିଛି, ଦାନ୍ତ ଦେଖା ଚାଲେ ଏହା ସହିତ ଡାଇବେଟିସ ରୋଗର ଚିକିତ୍ସା ପାଇଁ ସୁବ୍ୟବସ୍ଥା ମଧ ଅଛି । ଏବେ ଏବେ ୫୦-୬୦ ଲକ୍ଷ ଟଙ୍କା ଦେଇ ମେମୋଗ୍ରାଫ ମେସିନ ଅଣା ଯାଇ ବ୍ରେଷ୍ଟ କ୍ୟାନସର ମଧ ନିରୂପଣ କରାହେଉଛି । ଭବିଷ୍ୟତରେ ଆହୁରି ମଧ କିଛି ରୋଗ ନିରୂପଣ ବ୍ରେନ୍ ଖୋଲିବାର ମଧ ଅଛି । ଏହିସବୁ ପାଇଁ ପ୍ରତିଦିନ ରୋଗୀମାନଙ୍କ ଭିଡ଼ ଲାଗି ରହିଥାଏ । ବଡ଼ କଥା ହେଲା ଯାହା କିଛି ହେଉଛି ବା ହେବାକୁ ଯାଉଛି ସବୁ ୧୨୦ ଜଣ ରୋଟାରିଆନ ଭାଇମାନଙ୍କ ଦାନ ଅର୍ଥରେ। କୌଣସିଠାରେ ସରକାରୀ ଅର୍ଥର ଆବଶ୍ୟକତା ପଡ଼ିନାହିଁଜ ଏବଂ ପଡ଼ିବ ନାହିଁ ବୋଲି ମୁଁ ଭାବୁଛି । ଆଉ ଗୋଟାଏ ବଡ଼ କଥା ହେଲା ପ୍ରତିଦିନ ଯେଉଁ ରୋଗୀମାନେ କ୍ଲବକୁ ଆସନ୍ତି ସମସ୍ତେ ଅତି କମ୍ ପାଇସାରେ ରୋଗ ଦେଖାଇ ସନ୍ତୁଷ୍ଟ ହୋଇ ଫେରନ୍ତି କାରଣ କ୍ଲବର ଯେଉଁ ବନ୍ଧୁ ନିଜର ପ୍ରାପ୍ୟ ଭାବରେ ଗୋଟାଏ ଟଙ୍କା ନିଅନ୍ତି ନାହିଁ ।

ଗତ ଦୁଇ ଦିନ ତଳେ ଲାଗ୍ ଲାଗ୍ ଦୁଇଜଣ ଭିନ୍ନକ୍ଷମ ବ୍ୟକ୍ତି କ୍ଲବକୁ ଆସି ଆମକୁ ଦେଖା କରିଥିଲେ । ଉଦ୍ଦେଶ୍ୟ ଥିଲା ଦୁଇଜଣ ଯାକ କୋଉ (ଜଣେ ବୟସ୍କ ଏବଂ ଆଉ ଜଣେ ଯୁବକ) ବେଟେରୀ ଚାଳିତ ହୁଇଲ ଚେୟାର ଆବଶ୍ୟକତା ଥିଲେ ଏବଂ ତାଙ୍କୁ ଯଦି ମିଳନ୍ତା ସେମାନଙ୍କୁ ସାବଲମ୍ବୀ ହୋଇପାରନ୍ତେ ଏବଂ ସମାଜରେ ମୁଣ୍ଡ ଟେକି ଚାଲି ପାରନ୍ତେ। ସେ ଗାଡ଼ିରେ (ଗୋଟାଏ) ଦାମ ୪୫୦୦୦-୫୦୦୦୦ ଟଙ୍କା । ସେମାନେ କହିଥିଲେ ବହୁତ ଚେଷ୍ଟା କଲାପରେ (ଏମ.ଏଲ.ଏ, ଏମ୍.ପି ଏବଂ ଜିଲ୍ଲା ପ୍ରଶାସନଙ୍କୁ ଜଣାଇ ଫଳପ୍ରଦ ହୋଇ ନାହାନ୍ତି) ଅନେକ ଲୋକଙ୍କୁ ପଚାରି ବୁଝି ରୋଟାରୀ କ୍ଲବକୁ ଆସିଥିଲେ । ନିଶ୍ଚିତ ଭାବରେ ସରକାର ବାହାଦୁରଙ୍କୁ ଗୁହାରୀ ଜଣେଇଲା ପରେ ଆମ ପାଖକଙ୍କୁ ଆସିଥିଲେ। ଏଇଠି ମୋର ଗୁହାରି ଥିଲା ଯେଉଁ ବ୍ୟକ୍ତି ବିଶେଷ କହୁଛନ୍ତି ସାଢ଼େ ୪ ଲକ୍ଷ ଜନସାଧାରଣଙ୍କ କୌଣସି ଅସୁବିଧା କରେଇ ଦେବିନାହିଁ । କେହି ଭୋକିଲା ମରିବେ ନାହିଁ, କେହି ବିନା ଔଷଧରେ ମରିବେ ନାହିଁଜ ଏବଂ ଶେଷରେ ଯାହା ପାଖରେ ୬୬କୋଟି ଟଙ୍କା ଅଛି ସେ କାହିଁକି ଏହି ଟଙ୍କାକୁ ଏହିଭଳି ଲୋକଙ୍କ ପାଇଁ ଖର୍ଚ୍ଚ କରୁନାହାଁନ୍ତି ? କାରଣ ଏହି ଟଙ୍କା ତାଙ୍କର ନିଜର ସରକାରଙ୍କ ନୁହେଁ ।

-ବାଲେଶ୍ୱର




### ଅଂଶୁଘାତ

**ସଦାଶିବ ବିଶ୍ୱାଳ**



ଅତି କଥା ସବୁ ଜମା ଭଲ ନୁହେଁ
କହିଛନ୍ତି ଗୁରୁଜନ,
ଅତି ଗର୍ବ କରି ଲଙ୍କା ହେଲା ନାଶ
ଅତି ମାନେ ଦୁର୍ଯ୍ୟୋଧନ

ଜଳ ଯେ ଜୀବନ ସର୍ବେ ଜାଣିଛନ୍ତି
ବନ୍ୟା ଆସେ ବହୁ ଜଳେ,
କଅଁଳ ଖରାଟି ଦେହ ପାଇଁ ହିତ
ଟାଣ ଖରା ଦେହ ଜାଳେ

ଟାଣ ଖରା କୋପେ ଅଂଶୁଘାତ ହୁଏ
ଶୋଷି ନିଏ ଜଳ କଣା,
ମୁଣ୍ଡକୁ ଘୁରାଇ ବାନ୍ତିଛାନ୍ତି ହୁଏ
କରିଥାଏ ବାଟବଣା

ସହିବାନି ଆଉ ଏତେ ସବୁ କଷ୍ଟ
ଅଂଶୁଘାତ ଡାକିବାନି,
ଖରା ବେଳଟାରେ ଟୋପି ଛତା ବିନା
ବାହାରେ କେବେ ଯିବାନି

ବାହାରକୁ ଗଲେ ସାଥେ ପାଣି ନେବା
ପାଦରେ ରଖିବା ଜୋତା,
ଆଖିରେ ନାଇବା ରଙ୍ଗୀନ ଚଷମା
ମୁଣ୍ଡପରେ ଥିବ ଛତା

ବାହାରକୁ ଯିବା ପେଟେ ଭାତ ଖାଇ
ଦହି ଓ ତୋରାଣି ପିଇ,
ଅଂଶୁଘାତ ଯାହା ଦୁର୍ଘଟଣା ଆଣେ
ତା'ଠାରୁ ଯିବା ଦୂରେଇ ।

+କଷ୍ଟ ଏଣ୍ଡ ମ୍ୟାନେଜମେଣ୍ଟ
ଆକାଉଟାଣ୍ଟ
ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀ
ମୋହନଦାସ ଏନକ୍ଲେଭ, ଖଣ୍ଡଗିରି
ଭୁବନେଶ୍ୱର-୩୦

### ନହୋଇବ ଅଂଶୁଘାତ

**ପ୍ରଦୀପ୍ତ କୁମାର ଦାସ**

ସହି ହୁଏନାହିଁ ବଇଶାଖୀ ଖରା
ବଢ଼ି ବଢ଼ି ଯାଏ ତାତି -

ଦିନରେ ସଭିଏଁ ଉହଳ ବିକଳ
ଥଣ୍ଡା ଲାଗେ ହେଲେ ରାତି,
ନରମ ଦେହରେ ଗରମ ପବନ
ଛୁଇଁଲେ ଲାଗଇ କଷ୍ଟ -

ଖାଇ ହୁଏ ନାହିଁ ତବତ ଦରବ
ହୋଇଥାଏ ତେଣୁ ନଷ୍ଟ,
ଫିୟାନ କୁଲର ଏ.ସି. ଚାଲିଲେ ବି
ନହୁଅନ୍ତି କେହି ଖୁସି -

ଭାଲୁଆଟା କରେ ଜିଭ ଲହ ଲହ
ଭାଡ଼ି ତଳେ ଶୁଏ ପୁଷି,
ନାହିଁ ଆମ୍ବତୋଟା ନାହିଁବି ଜଙ୍ଗଲ
ଦେବାକୁ ଶୀତଳ ଛାଇ -

ବିଗିଡ଼ି ଯାଇଛି ଆମ ପରିବେଶ
ନିଦାଘ ମାରଇ ହାଇ,
ପଦାକୁ ବାହାରି ଦି'ପାଦ ଚାଲିଲେ
ବହୁତ ହାଲିଆ ଲାଗେ -

ମୂଳିଆକୁ କାମ ବରାଦ କରିଲେ
ମୁହଁକୁ ଫୁଲାଇ ରାଗେ,
ତାଳସଜ ସହ ତରଭୁଜ କାଟି
ମିଶିକି ଖାଇବା ଆସ -

ଆଖୁରସ ଲସି ପଇଡ଼ ପିଇଲେ
ଭୋକ ଶୋଷ ହେବ ନାଶ,
ଲେମ୍ବୁପତ୍ର ଦହି ଯତନେ ମିଶାଇ
ଭୁଞ୍ଜିବା ପଖାଳ ଭାତ -

ନିଜେ ନିଜେ ଆମେ ସତର୍କ ରହିବା
ନହୋଇବ ଅଂଶୁଘାତ।

+କଣ୍ଟାବଣିଆ,ଛାତ୍ରପଡ଼ା,
ପ୍ରୀତିପୁର,ଯାଜପୁର
ମୋ - ୮୫୯୪୮୮୫୮୯୮

### ତୁମ ମଙ୍ଗୁଳା ତିଥି

**ସିଦ୍ଧେଶ୍ୱର ତ୍ରିପାଠୀ**

ତୁମ ମଙ୍ଗୁଳା ତିଥି ବିବାହ ଗୀତି
ବାସର ରାତି ପାଗ
ଋତୁ ସାଥିରେ ଲେଉଟେ ଯେବେ
ମନେ ଜାଗେ ଅନୁରାଗ ।

ସପନ ତୁମ ଡେଣା ଲଗାଇ
ଉଡୁଥିବ ବହୁ ଦୂରେ
ତୁମ କବରୀ ମହକ ଫୁଲ
ମଉଳୁ ଥିବ ଧିରେ ।

ଟିକେ ହସଫେରେ ଟିକେ ଲୁହଝରେ
ଏମିତି ଅଲିଭା ଦାଗ
ତୁମ ମଙ୍ଗୁଳା ତିଥି ବିବାହ ଗୀତି
ବାସର ରାତି ପାଗ
ଋତୁ ସାଥିରେ ଲେଉଟେ ଯେବେ
ମନେ ଜାଗେ ଅନୁରାଗ ।

ସେଇ ଫୁଙ୍ଗୁଳା ଛାତି ମୁକୁଳା କଟି
ମୋହୁଥିବ କାହା ମନ
ଅଧର ଅମୃତ ଧୋଇ ଦେଉଥିବ
ସାଥିର ଦେହ ଦହନ ।

ମୋ ଭାବନା ସବୁ ସେବେଠୁ ସେମିତି
କେବଳ ଅନ୍ଧାରି ଦାଗ
ତୁମ ମଙ୍ଗୁଳା ତିଥି ବିବାହ ଗୀତି
ବାସର ରାତି ପାଗ
ଋତୁ ସାଥିରେ ଲେଉଟେ ଯେବେ
ମନେ ଜାଗେ ଅନୁରାଗ ।

+ଖୋର୍ଦ୍ଧା

# ମୋହ

ପଦ୍ମାଳୟା ସାମଲ



ସ୍ୱପ୍ନା ଫୋନ କଲା, 'ମା! ଡାକ୍ତରଖାନାରେ ଗୋଟେ କୁକୁର ଛୁଆ ମୋ ପଛେ ପଛେ ଘୁରି ବୁଲୁଛି । ଏତେ ଲୋକ ଥାଉ ଥାଉ କେବଳ ମୋ ପାଖେ ପାଖେ ରହୁଛି । ବିସ୍କୁଟ ଗୋଟେ ପ୍ୟାକେଟ ଖାଇବାକୁ ଦେଇସାରିଲିଣି , ତଥାପି ମତେ ଛାଡୁନି କ୍ଷ ଅନ୍ୟମାନଙ୍କ ଠାରୁ ଯାହା ବୁଝିଲି ଆଜି ସକାଳେ କୁକୁର ଛୁଆର ମା ଗାଡି ଚକା ତଳେ ଚାପିହୋଇ ଆଖି ବୁଜିଚି ସବୁଦିନ ପାଇଁ । ମୋ ଗାଡି ପାର୍କି କରୁ କରୁ କୁକୁର ଛୁଆଟା ମୋ ପାଖକୁ ଦୌଡ଼ି ଆସିଲା ଆଉ ସେବେଠାରୁ ମତେ ଛାଡୁନି । ମୁଁ କୁକୁର ଛୁଆଟିକୁ ଘରକୁ ଗଲାବେଳେ ନେଇଯିବି ।'

ଭାନୁମତୀ ଝିଅ ଠାରୁ ସବୁ ଶୁଣି ଚଢା ଗଳାରେ କହିଲେ, 'ତୁ ତ ଜାଣିଛୁ ସ୍କୁଲ ସହିତ ଘରର ଯାବତୀୟ କାମରେ କେମିତି ଘାଣ୍ଟି ହେଉଛି କାମବାଲୀ ଛାଡିବା ଦିନରୁ । କୁକୁର ଜଞ୍ଜାଳ କିଛି କମ୍ ନୁହେଁ । ମଣିଷ ଛୁଆଟିଏ ଭଳି ତାର ଦାୟିତ୍ୱ ନେବାକୁ ପଡିବ । ଏଠି ଘରେ କାମବାଲୀ ନାହିଁ କ୍ଷ ଘର କାମ ନିଜେ କରୁଛି । କୁକୁରକୁ ଘରକୁ ଆଣି ମୋର ଆଉ ବି.ପି.ବଢାନା । ଏତକ କହି ଭାନୁମତୀ ଫୋନ କାଟିଦେଲେ । ପାଖରେ ଠିଆହୋଇ ଲୁକୁ ଲୁକୁ କରି ଚାହିଁଥିବା କୁକୁର ଛୁଆଟିର ପିଠିକୁ ଆଉଁସିଦେଇ ସ୍ୱପ୍ନା କହିଲା, 'ମୋ ମାମା ଯାହା କୁହନ୍ତି ସିଧାସିଧା, ହେଲେ ପେଟ ଭିତରେ ତାଙ୍କର କିଛି ନଥାଏ । ତତେ ଦେଖି ତାଙ୍କର ହୃଦୟ ନିଶ୍ଚୟ ତରଳି ଯିବ । ସ୍ୱପ୍ନା କଥା ଶୁଣି କୁକୁର ଛୁଆଟା କଣ ବୁଝିଲା କେଜାଣି ଚୁପ ହୋଇ ସ୍ୱପ୍ନା ଚ୍ୟାମ୍ବରରେ ଗୁଡ଼ି ହୋଇ ଶୋଇରହିଲା ।

ସନ୍ଧ୍ୟା ସମୟ । ସ୍କୁଲରୁ ଫେରି ଭାନୁମତୀ ଛାତଉପର ଗଛରେ ପାଣି ଦେଉଥାନ୍ତି । ତଳକୁ ଚାହିଁ ଦେଖିଲେ ଝିଅ ସ୍ୱପ୍ନାର ଗାଡ଼ିରୁ ବାଦାମୀ ରଙ୍ଗର କୁକୁର ଛୁଆଟା ବାହାରି ସ୍ୱପ୍ନା ସହିତ ଘର ଆଡକୁ ଚାଲି ଚାଲି ଆସୁଛି । ହଠାତ୍ ତାଙ୍କର ବ୍ଲଡ଼ପ୍ରେସର ବଢିଗଲା । ଗଛରେ ପାଣିଦେବା କାମକୁ ଅଧା ପକେଇ ଓହ୍ଲେଇ ଆସିଲେ ତଳକୁ । ରାଗ ତମ ତମ ହୋଇ ଗର୍ଜି ଉଠିଲେ ସ୍ୱପ୍ନା ଉପରେ - ଯୋଉଠୁ କୁକୁର ଛୁଆକୁ ଆଣିଛୁ ସେଇଠି ଛାଡ଼ିଦେଇ ଆସିଲେ ଭଲ ହେବ । ଏତେ ମନାକଲା ପରେବି ତୁ ତାକୁ ଘରକୁ ଆଣିଲୁ । ଭଲରେ କହିଦେଉଛି ଏ ଘରେ ସେ ରହିବ ନଚେତ୍ ମୁଁ କ୍ଷ ସ୍ୱପ୍ନା ଅପଲକ ନୟନରେ ଚାହିଁରହିଥିଲା ମାମାକୁ । ଆଗରୁ ତା ମାମା ଏତେ ରାଗିବାର କେବେ ସେ ଦେଖିନି କ୍ଷ ନରମ ଗଳାରେ ମାମାକୁ କହିଲା, ' ତମେ କଣ ଭାବୁଛ ମୁଁ ତାକୁ ଛାଡି ଆସିବାକୁ ବହୁତ ଚେଷ୍ଟା କରିଛି । ତାକୁ ଲୁଚି ଗାଡି ପାଖରେ ହେଲାବେଳକୁ ସେ କେମିତି ଜାଣିଲା କେଜାଣି ମୋ ପାଖରେ ଆସି ହାଜର । ତାକୁ ମୋ ସହିତ ନ ଆଣି ମୁଁ କେମିତି ଆସିଥାନ୍ତି କହିଲ ? ଆଜି ସକାଳେ ସେ ତା ମା କୁ ହରେଇଛି । ତାକୁ ଏମିତି ଅସହାୟ ଅବସ୍ଥାରେ କେମିତି ଛାଡି ଆସିଥାନ୍ତି ? ମୁଁ ପେସାରେ ଜଣେ ଡାକ୍ତର ମାମା । ଅନ୍ୟକୁ ଜୀବନ ଦେବା ମୋର କାମ । ତୁମକୁ କଥା ଦେଉଛି ସେ ଟିକେ ବଡ଼ ହେଇଗଲେ ତାକୁ ନେଇ ମୁଁ ଛାଡ଼ିଦେବି ।

ଝିଅର କଥା ଶୁଣି ଭାନୁମତୀଙ୍କର ମାତୃ ହୃଦୟ ତରଳିଗଲା । କୁକୁର ଛୁଆଟିକୁ କୋଳେଇ ନେଲେ । ଘରକୁ ନେଇ କ୍ଷୀର ବିସ୍କୁଟ ଖାଇବାକୁ ଦେଲେ । ତାର ନାଁ ରଖିଲେ 'ଟମି ' । ଟମି ଡାକିଦେଲେ ସେ ଚାହୁଁଥିଲା ଭାନୁମତୀଙ୍କୁ । ଉପରୁ ତଳ ଟମିକୁ ବୁଲେଇ ଦେଖେଇଦେଲା ସ୍ୱପ୍ନା । ମାର୍କେଟ ଯାଇ ତାର ବେକବନ୍ଧା ଚେନ ଠାରୁ ଆରମ୍ଭ କରି କାର୍ପେଟ ପର୍ଯ୍ୟନ୍ତ ସବୁ ଧରି ଆସିଲା । ବାପ ଝିଅ ମିଶି ବାଟଘରେ ଟମି ରହିବାର ବ୍ୟବସ୍ଥା କଲେ ।

ପରଦିନ ସକାଳୁ ଉଠି ଭାନୁମତୀ କବାଟ ଖୋଲି ଦେଖିଲା ବେଳକୁ ଟମି ଘର ସାରା ଝାଡା କରିଛି । ଏସବୁ ଦେଖି ତାଙ୍କ ରାଗ ପଞ୍ଚମକୁ ଉଠିଗଲା । କୁକୁର ଛୁଆଟିର ବେକକୁ ଧରି ପଦାକୁ ଫିଙ୍ଗିଦେଲେ । ଠିକ ସେତିକି ବେଳକୁ ଦଳେ ବୁଲା କୁକୁର କୁଆଡେ ଥିଲେ କେଜାଣି ମାଡି ଆସିଲେ ଟମି ପାଖକୁ । ଆଖି ପିଛୁଳାକେ ତାକୁ କାମୁଡି ରକ୍ତାକ୍ତ କରିଦେଲେ । ଭାନୁମତୀ ବାଡ଼ି ଖଣ୍ଡେ ଧରି ଗଲା ବେଳକୁ ବୁଲା



କୁକୁର ଦୌଡ଼ି ପଳେଇଗଲେ, ହେଲେ ବିଚରା ଟମି ରକ୍ତାକ୍ତ ହୋଇ ରାସ୍ତାରେ ପଡିରହିଥାଏ । କୁକୁର ଭୁକିବା ଶବ୍ଦରେ ସ୍ୱପ୍ନାର ନିଦ ଭାଙ୍ଗିଗଲା । ଉଠିଆସି ଦେଖିଲା ବେଳକୁ ଟମିର ଏ ଅବସ୍ଥା । କାଳ ବିଳମ୍ବ ନ କରି ଟମିକୁ ନେଇଗଲା ସ୍ଥାନୀୟ ପଶୁ ଡାକ୍ତରଙ୍କ ପାଖକୁ । ସେଠାରୁ ଫେରି ବାପ ଝିଅ ଲାଗିପଡିଲେ ଟମିର ସେବାରେ ।

ସେଦିନ ସ୍କୁଲରେ ମନ ଲାଗୁ ନ ଥାଏ ଭାନୁମତୀଙ୍କର । ଚାରିଆଡେ ଦେଖାଯାଉଥାଏ ଟମିର ମୁହଁ । ସ୍କୁଲ ଅଧାରୁ ଘରକୁ ଫେରି ଆସିଲେ । ଟମି ତାଙ୍କୁ ଦେଖି କୁଁ କୁଁ ଶବ୍ଦ କଲା । ତା ପାଖକୁ ଆସି ପିଠିକୁ ଆଉଁସି ଦେଲେ ଭାନୁମତୀ । କିଛି ବିସ୍କୁଟ ସହିତ କ୍ଷୀର ଖାଇବାକୁ ଦେଲେ । ଡାକ୍ତରଙ୍କ କହିବା ଅନୁସାରେ ସେବା ଯତ୍ନ କଲେ ।

କିଛିଦିନ ପରେ ଟମିକୁ ଆଉ ଚିହ୍ନି ହେଲାନି । ମୋଟାମୋଟି ହୋଇ ଥାକୁଲ୍ ଥାକୁଲ୍ । ତାର ଚାଲି ଭାନୁମତୀଙ୍କୁ ଆନନ୍ଦ ଦେଲା । ବାପ ଝିଅ ଦେଖନ୍ତି ଭାନୁମତୀଙ୍କର ଟମି ପ୍ରତି ଅଦ୍ଭୁତ ପୂର୍ବ ସ୍ନେହ । ଯେପରି ଭାନୁମତୀଙ୍କ ଦୁଃଖ କେବଳ ଟମି ବୁଝିପାରେ ଆଉ ଟମିର ଦୁଃଖ କେବଳ ଭାନୁମତୀ ହିଁ ବୁଝିପାରନ୍ତି । ଏବେ ରୋଷେଇବାସ, ବିଜୟଙ୍କ କଥା, ସ୍କୁଲ କଥା ତା ଭିତରେ ପୁଣି କୁକୁର କଥା ସବୁ ଏକା ତୁଲେଇପାରୁଥିଲେ ଭାନୁମତୀ । ସ୍କୁଲକୁ ଗଲା ବେଳକୁ ଟମି ତାଙ୍କ ସହ ପାଖ ଛକକୁ ଯାଏ ଯେଉଁଠୁ ସେ ଟାଉନ ବସ ଧରନ୍ତି । ସ୍କୁଲରୁ ଫେରିଲାବେଳକୁ ଟମି ଦୁଇ ଗୋଡ଼ ଉପରକୁ ଟେକି ତାଙ୍କୁ ଗେଟ ପାଖରେ ସ୍ୱାଗତ କରେ । ତା ବେକକୁ ଆଉଁସିଦେଲେ ଟମି ଗହ୍ଲେଇ ହୋଇ ତାଙ୍କ ପାଖ ଛାଡେନି, ଗୁଡେଇତୁଡେଇ ହୁଏ ତାଙ୍କ ଚାରିପଟେ । ମାଆପଣର ଅନବଦ୍ୟ ଖୁସିରେ ମସଗୁଲ ହୁଅନ୍ତି ଭାନୁମତୀ ।

ଏଣିକି ସବୁଦିନ ଟମି ପାଇଁ ଚିକେନ ସିଝା ଭାତ ସହିତ ଖାଇବାକୁ ଦିଅନ୍ତି ଭାନୁମତୀ । ନିୟମିତ ଖାଦ୍ୟ ପରଷିବା ସହିତ ଆବଶ୍ୟକତା ଅନୁଯାୟୀ ଚକିତ୍ସା ମଧ କରନ୍ତି ଟମିର । କୃମି ନ ହେବା ପାଇଁ ତିନି ମାସରେ ଥରେ ବଟିକା ଖୁଆନ୍ତି, ବର୍ଷକୁ ଥରେ ଆଣ୍ଟିରାବିସ୍ ଇଞ୍ଜେକ୍ସନ ନେଇ ଦେବାକୁ ଭୁଲନ୍ତି ନାହିଁ ।

ଦିନେ ସ୍କୁଲରୁ ଫେରି ଭାନୁମତୀ ଅନୁଭବ କଲେ ଦେହରେ ଅସହ୍ୟ ତାତି । ପରୀକ୍ଷା କଲାରୁ ଜଣାପଡିଲା ସେ ଡେଙ୍ଗୁରେ ଆକ୍ରାନ୍ତ । ତିନିଦିନ ତରଳ ଖାଦ୍ୟ ଓ ପାନୀୟ ସହିତ ବିଛଣାରେ ପଡିରହିଲେ । ଭାନୁମତୀ ଲକ୍ଷ୍ୟ କଲେ ଟମି ତିନି ଦିନ ଅଳ୍ପ କିଛି ଖାଇ ତାଙ୍କୁ ଜଗି ରହିଲା ତାଙ୍କୁ ଶୋଇବା ଘରେ । ତାଙ୍କର ମନେହେଲା, କୁକୁର କେବେ ମାଲିକର ଋଣୀ ହୋଇ ରହେ ନାହିଁ । ଋଣ ଶୁଝିଦିଏ । ସେ ସୁସ୍ଥ ହୋଇ ଚଳପ୍ରଚଳ ହେବା ପର୍ଯ୍ୟନ୍ତ ଟମି ତାଙ୍କ ପାଖେ ପାଖେ ରହିଲା । ଟମିର ଉପସ୍ଥିତି ତାଙ୍କୁ ପ୍ରଫୁଲ୍ଲିତ କରିବାକୁ, ତାଙ୍କର ସକଳ ଥକ୍କାପଣ, ଭାରୀପଣ ଦୂର କରିବାକୁ ଯଥେଷ୍ଟ ଥିଲା ।

ସ୍ୱପ୍ନା ତଲ୍ଲୀନ ହୋଇ ଦେଖୁଥିଲା ମାମାକୁ ପାଖରେ ପାଇ ଟମି କେମିତି ତାଙ୍କ ଦେହରେ ବାରମ୍ବାର ନେସି ହେଉଥିଲା । କପାଳରୁ ପିଠି ପର୍ଯ୍ୟନ୍ତ ଦି ତିନିଥର ଆଉଁସିଦେଲେ ଟମି ବସି ପଡୁଥିଲା ଓ ମୁହଁ ଟେକି ଦେଉଥିଲା । ଭାନୁମତୀ ଅଳ୍ପ ହସି ତା ବେକତଳ ପୁଣି ଆଉଁସିଦେଉଥିଲେ ଥରକୁ ଥର । ପାଖକୁ ଆସି ସ୍ୱପ୍ନା କହିଲା, 'ମାମା, ମତେ ଲାଗୁଛି ଟମି ଏବେ ବେଶ ବଡ଼ ହୋଇଗଲାଣି । ନିଜ ସୁରକ୍ଷା ନିଜେ କରିପାରିବ । ତାକୁ ନେଇ ଛାଡ଼ିଦେବି ଯୋଉଠୁ ଆଣିଥିଲି । ତୁମକୁ କଥା ଦେଇଥିଲି ସେ ବଡ଼ ହେବାପରେ ତାକୁ ଛାଡ଼ିଦେବା ପାଇଁ । ତା ଛଡା ପ୍ରାକୃତିକ ସ୍ୱାଧୀନ ଜୀବନଟିଏ ତାକୁ ବଞ୍ଚିବାକୁ ଦିଅ ।'

ସ୍ୱପ୍ନା ପାଟିରୁ କଥା ଛଡେଇ ଭାନୁମତୀ କହିଲେ, ତାକୁ କଣ ମୁଁ ଆକଟରେ ରଖିଛି ନା କଣ ! ଆମ ଟମି ବାହାର କୁକୁରଙ୍କ ସହ ମିଳାମିଶା କରୁଛି । ' ଆହୁରି ଦୃଢ଼ କଣ୍ଠରେ କହିଲେ, 'ଥରେ କହିଦେଉଛି, ଟମିକୁ ଛାଡି ମୁଁ ରହିପାରିବି ନାହିଁ । ସେ ଆମ ଘର ଛାଡି କୁଆଡେ ଯିବ ନାହିଁ ।'

ଏଥର ସ୍ୱପ୍ନାର ମୁହଁରେ ଉଛୁଳୁଥିଲା ତୃପ୍ତିର ହସ ।

ଭୁବନେଶ୍ୱର
ମୋ - ୭୦୦୮୩୪୮୧୭୨

# ଉଙ୍କୁଣୀ ପାନିଆ



ଅରବିନ୍ଦ ଦାସ



'ଶୁଣୁଛ ? ତମ ଝିଅ ହଷ୍ଟେଲରୁ ସମ୍ପତ୍ତି ନେଇ ଆସିଛି ।ମୁଣ୍ଡରେ ପୁଳାଏ ଉଙ୍କୁଣୀ ।'

ସ୍ତ୍ରୀ ମାନୁଙ୍କ କଥା ଶୁଣି ହସିଦେଇ ଶଶାଙ୍କ କହିଲେ, -'ଏମିତି ବ୍ୟସ୍ତ କାହିଁକି ହେଉଛ ? ଔଷଧ ଲଗାଇ ମୁଣ୍ଡ ଧୋଇଦେଲେ ସରିବ । ସିଏ କଣ ଜାଣିଶୁଣି ଆଣିଛି ?'

- ଆଚ୍ଛା ? ବ୍ୟସ୍ତ ମୁଁ କାହିଁକି ହେବି ? ମୋରି ମୁଣ୍ଡରେ ପଶିବ ଆଜି ରାତିରେ । କେମିତି ପିଲାଙ୍କ ସାଙ୍ଗରେ ମିଶୁଛି କେଜାଣି ? ତମ ଉଙ୍କୁଣି ମୁଣ୍ଡି ଝିଅ ଅଲଗା ଶୋଇବ ଆଜି ।'

ଖରାଦିନ ଛୁଟିରେ ଦିଶା ଘରକୁ ଆସିଥିଲା । ଶଶାଙ୍କ'ଙ୍କର ଗେଲ୍ହି ଝିଅ । ପୁଅ ସୋମୁ ମା'ର ଗେଲ୍ହା । ତେଣୁ ମାନୁ ଝିଅ ବିଷୟରେ ଯାହାବି ଅଭିଯୋଗ କଲେ ଶଶାଙ୍କ ଆଡେଇ ଦିଅନ୍ତି ।

ଦିଶା ଦୌଡ଼ି ଆସି ବାପା କୋଳରେ ବସି ହସିଦେଇ କହିଲା, -ମମିକୁ ଦେଖୁଛ ତ ପାପା । ତମର ମନେଅଛି ପାପା, ପିଲାବେଳେ ଜେଜେମା କେତେ ସୁନ୍ଦର ଭାବେ ମୋ ମୁଣ୍ଡରେ ତେଲ ଲଗାଇଦେଇ ଉଙ୍କୁଣୀ ବାଛିଦିଏ ? ଗୋଟେ ଶିଙ୍ଗ ପାନିଆ ବି ଥିଲା ଆମର; ଗାଁ ରୁ ଏଠିକୁ ଆସିଲା ବେଳେ ବି ଜେଜେମା ତାକୁ ସାଙ୍ଗରେ ଆଣିଥାଏ ।'

ହସିଦେଇ ଶଶାଙ୍କ କହିଲେ, - 'ପିଲାବେଳେ ମୋ ମୁଣ୍ଡରେ ବି ବେଳେବେଳେ ହେଉଥିଲା । ବୋଉ ବାହାର କରିଦେଉଥିଲା । ଭାରି ତୀକ୍ଷ୍ଣ ତା ଆଖି ।'

ଘର ଭିତରକୁ କଫି କପ ଧରି ପଶିଆସୁ ଆସୁ ମାନୁ କହିଲେ, -'ବାଃ, ଭାରି ଗର୍ବ ର କଥା ବଖାଣୁଛ । ତୁମ ବୋଉଙ୍କ'ର ତ ଗୋଟେ ଗ୍ୟାଙ୍ଗ ଥିଲେ । ଆଉ ସେ ଥିଲେ ସେମାନଙ୍କ ଲିଡର । ଘର ଅଗଣାରେ ସଭା କଲାଭଳି ଚାଲିଥାଏ ଉଙ୍କୁଣୀ ବଛା । ଛିଃ, ମୋତେ ଭାରି ଲାଜ ମାଡେ । ଦିଶା, ତୁ ବାପା କୋଳରୁ ଉଠି ତୋ ନିଜ ଜିନିଷ ସଜାଡ଼ି ରଖ । ଘର କୁ ତୋ ହଷ୍ଟେଲ ବୋଲି ଭାବନା ।'

ମାନୁ ଓ ଦିଶା ଚାଲିଗଲା ପରେ କଫି ପିଉପିଉ ଶଶାଙ୍କ ହଜିଗଲେ ଭାବନା ରାଜ୍ୟରେ । ବୋଉ କେବେଠୁ ସ୍ୱର୍ଗରେ ।

ଦିଶା ଛୋଟଥିଲା ବେଳେ ବୋଉ ନାତୁଣୀ ମୁଣ୍ଡରେ ଭଲକରି ତେଲ ମାଲିସ୍ କରି ତା ଗହଳିଆ ବାଳକୁ ସାଉଁଳେଇ ଦେଇ ମାନୁ ଉଦ୍ଦେଶ୍ୟରେ କହେ, -'ପୁରା ଆମ ଶଶାଙ୍କ ଭଳି ମୋଟା ଚୁଟି । ସପ୍ତାହରେ ଥରେ ବାଳ ଧୋଇ ଝୁଣା ଧୂଆଁ ଦେବୁ । ବାଳ ମୂଳ ଶକ୍ତ ରହିବ । ଆଉ ଉଙ୍କୁଣୀ ବି ବାଛି କୁଣ୍ଡେଇ ଦେଉଥିବୁ ।'

- ବୋଉ, ଏଠି ଟାଉନରେ ଏତେ ଉଙ୍କୁଣୀ ହୁଅନ୍ତିନି ଗାଁ ଭଳି । ଆଜିକାଲି ଔଷଧ ବାହାରିଲାଣି । ଥରେ ଲଗାଇଲେ ସଫା ।'

ପିଲାବେଳ କଥା ମନେ ପଡ଼ିଗଲା ଶଶାଙ୍କ'ଙ୍କର ।

ବାପା ପାଖ ଗାଁ ସ୍କୁଲରେ ପ୍ରଧାନଶିକ୍ଷକ ଥିଲେ । ସକାଳୁ ସାଇକେଲ ନେଇ ବାହାରିଗଲା ପରେ ବୋଉ ଲାଗିଯାଏ ତା କାମରେ । ସକାଳୁଆ ସ୍କୁଲ ସାରି ଶଶାଙ୍କ ଓ ଦୁଇ ଭଉଣୀ ଘରେ ପହଁଚିଲା ପରେ, ଶଶାଙ୍କଙ୍କୁ ଭଲକରି ତେଲ ଲଗାଇ, ଘଷି ଗାଧେଇଦିଏ ବୋଉ । ଦୁଇ ଭଉଣୀ, ବୁଢ଼ୀ ଅପା ଓ କୁନି ଅପା ଆପେ ଆପେ ଗାଧାନ୍ତି ।

ଖାଇବା କାମ ସରିଲା ବେଳକୁ ପାଖପଡ଼ିଶା ଝିଅ, ମାଇପେ ଘରେ ହାଜର ହୋଇଯାଆନ୍ତି ଘରେ । ଦୁଇ ଭଉଣୀ ସେମାନଙ୍କ ସାଙ୍ଗଙ୍କ ସହ ମିଶି ଲୁଡ଼ୋ, କଟ,ବାଘ ଛେଳି ଖେଳନ୍ତି କିମ୍ବା ପଦ୍ୟାନ୍ତର । ଓପରଓଳି ସମୟରେ ଚୁ, କିତ୍ କିତ୍, ଝପରା ଡିଆଁ, ଲୁଚକାଳି, ବୋହୁଚୋରି, ବିଷ ଅମୃତ ଇତ୍ୟାଦି ଖେଳ । ଶଶାଙ୍କ ବି ସେମାନଙ୍କ ସହ ଖେଳନ୍ତି ।

ତେବେ ଖରାବେଳେ ବୋଉ ଓ ସାହିର ଅନ୍ୟ ଲେଖାଯୋଖାରେ ଭାଉଜ,ଖୁଡ଼ୀ, ବଡ଼ବୋଉ, ପିଉସୀ ମାନଙ୍କର ତାସ ଆସର ବସିଯାଏ । ଟ୍ୱେଣ୍ଟି ନାଇନ, ବ୍ରେ ଖେଳର ଉତ୍ତାପ, ଘର ପରିବେଶକୁ ଅଧିକ ଗରମ କରିଦିଏ ।

ଆଉ ସବୁଠୁ ମଜା ହୁଏ ଯେତେବେଳେ ଗୋଲାକାରରେ ବସି ସେମାନେ ପରସ୍ପର ମୁଣ୍ଡରେ ତେଲ ଲଗାଇ ବେଣୀ, ଜୁଡ଼ା, ଖୋଷା ପାରନ୍ତି । କି ହସ ! ପାନ ଖିଆ ହେଉଥିବ, ବେଣୀ ବନ୍ଧନ ଚାଲିଥିବ । ଆଉ ତା ସହ ଉଙ୍କୁଣୀ ବଛା । ତେବେ ବୋଉ ମୁଣ୍ଡରେ ଉଙ୍କୁଣୀ ନଥାନ୍ତି । ଘରେ କାମକରୁଥିବା ପ୍ରମିଳା, ବୋଉ ମୁଣ୍ଡ କୁଣ୍ଡାଇ ଦିଏ । ଡାଗରା ଗଜି, ନିଖ ସବୁ ଭଲ ଭାବେ ବୋଉର ସ୍ପେଶାଲ ଶିଙ୍ଗ ପାନିଆରେ ବାଛି ହୁଏ ବୋଲି ପ୍ରମିଳା କହେ । ତେଣୁ ବୋଉର ଗର୍ବ ।

- ବୁଢ଼ୀବୋଉ, ତମ ଶିଙ୍ଗ ପାନିଆଟା ଦିଅ ବା । ଏଇ କାଠ, ପ୍ଲାଷ୍ଟିକ ପାନିଆରେ ମଜା ଆସୁନି ।'

ଗର୍ବର ସହ ବୋଉ ସିନ୍ଦୁକରୁ ସୁନ୍ଦର କାରୁକାର୍ଯ୍ୟ ହୋଇଥିବା ନିଜ ବାପଘରୁ ଯୌତୁକରେ ଆଣିଥିବା ଦୁଇଟା ଶିଙ୍ଗ ପାନିଆ ବାହାର କରେ ।ଗୋଟିଏ ନିଜ ପିଲାଙ୍କ ପାଇଁ ଓ ଅନ୍ୟଟି ସାହି ପଡିଶା ତଥା ଘରକୁ ଆସୁଥିବା ଅନ୍ୟ ମାନଙ୍କ ପାଇଁ ।

ବାପା ଇସାରାରେ କୁହନ୍ତି, ଅମୂଲ୍ୟ ସମ୍ପତ୍ତି ।

ଅନେକ ଥର ବୋଉ ପିଲାଙ୍କୁ ଗର୍ବର ସହ କହେ, -'ମୋ ବାପା କଲିକତାରୁ ମଗେଇଥିଲେ । ସାତ ପୁରୁଷ ଚାଲିଯିବ ଏଇ ପାନିଆ । ଦାନ୍ତ ଭାଙ୍ଗିବନି ତାର ।'

ବେଳେବେଳେ କିଛି ଛୋଟ ଛୋଟ କଥା, ତାସ ଖେଳରେ ହାର ଜିତ୍‌କୁ ନେଇ ମନୋମାଳିନ୍ୟ ହୋଇଥାଏ ବୋଲି କେହି ଖୁଡ଼ୀ, ବଡ଼ବୋଉ ଦିନେ ଦିନେ ଖରାବେଳେ ଆସିନଥାନ୍ତି । ଶଶାଙ୍କ ବା ଭଉଣୀମାନଙ୍କୁ ପଠାଏ ବୋଉ । ମାନଭଞ୍ଜନ ହୁଏ । ବୋଉ ସେମାନଙ୍କୁ କୁହେ, - ଏମିତି କଥାରେ କିଏ ଅଭିମାନ କରେ ? ଆମ ତାସ ପାଲି ଓ ମୁଣ୍ଡ କୁଣ୍ଡା ମନେପଡୁନି ?'

-'ବୁଝିଲ ଶଶା ବୋଉ, ତମ ପାନିଆ କଥା ମନେପଡି ମୁଣ୍ଡଟା ପରା ଖାଲି କୁଣ୍ଡେଇହେଲା । ସେଇଥିପାଇଁ ଚାଲିଆସିଲି ।'

ଚାଲେ ପୁଣି ହସର ରୋଳ ।

ବୁଢ଼ୀ ଅପା, କୁନି ଅପା ମୁଣ୍ଡରେ ଉଙ୍କୁଣୀ ହେଲେ ବାପା ବିରକ୍ତ ହୋଇ କୁହନ୍ତି, - 'ଗ୍ୟାମାକସିନ କି ଡେଟଲ ମୁଣ୍ଡରେ ଲଗାଇ ଗାଧାଅ ।'

ଦୁଇ ଭଉଣୀ କାନ୍ଦନ୍ତି । ସାବୁନ ପାଣି ଆଖିରେ ଲାଗିଲେ ପୋଡ଼େ; କଥା ପୁଣି ଔଷଧ ହେଲେ ଯାହା ହେବା କଥା । ହସିଦେଇ ବୋଉ ସେମାନଙ୍କୁ ବୁଝାଇ, ଭଲକରି ସେମାନଙ୍କ ମୁଣ୍ଡରେ ନଡିଆ ତେଲ ମାରି ସେଇ ଶିଙ୍ଗ ପାନିଆରେ କୁଣ୍ଡାଇ ଦିଏ । ବାପାଙ୍କ ପୁରୁଣା ଧଳା ଧୋତି ଉପରେ ଖସୁଥିବା କିଛି ଉଙ୍କୁଣୀମାନଙ୍କୁ ନଖରେ ମାରି ଦୁଇ ଭଉଣୀ ଶତ୍ରୁ ଉପରେ ପ୍ରତିଶୋଧ ନେଲା ଭଳି ଅନୁଭବ କରନ୍ତି ।

ମୁଣ୍ଡର ଅଡୁଆ ବାଳ ସବୁ ପାନିଆରୁ ଓ ତଳୁ ଗୋଟାଇ ଗୁଡା ହୋଇ ଖୋସା ହୁଏ ସଙ୍ଗାରେ । ସପ୍ତାହରେ ଥରେ ଦୁଇଥର ଡମ୍ବରୁ ବଜାଇ ଅଡୁଆବାଳ କିଣିବା ପାଇଁ ଲୋକଟେ ଆସେ । ଚାଳ ସଙ୍ଗା ଭିତରେ ଖୋସା ହୋଇଥିବା ସେଇ ଅଡୁଆ ବାଳ ଦେଇ, ମିଳେ ଈଷତ ଗୋଲାପୀ ରଙ୍ଗର କିଛି ଛୋଟ ଛୋଟ ସୁସ୍ୱାଦୁ ଲିଲି ବିସ୍କୁଟ । କି ଆନନ୍ଦରେ ଖିଆଯାଏ ? ଆଜିର କେ.ଏଫ.ସି ଖାଇବାରେ କଣ ସେ ମଜା ଅଛି ?

ନିଜ ଆଲମାରୀ ଥାକ ଭିତରୁ ଯତ୍ନରେ ଶଶାଙ୍କ ବାହାରକଲେ ସେଇ ପାନିଆ । ଭଲକରି ପୁଣିଥରେ ଦେଖିଲେ । ପୁରୁଣା ପାନିଆରୁ ଗୋଟିଏ ଦାନ୍ତ ଭାଙ୍ଗିଯାଇଛି । ବୋଧେ ବୋଉର ସ୍ମୃତିରେ ! କାନ୍ଥରେ ବୋଉ'ର ଫଟ । ପୁରୁଣା କଥା ପୁଣି ମନେପଡ଼ିଗଲା ।

ଥରେ ସେ ବୋଉକୁ ପଚାରିଥିଲେ,

-'ଉଙ୍କୁଣୀ ଯାହା ମୁଣ୍ଡରେ ହେଉଛି, ତୁ ତା ସହ କାହିଁକି ମିଶୁଛୁ ?'

ହସି ଦେଇ ବୋଉ କହେ, -'ସ୍ନେହର ପୋକ ଏମାନେ । ସେମାନଙ୍କ ଯୋଗୁଁ ଆମେ ସବୁ ଏକାଠି ଯୋଡି ହୋଇ ବସୁଛୁ, ହସ ଖୁସି ଗପ କରୁଛୁଓ ମୁଣ୍ଡ କୁଣ୍ଡାଉଛୁ । ବୋଧେ ଉଙ୍କୁଣୀ ଏକ ବାହାନା ଯାହା ଆମକୁ ଯୋଡି ଦେଉଛି ।'

ମାନୁ'ଙ୍କ କଥାରେ ଭାବନା ରାଜ୍ୟରୁ ଫେରିଆସିଲେ ଶଶାଙ୍କ ।

'ଦିଶାର ବାଳ ଟିକେ ଛୋଟ କରି କାଟିଦେବାକି ? ଏ ଉଙ୍କୁଣୀ ଗୁଡାକ ମୋ ଝିଅର ରକ୍ତ ଶୋଷି ଦେବେ । ତମେ ନହେଲେ ହଷ୍ଟେଲ ୱାର୍ଡେନଙ୍କୁ କଂପ୍ଲେନ କର । କଣ କରିବି ମୋତେ ବୁଦ୍ଧି ଦିଶୁନି ।'

-ଅନ୍ୟମନସ୍କ ଭାବେ ଶଶାଙ୍କ'ଙ୍କ ପାଟିରୁ ବାହାରିପଡ଼ିଲା,'ସ୍ନେହର ପୋକ ସେମାନେ ।'

- କଣ ହେଲା ? ତମ ମୁଣ୍ଡ ଖରାପ ହେଲାଣି କି ?

ଟିକେ ରହି ମାନୁ ପୁଣି ପଚାରିଲେ,

-'ତମେ ହାତରେ ବୋଉଙ୍କ ସେ ଉଙ୍କୁଣୀ ପାନିଆ କାହିଁକି ଧରିଛ ?'

- ତମେ ବୁଝିପାରିବ ନାହିଁ ।

ଶଶାଙ୍କ'ର ମନେପଡ଼ିଗଲା ସେ ପଢିଥିବା କେଉଁ ଗପରୁ ପଦେ । ଶିଙ୍ଗ ପାନିଆ ବିଷୟରେ ।

'ଏଇ ପାନିଆରେ ମୁଣ୍ଡ କୁଣ୍ଡାଇ ଦେଲେ ଖାଲି ଧୂଳି ମଇଳା ନୁହେଁରେ, ମୁଣ୍ଡରେ ଜମା ହୋଇଥିବା ଅହଂକାର ସବୁ ସଫା ହୋଇଯାଏ ।'

ଚମକି ପଡିଲେ ଶଶାଙ୍କ । ଆଜିଯାଏଁ ବୋଧେ ସେ ସେଇଥିପାଇଁ ବୋଉ'ର ଶିଙ୍ଗ ଉଙ୍କୁଣୀ ପାଣିଆଟାକୁ ସାଇତି ରଖିଛନ୍ତି । ନିଜ ମୁଣ୍ଡକୁ ସେଇଥିରେ କୁଣ୍ଡାଇଲା ବେଳେ ମାନୁ ଚିଡାଇକରି କୁହନ୍ତି, 'କଣ ଉଙ୍କୁଣୀ ହେଲାଣି କି ?'

ଉତ୍ତର ନଦେଇ ଖାଲି ହସିଦିଅନ୍ତି ଶଶାଙ୍କ । ନିଜେ ଦୁଇ ପୁଅ ଝିଅଙ୍କ ମୁଣ୍ଡରେ ବି ବୋଉ ର ସେଇ ପାନିଆ ଚଳାଇ ଦେଇ ଭଗବାନଙ୍କ ଉଦ୍ଦେଶ୍ୟରେ ପ୍ରାର୍ଥନା କରି କୁହନ୍ତି , ମୋ ପିଲାଙ୍କ ମୁଣ୍ଡରେ କେବେ ବି ଗର୍ବ, ଅହଂକାର ବସା ନ ବାନ୍ଧୁ ।

+ ବିଶାଖାପାଟଣା

# ଅମୂଲ ମୂଲ



ରେବା ପଟ୍ଟନାୟକ



କେଜାଣି କେତେ ଶହ ବର୍ଷ ତଳର କଥା । ଦ୍ୱୀପ ଗୁଡିକରେ କେହି ରହୁ ନଥିଲେ । ନା ମଣିଷ ନା ଜୀବଜନ୍ତୁ । ଫାଙ୍କା ଥାଏ ଚତୁଃପାର୍ଶ୍ୱ । ପବନ ବହୁଥିଲା ତା ବାଟରେ । ବେଳେବେଳେ ଶୀତଳ ପବନ ସମୁଦ୍ରରୁ ବହି ଆସି ସେ ଘନ ବନାନୀ ପରିପୂର୍ଣ୍ଣ ଅଞ୍ଚଳକୁ ମତୁଆଲା କରି ତୋଳେ । କିନ୍ତୁ କିଏ ଥାଏ ସେଠି ?

ମଣିଷ ତ ନ ଥିଲେ । କିନ୍ତୁ ସେହି ଦ୍ୱୀପରେ ବସବାସ କରୁଥିଲେ କିଛି କିଛି ଆବେଗ ଓ କିଛି କିଛି ଅନୁଭବ ମାନେ । ସେମାନେ ଥିଲେ ଆନନ୍ଦ, ବିଷାଦ, ଜ୍ଞାନ, ଗାରିମା, ଈର୍ଷା, ସହାନୁଭୂତି, ଆନ୍ତରିକତା, ବନ୍ଧୁତ୍ୱ, ସୌନ୍ଦର୍ଯ୍ୟ ଆଉ ଏମାନଙ୍କ ସାଙ୍ଗରେ ଥିଲା ମଧ ଅନୁରାଗ । ଆଉ ଜଣଙ୍କ କଥା ଭୁଲିଗଲେ କେମିତି ହେବ ? ସେ ଥିଲା ସମୟ । ବଡ଼ ବଳବାନ୍ । ତାକୁ ଛାଡ଼ି କଣ କିଛି କଳ୍ପନା କରିହୁଏ ?

ଦିନେ ଘୋଷଣା ହେଲା ଯେ ଦ୍ୱୀପ ଟି ବୁଡିଯିବ । ବୁଡ଼ିଯିବ ଆଉ ସେମାନଙ୍କୁ ଦ୍ୱୀପ ଛାଡ଼ି ଚାଲିଯିବାକୁ ପଡ଼ିବ । ସମସ୍ତେ ଗୋଟିଏ ଗୋଟିଏ ଡଙ୍ଗା ନିର୍ମାଣ ରେ ଲାଗିପଡିଲେ ଓ ଦ୍ୱୀପ ଛାଡ଼ି ଚାଲିଯିବାକୁ ନିଷ୍ପତ୍ତି ନେଲେ । କାର୍ଯ୍ୟକ୍ରମ ଆରମ୍ଭ ହେଇଗଲା । କିନ୍ତୁ ଦେଖା ଗଲା ଯେ ଜଣେ ମାତ୍ର ଅନୁରାଗ ଏ ବିଷୟରେ କିଛି ଭାବୁ ନାହିଁ । ତା ଉପରେ ଏ କଥାର ଲେଶ ମାତ୍ର ପ୍ରଭାବ ପଡ଼ି ନାହିଁ ।ସେ ଦ୍ୱୀପ ଟିକୁ ଏତେ ବେଶି ଭଲପାଇ ବସିଥିଲା ଯେ କିଛି ଚିନ୍ତା କରୁ କରୁ ଅନ୍ୟମାନେ ଦ୍ୱୀପ ଛାଡ଼ିବା ଆରମ୍ଭ କଲେଣି । ସେ ଦ୍ୱୀପ ଟି ସହ ଶେଷ ସମ୍ଭବ ମୁହୂର୍ତ୍ତ ପର୍ଯ୍ୟନ୍ତ ରହିବାକୁ ଚାହୁଁଥିଲା ।

ଧିରେ ଧିରେ ଦ୍ୱୀପ ଟି ବୁଡ଼ିବାକୁ ଆରମ୍ଭ କରିଥିଲା । ଯେତେବେଳେ ସମଗ୍ର ଦ୍ୱୀପ ଟି ବୁଡିଯିବା ଅବଶ୍ୟମ୍ଭାବୀ ବୋଲି ଜଣା ପଡ଼ିଲା, ଅନୁରାଗ ସେତେବେଳେ ଯାଇ ସାହାଯ୍ୟ ମାଗିବା ପାଇଁ ସ୍ଥିର କଲା ।

ବିଭବ ଗୋଟେ ବିରାଟ ଡଙ୍ଗା ନେଇ ବାହାରି ଯାଉଥିଲା ।

ଅନୁରାଗ କହିଲା, 'ବିଭବ,ମୋତେ ଟିକେ ସାଙ୍ଗରେ ନେଇ ପାରିବୁକି ?'

ବିଭବ ଉତ୍ତର ଦେଲା, 'ନା, ମୁଁ ପାରିବି ନାହିଁ । ମୋ ନୌକାରେ ଅନେକ ସୁନା ରୂପା ବୋଝେଇ ହୋଇଛି । ତୋ ପାଇଁ ଆଉ ଜାଗା କେଉଁଠି ଅଛି ?'

ତା ପରେ 'ସୌନ୍ଦର୍ଯ୍ୟ' ସେହି ବାଟ ଦେଇ ଅତି ଅପୂର୍ବ କାରୁକାର୍ଯ୍ୟ ଖଚିତ ନୌକାଟିରେ ବସି ଅତିକ୍ରମ କରି ଯାଉଥିଲା । 'ଅନୁରାଗ' ଡାକ ପକାଇଲା, 'ସୌନ୍ଦର୍ଯ୍ୟ, ମୋତେ ଟିକେ ସାହାଯ୍ୟ କର,ମୋ ଆଡେ ଟିକେ ଅନା ।'

'ମୁଁ ପାରିବି ନାହିଁ' ସୌନ୍ଦର୍ଯ୍ୟ ଉତ୍ତର ଦେଲା । ' ତୁ ପାଣିରେ ବୁଡ଼ି ବୁଡ଼ି ସମ୍ପୂର୍ଣ୍ଣ ଓଦା ହୋଇଯାଇଛୁ ଆଉ ଅପରିଷ୍କାର ମଧ ଦେଖା ହେଉଛୁ । ମୋ ନୌକା ଅସନା ହୋଇଯିବ । ପୁଣି ଓଜନ ବଢ଼ିଲେ ନୌକା ବୁଡ଼ି ମଧ ଯାଇପାରେ । ମୋତେ କ୍ଷମା କର ଭାଇ ।'

ପାଖରେ ଥିଲା ବିଷାଦ । ଅନୁରାଗ ସାହାଯ୍ୟ ପାଇଁ ତା ଆଡ଼େ ହାତ ବଢ଼ାଇଲା ।

'ମୋତେ ଟିକିଏ ସାଙ୍ଗରେ ନିଅ ବିଷାଦ ।'

'ଓଃ, ଅନୁରାଗ, ମୁଁ ସମ୍ପୂର୍ଣ୍ଣ ରୂପେ ବିଷାଦଗ୍ରସ୍ତ ଅଛି, ମୋତେ ଏକା ଛାଡ଼ିଦିଅ । ମୁଁ ଏକାନ୍ତ ଚାହେଁ ।'

ଆନନ୍ଦ ମଧ ଅନୁରାଗର ପାଖ ଦେଇ ଚାଲିଯାଇଥିଲା । ସେ ତାର ଆନନ୍ଦରେ ଏତେ ମସଗୁଲ୍ ଥିଲା ଯେ ଅନୁରାଗର ଡାକ ତାର କାନରେ ମଧ ପଡ଼ିଲା ନାହିଁ ।

ହଠାତ୍ ଭାସି ଆସିଲା ଏକ ଗୁରୁ ଗମ୍ଭୀର କଣ୍ଠସ୍ୱର ।

'ଆସ ଅନୁରାଗ, ମୁଁ ତୁମକୁ ନେଇଯିବି ।' ସ୍ୱରଟି ଥିଲା ଜଣେ ବୟୋଜ୍ୟେଷ୍ଠଙ୍କର । ଅତି ପବିତ୍ର ଓ ମଙ୍ଗଳମୟ । ଅନୁରାଗ ଏତେ ବିହ୍ୱଳିତ ହେଇଗଲା ଯେ ସେ ପଚାରିଲା ମଧ ନାହିଁ ସେମାନେ କୁଆଡେ ଯାଉଛନ୍ତି । ଯେବେ ସେମାନେ ଯାଇ କୌଣସି ଏକ ଶୁଷ୍କ ଭୂପୃଷ୍ଠରେ ଅବତରଣ କଲେ, ବୟୋଜ୍ୟେଷ୍ଠ ଜଣକ ଆଉ ମୁହୂର୍ତ୍ତେ ଅପେକ୍ଷା ନକରି ତାଙ୍କ ବାଟରେ ଚାଲିଗଲେ ।

ବାସ୍ତବତାକୁ ଫେରିଲା ପରେ ତାଙ୍କ ସହୃଦୟତା ବିଷୟ ହୃଦୟଙ୍ଗମ କରି ତାଙ୍କୁ ମନେ ମନେ କୃତଜ୍ଞତା ଜ୍ଞାପନ କରୁଥିଲା ଅନୁରାଗ । ପାଖରେ ଥିଲେ ଆଉ ଜଣେ ବିଜ୍ଞ ବୃଦ୍ଧ । ବିଜ୍ଞତାଙ୍କୁ ଯାଇ ସେ ପଚାରିଲା,

'ସେ କିଏ ଥିଲେ, ତାଙ୍କ ପରିଚୟ କଣ, ଯିଏ ମୋତେ ଆଣି ଏଠାରେ ପହଞ୍ଚାଇଛନ୍ତି ?'

'ସେ ଥିଲେ ସମୟ ।'

'ସମୟ ' ? ପଚାରିଲା ଅନୁରାଗ ।

'କିନ୍ତୁ ସମୟ କାହିଁକି ମୋତେ ସାହାଯ୍ୟ କଲେ ?'

ବିଜ୍ଞତା ହସିଲେ ଅଭିଜ୍ଞତାର ଦୂରଦର୍ଶୀ ହସଟିଏ । ଆଉ କହିଲେ, 'କାରଣ କେବଳ ସମୟ ହିଁ ବୁଝିବାରେ ସମର୍ଥ- ଅନୁରାଗ, ପ୍ରେମ ଓ ଭଲପାଇବାର ଅମୂଲମୂଲ ।

+ ସ୍ୱର୍ଣ୍ଣଲତା ଆପାର୍ଟମେଣ୍ଟ
ମୋ:୯୮୬୧୦୧୭୫୫୧

CMYK



## ମାଓ କାର୍ଯ୍ୟକଳାପ ରୋକିବା ନେଇ ଝାଡଖଣ୍ଡରେ ଘନ ଘନ କମ୍ବିଂ

ରାଉରକେଲା, ୨୦ ଅପ୍ରେଲ (ହି.ସ.)- ରାଉରକେଲା ଓ ସୁନ୍ଦରଗଡ ପୁଲିସ ଜିଲ୍ଲାର ସୀମା ଅଁଚଳ ଝାଡ ଖଣ୍ଡର ସଣ୍ଡା ଜଙ୍ଗଲ ଇଲାକାରେ ମାଓ କାର୍ଯ୍ୟ କଳାପ ବୃଦ୍ଧି ଖବର ପାଇ ଝାଡଖଣ୍ଡ ପୁଲିସ ଘନ ଘନ କମ୍ବିଙ୍ଗ କରିବା ସହ ମାଓ କ୍ୟାଂପ ଗୁଡିକୁ ଧ୍ୱଂସ କରିବା ଖବର ପ୍ରଚାର ହେବା ପରେ ମିଡିଆର ପ୍ରଶ୍ନର ଉତରରେ ରାଉରକେଲା ଏସପି ବ୍ରିଜେଶ କୁମାର ରାୟ କହିଛନ୍ତି ଆମେ ସତର୍କ ଅଛୁ, କିନ୍ତୁ ଜିଲ୍ଲାରେ ମାମୁଁ ମାନେ କିଏ ସେମାନେ ଜିବା ଆସିବା କରୁଛନ୍ତି ବୋଲି ଜିଲ୍ଲାର ଗ୍ରାମାଂଚଳରେ ଚର୍ଚ୍ଚା ଯୋର ରହିଛି । ଗତ କିଛି ଦିନ ଧରି ସରଣ୍ଡାର ଝାଡଖଣ୍ଡ ଏରିଆରେ ପୁଲିସ ତାର ଘନ ଘନ କମ୍ବିଂ ଚଳାଇବା ସହ ମାଓବାଦୀ ମାନଙ୍କର ଅନେକ କ୍ୟାଂପ ନଷ୍ଟ କରାଯାଇଛି ବୋଲି ଖବର ମିଳିଛି, ତେବେ ରାଉରକେଲା ପୁଲିସ ଜିଲ୍ଲା ଓ ସୁନ୍ଦରଗଡ ପୁଲିସ ଜିଲ୍ଲାର ଅନେକ ଅଁଚଳରେ ସରଣ୍ଡାରେ ରହୁଥିବାରୁ ରାଉରକେଲା ସ୍ଥିତି କଣ ବୋଲି ଆଜି ମିଡିଆ ତରଫରୁ ଏସପି ରାଉରକେଲାଙ୍କୁ ପ୍ରଶ୍ନ ହେବାରୁ ସେ କହିଛନ୍ତି, ରାଉରଲେଲା ପୁଲିସ ଏନେଇ ସଂପୁର୍ଣ ସତର୍କ ରହିଛି, ରାଜ୍ୟ ଓ କେନ୍ଦ୍ରୀୟ ଫୋର୍ସ ସବୁ ବେଳେ ଏନେଇ ସତର୍କ ରହିବା ସହ ସେମାନେ ତାଙ୍କର ନିୟମିତ କାମ ଚଳାଇଛନ୍ତି, ତେଣୁ ମାଓ କାର୍ଯ୍ୟକଳାପକୁ ନେଇ ରାଉରକେଲା ପୁଲିସ ସବୁ ବେଳେ ସରର୍କ ରହିଛି ବୋଲି ଏସପି କହିଛନ୍ତି । ଏଠାରେ ଉଲ୍ଲେଖଯୋଗ୍ୟ, ରାଉରକେଲାର ଅଂଚଳ ସରଣ୍ଡା ଅତିତରେ ମାଓ କାର୍ଯ୍ୟକଳାପ ଲାଗି ବେଶ ପରିଚିତ ଥିଲା। ଅତିତରେ ଏସପି ମାନେ କେନ୍ଦ୍ରୀୟ ଫୋର୍ସ ସହ ମିଶି କମ୍ବିଂ କରି ତାର ସମାଧାନ କରିଥିଲେ, ହେଲେ ବର୍ତମାନ ୩ଟି ଥାନା ଏରିଆ ରେ ମାଓବାଦୀ ମାନେ ଯାତାୟତ କରୁଛନ୍ତି ବୋଲି ସେହି ସବୁ ଅଁଚଳରେ ଚର୍ଚ୍ଚା ରହିଛି । ସେଗୁଡିକ ହେଲା ମନୋହରପୁର ସିମାନ୍ତ, କିରିବୁର ଓ ଜରେଇକେଲା ଥାନା। ଏସବୁ ଅଂଚଳରେ ଏମାନେ ସକ୍ରୀୟ ବୋଲି କୁହାଯାଉଛି। ଗାଁ ଲୋକ ମାନଙ୍କୁ ଏନେଇ ପଚରା ଉଚରା କଲେ ସେମାନେ କହୁଛନ୍ତି ମାମୁଁ ମାନେ ଜିବା ଅସିବା କରୁଛନ୍ତି ଓ କିଛି କିଛି ଏରିଆ ଭିତରେ ରହିଛନ୍ତି । ତେବେ ସେମାନଙ୍କୁ ମାମୁଁ ଆଖ୍ୟା ଦେଇ ଗାଁ ଲୋକେ କଥା ବାର୍ତା କରୁଥିବା ବେଳେ ଖୋଲା ଖୋଲି ସେମାନଙ୍କ ବିଷୟରେ କଥା ହେଉନାହାନ୍ତି । ଆଗକୁ ନିର୍ବାଚନ ରହିଛି , ଏମାନେ ନିର୍ବାଚନ ବର୍ଜନ, ଭୋଟ କରାଇ ନଦେବା, ଆତଙ୍କ ସୃଷ୍ଟି କରିବା ଭଳି ସ୍ଥିତି ସୃଷ୍ଟି କରିବା ସହ ବ୍ୟବସାୟୀ ମାନଙ୍କୁ ଟଙ୍କା ଲାଗି ଟାର୍ଗେଟ କରିବାର ସମ୍ଭାବନା ରହୁଛି, ତେଣୁ ରାଜ୍ୟ ପୁଲିସ ଓ କେନ୍ଦ୍ରୀୟ ପୁଲିସ ଏହି ସବୁ ଅଁଚଳକୁ ପ୍ରତିଦିନ ଶହ ଶହ ଫୋର୍ସ ନେଇ ଜଙ୍ଗଲ ଅଁଚଳରେ ପେଟ୍ରୋଲିଂ କରୁଥିବା ଜଣାପଡିଛି ତଥା ରାଉରକେଲା ଅଁଚଳ ସୁରକ୍ଷିତ ବୋଲି ଏସପି କହିଛନ୍ତି ।

# ଏମ୍‌ଭି ୧୦୮ ଗ୍ରାମରେ ବିଦ୍ୟୁତ ସମସ୍ୟାର ସମାଧାନ ହେବ କେବେ

ମାଲକାନଗିରି, ୨୧/୪ (ନି.ପ୍ର): ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ଚିତାପାରି -୩ ପଂଚାୟତ ଅଧୀନସ୍ଥ ଏମଭି-୧୦୮ ଗ୍ରାମରେ ଦୀର୍ଘ ବର୍ଷ ଧରି ବିଦ୍ୟୁତ ଯୋଗାଣ ସମସ୍ୟା ଲାଗିରହିଛି । ଗ୍ରାମବାସୀଙ୍କ କହିବାନୁଯାୟୀ, ଏହି ଗ୍ରାମରେ ବଙ୍ଗୀୟ ସମ୍ପ୍ରଦାୟର ପ୍ରାୟ ୭୫ ପରିବାରରେ ୪୫୦ରୁ ଉର୍ଦ୍ଧ ଲୋକେ ବସବାସ କରି ଆସୁଛନ୍ତି । ଗ୍ରାମରେ ପ୍ରାୟ ୭୦ରୁ ଉର୍ଦ୍ଧ ବିଦ୍ୟୁତ ଉପଭୋକ୍ତା ଅଛନ୍ତି । ଆଜକୁ ପ୍ରାୟ ଦୁଇ ବର୍ଷ ହେବ ବିଦ୍ୟୁତ ଲୋ ଭୋଲଟ୍ଟେଜ ଯୋଗୁଁ ଗ୍ରାମବାସୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ମିଳିଥିବା ସୂଚନା ଅନୁଯାୟୀ, ପ୍ରାୟ ୨୦ ବର୍ଷ ପୂର୍ବେ ଗ୍ରାମବାସୀଙ୍କୁ ବିଦ୍ୟୁତ ସେବା ଯୋଗାଇ ଦେବା ନିମନ୍ତେ ବିଭାଗ ପକ୍ଷରୁ ଗ୍ରାମରେ ଏକ ୨୫ କେ.ଭି. ର ଯାହାକି ୨ ଫେଜର ଟ୍ରାନ୍ସଫରମର ଲଗାଯାଇ ଲୋକଙ୍କୁ ବିଦ୍ୟୁତ ସେବା ଯୋଗାଇ ଦିଆଯାଇଥିଲା। ଘର ଘରକୁ ସଂଯୋଗ କରାଯାଇଥିବା କେବୁଲ ଗୁଡିକ ୨୦ ବର୍ଷ ପୁରୁଣା ହୋଇଥିବାରୁ ସେଗୁଡିକ ନଷ୍ଟ ହୋଇ ଗଲାଣି। ସେଗୁଡିକୁ ଖଣ୍ଡ ଖଣ୍ଡ କରି ବିଭିନ୍ନ ସ୍ଥାନରେ ବିଭାଗ ପକ୍ଷରୁ ଯୋଡ଼ା ଯାଇଥିବାରୁ ବର୍ତମାନ ତାହା ସମ୍ପୂର୍ଣ ଭାବେ ବିପଦଶଙ୍କୁଳ ଅବସ୍ଥାରେ ଝୁଲି ରହିଛି । ନିୟମିତ ଲୋ-ଭୋଲଟ୍ଟେଜ ରହିବା ଯୋଗୁଁ ବିଶେଷ କରି ଖରା ଦିନେ ଘରୋଇ ଉପକରଣ ତଥା ଲାଇଟ, ପଙ୍ଖା, ପାଣି ମୋଟର, କୁଲର ଆଦି ନିତ୍ୟ ବ୍ୟବହାରିକ ଜିନିଷ ଗୁଡିକ ଆଦୌ ବ୍ୟବହାର ହୋଇ ପାରୁନାହିଁ। ଖାଲି ଏତିକିରେ ସରିନି ଲୋକଙ୍କ ସମସ୍ୟା । ବିଦ୍ୟୁତ ସମସ୍ୟା ଲାଗି ରହିବା ଯୋଗୁଁ ମୁଖ୍ୟତଃ ପିଇବା ପାଣି, ପିଲାଙ୍କ ପାଠପଢାରେ ବଡ ସମସ୍ୟା ସୃଷ୍ଟି ହୋଇଛି। ବର୍ତମାନ ମାଲକାନଗିରି ଜିଲ୍ଲାରେ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ଯୋଗୁଁ ଅସହ୍ୟ ଗରମ ଜାରୀ ରହିଥିବା ବେଳେ ବିଦ୍ୟୁତ ସମସ୍ୟା ଯୋଗୁଁ ଲୋକେ ବହୁ ଦୁର୍ଦ୍ଦଶା ଭୋଗୁଛନ୍ତି ବୋଲି ଗ୍ରାମବାସୀ କୋହଭରା କଣ୍ଠରେ ପ୍ରକାଶ କରିଛନ୍ତି । ଏ ସମ୍ବନ୍ଧରେ ଗ୍ରାମବାସୀ ବହୁବାର ବାଲିମେଳା ସ୍ଥିତ ଟିପିଏସଓଏଲ କାର୍ଯ୍ୟାଳୟରେ ପହଂଚି କନିଷ୍ଠ ଯନ୍ତ୍ରୀ, ଏସଡ଼ିଓଙ୍କୁ ସାକ୍ଷାତ କରି ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି । କିନ୍ତୁ ଦୁଃଖର ବିଷୟ ପ୍ରାୟ ୨ ମାସ ପୂର୍ବେ ବିଭାଗ ପକ୍ଷରୁ ଏକ ୨୫ କେଭିର ୩ ଫେଜ ର ଟ୍ରାନ୍ସଫର୍ମର ଯୋଗାଇ ଦେଇଛନ୍ତି । ହେଲେ ଉପଭୋକ୍ତାଙ୍କୁ ବିଦ୍ୟୁତ ଯୋଗାଇଦେବା ପାଇଁ ୩ ଫେଜ ର କେବୁଲ ଯୋଗାଇ ଦିଆଯାଇ ନାହିଁ । ଏହାର ସ୍ଥାୟୀ ସମାଧାନ ପାଇଁ ଗ୍ରାମବାସୀ ବାରମ୍ବାର ବିଭାଗୀୟ କର୍ତୃପକ୍ଷ ଓ ନିର୍ବାଚିତ ଜନ ପ୍ରତିନିଧିଙ୍କ ନିକଟରେ ଗୁହାରି କଲେବି କେହିବି କର୍ଣ୍ଣପାତ କରୁନଥିବା ଗ୍ରାମର ସଭାପତି ରଞ୍ଜିତ ସାନା, ସମ୍ପାଦକ କମଲେଶ ସର୍ଦାର, ବଳରାମ ଅଧିକାରୀ, ରଘୁନାଥ ସର୍ଦାର, ଜୟଦେବ ଘୋଷ, ତପନ ଗାଏନ, ଜଗନ୍ନାଥ କର୍ମକାର, ତାରକ ବାଲା, ପ୍ରହ୍ଲାଦ ବୈରାଗୀଙ୍କ ସମେତ ସମସ୍ତ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ତୁରନ୍ତ ଗ୍ରାମରେ ଲାଗି ରହିଥିବା ବିଦ୍ୟୁତ ସମସ୍ୟାର ସମାଧାନ ନହେଲେ ଆଗାମୀ ଦିନରେ ଗ୍ରାମବାସୀ ବିଦ୍ୟୁତ ବିଭାଗର କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବେ ବୋଲି ଚେତାବନୀ ମଧ ଦେଇଛନ୍ତି। ଏ ସମ୍ପର୍କରେ ବିଦ୍ୟୁତ ବିଭାଗର ଏସଡ଼ିଓ ଦେବାଶିଷ ପଣ୍ଡାଙ୍କୁ ପଚାରିବାରୁ ସେ କହିଲେ ଯେ, ନୂଆ କେବୁଲ ପାଇଁ ପଠାଯାଇଛି। ଅତି ଶୀଘ୍ର କେବୁଲ ଆଣିବା ପାଇଁ ଉଦ୍ୟମ କରାଯାଉଛି। ଗ୍ରାମରେ ଥିବା ଏଇଆଇ ପଏଂଟରେ ଲଗାଯାଇଥିବା ୬୩ କେଭି ର ଟ୍ରାନ୍ସଫର୍ମରରୁ ୩ ଫେଜ କେବୁଲ ଟାଣି ଲୋକଙ୍କୁ ବିଦ୍ୟୁତ ଯୋଗାଇ ଦିଆଯିବ। ନୂଆ କେବୁଲ ଆସିବା ପରେ ଗାଁରେ ଆଉ ଦୁଇଟି ଖୁଂଟ ପୋତି ଲୋକଙ୍କୁ ବିଦ୍ୟୁତ ଯୋଗାଇ ଦିଆଯିବ ବୋଲି କହିଛନ୍ତି।

## ଚମ୍ପୁଆ ବିଧାନସଭା ପାଇଁ ବିଜେଡି ପ୍ରାର୍ଥୀ ହେଲେ ସନାତନ ମହାକୁଡ଼

ଚମ୍ପୁଆ, ୨୧/୪ (ନି.ପ୍ର): ପ୍ରତୀକ୍ଷାର ଅନ୍ତ ଘଟିଛି। ବିଜୁ ଜନତା ଦଳ ତାର ଷଷ୍ଠ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ଘୋଷଣାରେ ଚମ୍ପୁଆର ପୂର୍ବତନ ବିଧାୟକ ତଥା ହେଭିୱେଟ ନେତା ସନାତନଙ୍କୁ ପ୍ରାର୍ଥୀ କରିଛି। ଟିକଟ ଘୋଷଣା ହେବା ପରେ ଚମ୍ପୁଆରେ ସନାତନଙ୍କ ସମର୍ଥକ ମହଲରେ ଖୁସିର ଲହରୀ ଖେଳି ଯାଇଛି। ତାଙ୍କ ସମର୍ଥକ ମାନେ ଚମ୍ପୁଆରେ ଆତସବାଜି କରି ଖୁସି ଜାହିର କରିଥିବା ଦେଖିବାକୁ ମିଳିଛି। ସୂଚନାଯୋଗ୍ୟକି, ଦୀର୍ଘ ଦିନ ହେବ ଚମ୍ପୁଆରେ ବିଜେଡି କାହାକୁ ପ୍ରାର୍ଥୀ କରିବ ଏ ନେଇ ବିଭିନ୍ନ ସମୟରେ ବହୁ କଥା ଶୁଣିବାକୁ ମିଳୁଥିଲା। କେତେବେଳେ ସନାତନ ବିଜେଡିରୁ ପ୍ରାର୍ଥୀହେବେ ତ କେତେବେଳେ ବିଜେପିରେ ସାମିଲ ହେବା ନେଇ ଆଲୋଚନା ହୋଇ ଆସୁଥିଲା। ତେବେ ବିଜେଡି ଆଶାୟୀ ଭାବେ ବିଧାୟିକା ମିନାକ୍ଷୀ ମହାନ୍ତଙ୍କ ସହିତ ସନାତନଙ୍କ ଚିର ପ୍ରତିଦ୍ୱନ୍ଦୀ କୁଶ ଆପଟଙ୍କ ନାମ ମଧ ଶୁଣିବାକୁ ମିଳୁଥିଲା। ତେବେ ଆଜି ବିଜେଡି ତାର ପ୍ରାର୍ଥୀ ତାଲିକା ଘୋଷଣା କରିବା ପରେ ସବୁ ଚର୍ଚ୍ଚାର ଅବସାନ ଘଟିଛି। ଅନ୍ୟପଟେ ଦଳ କୁଶ ଆପଟଙ୍କୁ ଆଜି ବିଜୁ ଜନତା ଦଳର ଜିଲ୍ଲା ସଭାପତି ମଧ ଘୋଷଣା କରିଥିବାରୁ ଚମ୍ପୁଆରେ ବିଜେଡି କର୍ମୀଙ୍କ ଉତ୍ସାହ ବହୁଗୁଣିତ ହୋଇଥିବା ଦେଖିବାକୁ ମିଳିଛି।

## ବିରାଟ ମୁଗ ବିହନର ବିରାଟ ସଫଳତା

ବଂଲାଗୀର, ୨୦ ଅପ୍ରେଲ (ହି.ସ.) - ବଲାଙ୍ଗୀର ଜିଲ୍ଲାରେ ୧ ଲକ୍ଷ ୩୬ ହଜାର ହେକ୍ଟର ଜମିରେ ଧାନଚାଷ ପରବର୍ତୀ ସମୟର ପଡିଆ ପଡ଼ିବା ସହିତ ବିଭିନ୍ନ ଡାଲି ଜାତୀୟ ଫସଲ କରିବା ପାଇଁ ଆର୍ଦ୍ରତା ମଧ୍ୟ ରହିଥାଏ । ଆନ୍ତର୍ଜାତୀୟ ଧାନ ଗବେଷଣା ସଂସ୍ଥା(ଇରି) ଦ୍ୱାରା ହେଉଥିବା ସାଟେଲାଇଟ ସର୍ଭେରୁ ଉପରୋକ୍ତ ତଥ୍ୟ ଜଣାପଡିଛି । ଏହାକୁ ଦୃଷ୍ଟିରେ ରଖି ଚଳିତ ବର୍ଷ ରବିଋତୁରେ ୨୭ ହଜାର ୮୫୦ ହେକ୍ଟର ଜମିରେ ଡାଲି ଓ ତୈଳବୀଜ ଜାତୀୟ ଫସଲ ଧାନର ପରବର୍ତୀ ପଡିଆ ଜମିର ବିସ୍ତୃତ ପରିଚାଳନା ଯୋଜନାରେ ହାତକୁ ନିଆଯାଇଛି । ଏହି ଯୋଜନାରେ ୧୩ ହଜାର ୮୮୫ ହେକ୍ଟର ଜମିରେ ମୁଗଚାଷକୁ ପ୍ରାଧାନ୍ୟ ଦିଆଯାଉଛି । ଚାଷୀଙ୍କ ଆବଶ୍ୟକତା ମୁଗର ଏକ ନୂତନ କିସମ 'ବିରାଟ', ଯାହା ୬୦ ରୁ ୬୫ ଦିନ ମଧ୍ୟରେ ଅମଳ ହୋଇପାରିବା ସହିତ ହେକ୍ଟର ପିଛା ୮ ରୁ ୧୦ କ୍ୱିଣ୍ଟାଲ ଉତ୍ପାଦନ କ୍ଷମତା ଧାରଣ କରୁଛି ବୋଲି ଆଇକାଡାର ବଲାଙ୍ଗୀର ଜିଲ୍ଲା ସଂଯୋଜକ ବିଜୟ କୁମାର ଶତପଥୀ ସୂଚନା ଦେଇଛନ୍ତି । କୃଷି ବିଭାଗ, ଇରି ଓ ଆଇକାଡା ର ମିଳିତ କ୍ଷେତ୍ର ପରିଦର୍ଶନରେ ଏହି କିସମ ବିହନକୁ ନେଇ ଚାଷୀଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ପରିଲକ୍ଷିତ କରାଯାଉଛି । ଜିଲ୍ଲାର କୃଷି ଜଳବାୟୁରେ ଏହାର ପ୍ରଦର୍ଶନ ଆଶାନୁରୂପ ରହିଥିବା ଜଣାଯାଇଛି । ଏହି ବିହନକୁ ନେଇ ପ୍ରଥମ ଥର ଚାଷ କରିଥିବା ମୁଗଚାଷୀ ତୁଷୁରାବାହାଲ ନିବାସୀ ଯୁଗେଶ୍ୱର୍ ଭୋଇଙ୍କ କହିବା ମୁତାବକ, ବିରାଟ କିସମ ମୁଗ ସାମାନ୍ୟ ଜଳସେଚନ ଓ ଉପଯୁକ୍ତ କୃଷି ପ୍ରଣାଳୀ ଦ୍ୱାରା ହେକ୍ଟର ପିଛା ୮ ରୁ ୧୦ କ୍ୱିଣ୍ଟାଲ ଅମଳ କରାଯାଇ ପାରିବ ।

## କେନ୍ଦ୍ରୀୟ ବିଦ୍ୟାଳୟ ନାହିଁ ତ ଭୋଟ୍ ନାହିଁ : ଆନ୍ଦୋଳନରେ ସାମିଲ ହେଲା ଚମ୍ପୁଆ ମର୍ଣ୍ଣିଙ୍ଗ କ୍ଲବ

ଚମ୍ପୁଆ, ୨୦ ଅପ୍ରେଲ (ହି.ସ.)- ଚମ୍ପୁଆରେ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ ପାଇଁ ପ୍ରଶାସନର ବୈମାତୃକ ମନୋଭାବ ଯୋଗୁଁ ଆଗାମୀ ବିଧାନସଭା ନିର୍ବାଚନରେ ଚମ୍ପୁଆ ଅଂଚଳର ୨୦ରୁ ଅଧିକ ସଂଗଠନ ଭୋଟ ବର୍ଜନ କରିବାକୁ ନିଷ୍ପତି ନେଇଛନ୍ତି। ଏ ନେଇ ସମସ୍ତ ସଂଗଠନ ତରଫରୁ ମିଳିତ ଭାବରେ ଚମ୍ପୁଆ ଉପଜିଲ୍ଲାପାଳଙ୍କ ଜରିଆରେ ନିର୍ବାଚନ କମିଶନ ଠାରୁ ଆରମ୍ଭ କରି ରାଜ୍ୟ ସରକାରଙ୍କୁ ଅବଗତ କରି ସାରିଛନ୍ତି। ତେବେ ଆଜି ଏହି ଆନ୍ଦୋଳନରେ ଚମ୍ପୁଆ ଅଂଚଳର ବହୁ ପୁରାତନ ମର୍ଣ୍ଣିଙ୍ଗ କ୍ଲବ ସାମିଲ ହୋଇଥିବା ଜଣାପଡିଛି। କ୍ଲବର କର୍ମକର୍ତା ମାନେ ଆଜି ଠାରୁ ଏହି ଆନ୍ଦୋଳନରେ ସାମିଲ ହୋଇ ଭୋଟ ବର୍ଜନ ନିଷ୍ପତ୍ତିକୁ ଅଧିକ ସକ୍ରିୟ କରିବାକୁ ନିଷ୍ପତି ନେଇଥିବା ଜଣାଯାଇଛି।

## ବଲାଙ୍ଗିର ରାମଲୀଳା ଆଦ୍ୟ କାଣ୍ଡ ଆରମ୍ଭ, ରାମଙ୍କ ମିଥିଳା ଗମନ

ବଲାଙ୍ଗୀର,୨୧/୪ (ନି.ପ୍ର): ବଲାଙ୍ଗିର ଜଗନ୍ନାଥପଡା ରାମଜୀ ନାଟ୍ୟ ସଂସଦ ର ପ୍ରଥମ ଦିବସରେ ରାମଲୀଳା ରେ ବିଶ୍ୱାମିତ୍ର ଶ୍ରୀରାମ ଓ ଲକ୍ଷ୍ମଣଙ୍କୁ ନେଇ ଯଜ୍ଞ ରକ୍ଷା ନିମନ୍ତେ ଦଶରତଙ୍କଠୁଁ ନେଇ ତାଡକା ବଧ ମାରୀଚ ସୁବାହୁ ସହିତ ଯୁଦ୍ଧ, ଅହଲ୍ୟା ତାରଣ ସହିତ ଗଙ୍ଗାନଦୀ ପାରି କରି ମିଥିଳା ରେ ପ୍ରବେଶ ମଂଚସ୍ଥ ହୋଇଥିଲା । ବିଭିନ୍ନ କଳାକାରମାନଙ୍କ ସହଯୋଗ ରେ ରାମଲୀଳା ର ନାଟକ କୁ ଅନେକ ରାମ ପ୍ରେମୀ ଶ୍ରଦ୍ଧାଳୁ ରାମଲୀଳା ନାଟକ ସରିବା ପର୍ଯ୍ୟନ୍ତ ରହି ଉପଭୋଗ କରିଥିଲେ । ଲିଳାଗୁରୁ ବାଳମକୁନ୍ଦ ବେହେରା କଣ୍ଠରେ ସଦାଶିବ ରଚିତ ରାମଲୀଳା ଗାୟନ କରୁଥିବା ବେଳେ କଣ୍ଠଶିଳ୍ପୀ ଶ୍ରୀୟା ପଟେଲ ବିଭିନ୍ନ ଗୀତ ପରିବେଷଣ କରିଛନ୍ତି । ପ୍ରଥମେ ରାମଙ୍କ ବନ୍ଦନା ସହ ଆରମ୍ଭ ହୋଇଥିବା ବେଳେ ରାମ ଭୂମିକାରେ ଶୈଳିନ ବାବୁ, ସୀତା ଭୂମିକାରେ ମାନସ ସାହୁ, ଲକ୍ଷ୍ମଣ ଭୂମିକାରେ ଆନନ୍ଦ ମିଶ୍ର, ଶିବ ଭୂମିକାରେ ରୁଦ୍ରନାରାୟଣ ପଟେଲ, ପାର୍ବତୀ ଶ୍ରୀତମ ପଟେଲ, ବ୍ରହ୍ମା ଶଙ୍କର୍ଷଣ ସାଏ, ବଶିଷ୍ଠ ସୁବ୍ରତ ପଟ୍ଟନାୟକ, ଦଶରଥ କୁମୁଦ ରଞ୍ଜନ ନାଏକ, ବଶିଷ୍ଟ ଅରୁଣ ରାଉତ, କୌଶଲ୍ୟା ନରେନ୍ଦ୍ର ନିଆଲ, କୈକେୟା ଚୈତନ୍ୟ ମଟାରୀ, ସୁମିତ୍ରା କ୍ଷେତ୍ରମଣି ବନଛୋର, ତାଡକି ଆସୁରଣି ଘନଶ୍ୟାମ ସାଏ, ସବାହୁ / ସୁମନ୍ତ ଘୁଣ୍ଟୁଗୋପାଳ ମିଶ୍ର, ମାରୀଚ/ ଦୂତ ବିଜୁ ନାଏକ, ବିଭିନ୍ନ ଋଷି ରାକେଶ ଓ ସତ୍ୟ ଚୋପଦାର, ନାଉରୀ ସୁବାଷ ସାଏ ଓ ସାରଥୀ ପଟେଲ, ଅହଲ୍ୟା / ସଖୀ ଦୁଷ୍ମନ୍ତ ପଟେଲ, ସଖି ରାମ ପ୍ରସାଦ, କୁଳଦୀପ ଥିଲେ । ଶନିବାର ଦ୍ୱିତୀୟ ଦିନରେ ସୀତା ବିବାହ ସହିତ ପର୍ଶୁରାମ ଭେଟ ହେବାର କାର୍ଯ୍ୟ ମଂଚସ୍ଥ ହେବ । ରବିବାର ଦିନ ଅଯୋଧ୍ୟା କାଣ୍ଡରେ ରାମ ବନବାସ ପ୍ରଦର୍ଶନ ହେବ ।

## ରେଙ୍ଗାଲୀ ଅଂଚଳରେ ପ୍ରଣବଙ୍କ ଜୋରଦାର୍ ନିର୍ବାଚନୀ ପ୍ରଚାର

ସମ୍ବଲପୁର, ୨୧/୪ (ନି.ପ୍ର): ସମ୍ବଲପୁର ସଂସଦୀୟ କ୍ଷେତ୍ରରୁ ବିଜେଡି ସାଂସଦ ପ୍ରାର୍ଥୀ ରୂପେ ପ୍ରତିଦ୍ୱନ୍ଦିତା କରୁଥିବା ବିଜେଡି ସଙ୍ଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ରେଙ୍ଗାଲି ନିର୍ବାଚନ ମଣ୍ଡଳୀର ବିଭିନ୍ନ ଅଂଚଳକୁ ମାରାଥନ ଗସ୍ତ କରି ନିର୍ବାଚନ ପ୍ରଚାରର ବିଗୁଲ ଫୁଙ୍କିଛନ୍ତି। ଶ୍ରୀ ଦାସ ବିଜେଡି ବିଧାୟକ ପ୍ରାର୍ଥୀ ସୁଦର୍ଶନ ହରିପାଲ, ଯୁବ ନେତା ବିଶାଳ ଦାସ,ଜିଲ୍ଲା ପର୍ଯ୍ୟବେକ୍ଷକ ସୌଭାଗ୍ୟ ନାଏକ ତଥା ଦଳିୟ କର୍ମକର୍ତାମାନଙ୍କ ଗହଣରେ ତାଳବ ସମଲେଶ୍ୱରୀ ମନ୍ଦିରରେ ପୂଜାର୍ଚ୍ଚନା କରି ଆଶୀର୍ବାଦ ଗ୍ରହଣ ପରେ ପ୍ରଚାର ଅଭିଯାନ ଆରମ୍ଭ କରି ସେଠାରୁ ବୀର ସୁରେନ୍ଦ୍ର ସାଏଙ୍କ ଜନ୍ମ ପୀଠ ଖିଣ୍ଡା ଅଭିମୁଖେ ପ୍ରଚାର ପାଇଁ ଯାତ୍ରା କରିଥିଲେ। ପ୍ରାରମ୍ଭରେ ଖିଣ୍ଡାଛକ ସ୍ଥିତ ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରିବା ଅବସରରେ ସେଠାରୁ ତାଙ୍କୁ ବିଜେଡିକୁ ସମର୍ଥନ କରୁଥିବା ବିଭିନ୍ନ ସଙ୍ଗଠନ ଓ ଦଳିୟ କର୍ମୀ ଶ୍ରୀ ଦାସଙ୍କୁ ବାଇକ୍ ରାଲିରେ ସୁରେନ୍ଦ୍ର ସାଏଙ୍କ ଜନ୍ମ ପୀଠ ବାବୁଖିଣ୍ଡା ଗ୍ରାମକୁ ପାଛୋଟି ନେଇଥିଲେ। ସେଠାରେ ଶ୍ରୀ ଦାସ ସୁରେନ୍ଦ୍ର ସାଏଙ୍କ ଦାୟାଦ ଲାଲ୍ ଫକୀର ସାଏଙ୍କ ପରିବାର ବର୍ଗ ଓ ସ୍ମୃତି ସଂସଦର କର୍ମକର୍ତାମାନଙ୍କ ସହ ସାକ୍ଷାତ ଆଲୋଚନା କରି ସେମାନଙ୍କ ପରିବାରର ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ସୁରେନ୍ଦ୍ର ଜୟନ୍ତୀ ପାଇଁ ସ୍ୱତନ୍ତ୍ର ଅନୁଦାନ ପାଣ୍ଠିର ବ୍ୟବସ୍ଥା ଓ ଜନ୍ମ ପୀଠରେ ସରକାରୀ ଭାବରେ ଜୟନ୍ତି ଏବଂ ଶ୍ରାଦ୍ଧ ଦିବସ ପାଳନ କରାଯିବାକୁ ସ୍ମୃତି ସଂସଦ ପକ୍ଷରୁ ଦାବି କରାଯାଇଥିଲା। ଏହାପରେ ବବିଦାସ ରେଙ୍ଗାଲି ଅଭିମୁଖେ ବାହାରି ରେଙ୍ଗାଲି ଦୁର୍ଗା ମନ୍ଦିରରେ ଦେବୀ ଦୁର୍ଗାଙ୍କ ଦର୍ଶନ ଓ ଆଶିର୍ବାଦ ନେଇ ସେଠାରେ ବିହାରୀ ସମାଜର ସଭ୍ୟ ଓ କର୍ମକର୍ତାମାନଙ୍କ ସହ ସାକ୍ଷାତ କରି ଭୋଟ୍ ଦେବାକୁ ନିବେଦନ କରିଥିଲେ । ଏହାପରେ ରେଙ୍ଗାଲୀ ହରିହର ଧର୍ମଶାଳା ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ଥିଲେ। ସେଠାରେ ଶ୍ରୀ ଦାସ ବରିଷ୍ଠ ନାଗରିକ ପରିଷଦର କର୍ମକର୍ତା ଓ ସଭ୍ୟ, ମାରୱାଡ଼ି ସମାଜ। ମୁସଲମାନ ସଂପ୍ରଦାୟ କର୍ମକର୍ତାମାନଙ୍କ ସହ ସାକ୍ଷାତ ଆଲୋଚନା କରି ସେମାନଙ୍କ ସମସ୍ୟା ବୁଝିଥିଲେ ଏବଂ ବିଜେଡିକୁ ବିପୁଳ ସଂଖ୍ୟାରେ ଭୋଟ୍ ଦେବାକୁ ନିବେଦନ କରିଥିଲେ। ଏହି ଅବସରରେ ବିଜେଡିରେ ଅନ୍ୟାନ୍ୟ ଦଳର ପ୍ରାୟ ୪୭ ଜଣ କର୍ମୀ ରେଙ୍ଗାଲି କର୍ମଶାଳାରେ ଆନୁଷ୍ଠାନିକ ଭାବରେ ବିଜେଡିରେ ଯୋଗଦାନ କରିଥିଲେ। ଦଳରେ ଯୋଗ ଦେଇଥିବା କର୍ମୀ ମାନଙ୍କୁ ଦଳିୟ ଉତରୀୟ ପିନ୍ଧାଇ ସ୍ୱାଗତ କରାଯାଇଥିଲା। ରେଙ୍ଗାଲି କାର୍ଯ୍ୟକ୍ରମ ପରେ ସାଂସଦ ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସ ଏବଂ ସୁଦର୍ଶନ ହରିପାଲ ବ୍ଲକର ଗୁମଲୋଇରେ ଅନୁଷ୍ଠିତ ଦଳିୟ କାର୍ଯ୍ୟକ୍ରମରେ ସମବେତ ଦଳୀୟ କର୍ମୀ ଓ ସମର୍ଥକଙ୍କୁ ଉଦବୋଧନ ଦେଇ ଦଳିୟ ପ୍ରାର୍ଥୀଙ୍କୁ ବିଜୟୀ କରିବାକୁ ସମସ୍ତେ ନିଷ୍ଠାର ସହିତ ସହଯୋଗ କରିବାକୁ ଆହ୍ୱାନ ଦେଇଥିଲେ। ଏହାପରେ ଶ୍ରୀ ଦାସ ଏବଂ ଶ୍ରୀ ହରିପାଲ ଠେମରା, ଟିପିଲିମା ଘଂଟେଶ୍ୱରୀ ମନ୍ଦିର ଏବଂ ସିଂହପାଲିରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୋଗ ଦେବାକୁ ରେଙ୍ଗାଲି ବ୍ଲକରୁ ପ୍ରସ୍ଥାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଜେଡି ରେଙ୍ଗାଲି ବ୍ଲକ ସଭାପତି ଅଶୋକ ଗୁରୁ, ବରିଷ୍ଠ ନେତା ଦେବେନ୍ ପତି, ରେଙ୍ଗାଲି ବ୍ଲକ ଅଧକ୍ଷ ସତ୍ୟନାରାୟଣ ଅଗ୍ରୱାଲ, ମହେନ୍ଦ୍ର ଓରାମ, କିରଣ ବେହେରା, ଏମ ବି ସତ୍ୟନ୍, ଧନକଉଡ଼ା ବ୍ଲକ ବିଜେଡି ସଭାପତି ଯତୀନ୍ଦ୍ର ସାହୁ, ବାବୁଲୁ ରାଉତ, ପିତାମ୍ବର ବିଶ୍ୱାଳ, ପଦ୍ମଲୋଚନ ଧର, ଅମିତ ନାଥ, ଦୟାନିଧି ଭଇଁସାଳ, ଗୋବର୍ଦ୍ଧନ ସାହୁ, ଧନକଉଡା ଜୋନ୍ (୧) ଜିଲ୍ଲାପରିଷଦ ସଭ୍ୟ ସୁନିଲ ମିଶ୍ର, ରେଙ୍ଗାଲି ଜୋନ୍ (୧) ଜିଲ୍ଲାପରିଷଦ ସଭ୍ୟା ଚୋଳଶ୍ରୀ ମହାନନ୍ଦ, ଜୋନ୍ (୨)ସଭ୍ୟ ଦେନାରାୟଣ ତିୱାରୀ, ଗାନ୍ଧି ବେହେରା, ସମିତି ସଭ୍ୟ ଅଶ୍ୱିନୀ ପଟେଲ ପ୍ରମୁଖ ବହୁ ସଂଖ୍ୟକ ଦଳିୟ କର୍ମକର୍ତା ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଜିଲ୍ଲାର ବିଭିନ୍ନ ଅଂଚଳରୁ ବହୁସଂଖ୍ୟକ ବିଜେଡି କର୍ମୀ ଓ ସମର୍ଥକମାନେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ।

## ଅଖିଳ ଭାରତ ତୃତୀୟଶ୍ରେଣୀ ଡାକ କର୍ମଚାରୀ ସଂଘ ଓଡ଼ିଶା ପରିମଣ୍ଡଳର ଦ୍ୱାଦଶ ଦ୍ୱିବାର୍ଷିକ ସମ୍ମିଳନୀ

ଜୟପୁର, ୨୨୧/୪ (ନି.ପ୍ର): - ଦୁଇ ଦିନ ବ୍ୟାପି ହେବାକୁ ଥିବା ଅଖିଳ ଭାରତ ତୃତୀୟଶ୍ରେଣୀ ଡାକ କର୍ମଚାରୀ ସଂଘ ଓଡ଼ିଶା ପରିମଣ୍ଡଳ ଏବଂ କୋରାପୁଟ ମଣ୍ଡଳର ଯୁଗ୍ମ ଦ୍ୱିବାର୍ଷିକ ସମ୍ମିଳନୀ ଆଜି ପୁରୁଣାଗଡ଼ ସ୍ଥିତ ଅନୁରାଧା ମଙ୍ଗଳ ଭବନ, ଜୟପୁର ଠାରେ ତୃତୀୟଶ୍ରେଣୀ ସଂଘର ସଭାପତି ପ୍ରଦିପ ରାଉତଙ୍କ ଅଧକ୍ଷତାରେ ଉଦଘାଟିତ ହୋଇଯାଇଛି। ପ୍ରାରମ୍ଭରେ ଅଭ୍ୟର୍ଥନା କମିଟିର ଅଧକ୍ଷ ପୂର୍ବତନ ଡାକପାଳ ଭାସ୍କର ପଟ୍ଟନାୟକ ଓଡ଼ିଶାର ୨୩ଟି ଡାକମଣ୍ଡଳରୁ ଭାଗ ନେଇଥିବା ମଣ୍ଡଳ ସମ୍ପାଦକ ଓ ସେମାନଙ୍କ ପ୍ରତିନିଧିମାନେ କେନ୍ଦ୍ର ସରକାରଙ୍କ ଶ୍ରମିକ ଓ କର୍ମଚାରୀ ମାରଣ ନୀତିର ତୀବ୍ର ସମାଲୋଚନା କରିଥିଲେ। କ୍ରମାଗତ ଦରବୃଦ୍ଧି, ବେକାରୀ ସମସ୍ୟା, ହିଂସା, ଅପରାଧ, ନାରୀ ନିର୍ଯ୍ୟାତନା ସହ ଗଣତନ୍ତ୍ର ଓ ସମ୍ବିଧାନ ଆଜି ଅସୁରକ୍ଷିତ ବୋଲି ଅଭିହିତ କରି ଜଣେ ଜଣେ ଦାୟିତ୍ୱସମ୍ପର୍ଣ୍ଣ ନାଗରିକ ହିସାବରେ ପ୍ରତ୍ୟେକ କର୍ମଚାରୀ ସଚେତନ ହେଇ ଆଗାମୀ ସାଧାରଣ ନିର୍ବାଚନରେ ସଠିକ ନିଷ୍ପତି ନେବାକୁ ଆହ୍ୱାନ ଦେଇଥିଲେ। ଡାକ କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ଉପରେ ବିସ୍ତୃତ ବିବରଣୀ ରଖି ସେସବୁର ସମାଧାନ ପାଇଁ ଦଳମତ ନିର୍ବିଶେଷରେ ସମସ୍ତେ ଏକଜୁଟ ହୋଇ ଲଢେଇ କରିବାକୁ ସମ୍ମିଳନୀର ପ୍ରଥମ ଦିନରେ ମତ ପ୍ରକାଶ ପାଇଥିଲା । ସଂଘର୍ଷ ହିଁ ସଫଳତାର ଏକମାତ୍ର ଚାବିକାଠି ଏବଂ ସଂଘର୍ଷ ପାଇଁ ସଦା ପ୍ରସ୍ତୁତ ରହିବାକୁ ବକ୍ତାମାନେ ନିବେଦନ କରିଥିଲେ। ମୂଖ୍ୟତଃ ନୂତନ ପେନସନ ଯୋଜନାର ସମ୍ପୂର୍ଣ୍ଣ ଉଚ୍ଛେଦ ସହ ପୁରୁଣା ପେନସନ ଯୋଜନାର ପୁନଃପ୍ରଚଳନ, ଅଷ୍ଟମ ବେତନ ଆୟୋଗ ଗଠନ ଇତ୍ୟାଦି ଦାବିରେ ଆଗାମୀ ଦିନରେ ରାଷ୍ଟ୍ରୀୟ ଯୁଗ୍ମ କାର୍ଯ୍ୟକାରିଣୀ ପରିଷଦ ଆହ୍ୱାନରେ ରେଳବାଇ ସହ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରୀ କର୍ମଚାରୀ ଏବଂ ଶିକ୍ଷକମାନଙ୍କୁ ନେଇ ହେବାକୁ ଯାଉଥିବା ଅନିର୍ଦ୍ଦିଷ୍ଟକାଳୀନ ଧର୍ମଘଟକୁ ସଫଳ କରିବା ପାଇଁ କର୍ମଚାରୀମାନେ ଆହ୍ୱାନ ଦେଇଥିଲେ।

## ଅଗ୍ନିବୀର ପ୍ରଶିକ୍ଷାର୍ଥୀଙ୍କୁ କେନ୍ଦ୍ରମନ୍ତ୍ରୀଙ୍କ ପରାମର୍ଶ ବୀରତ୍ୱର ଅର୍ଥ ଶାରିରୀକ କିମ୍ବା ମାନସିକ ଇଚ୍ଛାଶକ୍ତି ନୁହେଁ, ଉଦ୍ଦେଶ୍ୟ ସବୁଠୁ ବଡ଼ ହେବା ଦରକାର

ସମ୍ବଲପୁର, ୨୧/୪ (ନି.ପ୍ର): ଅଗ୍ନିବୀରଙ୍କ ବୀରତ୍ୱ ଓ ମାନସିକ ଦୃଢତା ଦେଶର ଭବିଷ୍ୟତ ସହ ଯୋଡିହୋଇଛି । ବୀରତ୍ୱର ଅର୍ଥ କେବଳ ଶାରିରୀକ କିମ୍ବା ମାନସିକ ଇଚ୍ଛାଶକ୍ତି ନୁହେଁ । ଉଦ୍ଦେଶ୍ୟ ସବୁଠୁ ବଡ ହେବା ଦରକାର ବୋଲି ସମ୍ବଲପୁରରେ ବୀର ସୁରେନ୍ଦ୍ର ସାଏ ଡିଫେନ୍ସ ଟ୍ରେନିଂ ଏକାଡେମୀରେ ପ୍ରଶିକ୍ଷଣ ନେଉଥିବା ଅଗ୍ନିବୀର ମାନଙ୍କୁ ଭେଟିବା ଅବସରରେ କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ମହାନ ସ୍ୱାଧୀନତା ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏ ଏହି ମାଟିର ବୀରତ୍ୱର ଜ୍ୱଳନ୍ତ ପ୍ରତୀକ ଥିଲେ । ବୀର ସୁରେନ୍ଦ୍ର ସାଏଙ୍କ ପାଖରେ ପ୍ରଚଣ୍ଡ ରାଷ୍ଟ୍ରପ୍ରେମ ସହ ଏକ ବଡ଼ ଉଦ୍ଦେଶ୍ୟ ଥିଲା । ପରାଧୀନ ଦେଶରୁ ବ୍ରିଟିଶ ଶକ୍ତିଙ୍କୁ ହଟାଇବା ଥିଲା ସୁରେନ୍ଦ୍ର ସାଏଙ୍କ ମୁଖ୍ୟ ଉଦ୍ଦେଶ୍ୟ । ସେ ଇଂରେଜମାନଙ୍କ ସହ କୌଣସି ସାଲିସ ନକରି ସମ୍ମୁଖ ସଂଗ୍ରାମ କରି ଶହୀଦ ହୋଇଥିଲେ । ସ୍ୱୟଂ ପାଇଁ ନୁହେଁ, ସମୂହ ପାଇଁ ସେ ନିଜ ଜୀବନ ତ୍ୟାଗ କରିଥିଲେ । ସେହିପରି ତାଙ୍କ ବୀରତ୍ୱ ଓ ବିଚାରରେ ଅନୁପ୍ରାଣିତ ହୋଇ ଅଗ୍ନିବୀରର ଯୁବଶକ୍ତିମାନେ ଆଗାମୀ ଦିନରେ ଦେଶର ସୈନିକ ଶକ୍ତିକୁ ସୁଦୃଢ କରିବା ସହ ବିକଶିତ ଭାରତର ନେତୃତ୍ୱ ନେବାକୁ ଆହ୍ୱାନ ଦେଇଥିଲେ । ଏବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଆମ ଦେଶ ଏକ ମହାଶକ୍ତି ଭାବେ ପରିଗଣିତ ହେଉଛି । ଅଗ୍ନିପଥ ଯୋଜନା ରାଷ୍ଟ୍ର, ସେନା ଏବଂ ଆମର ଯୁବକମାନଙ୍କ ପାଇଁ ସଫଳତା ହିଁ ଆଗାମୀ ଭବିଷ୍ୟତକୁ ଉଜ୍ଜ୍ୱଳ କରିପାରିବ । ଅଗ୍ନିବୀରରେ ଭର୍ତି ହେବା ପାଇଁ ସମ୍ବଲପୁରରେ ନାରୀଶକ୍ତିଙ୍କ ଆଗ୍ରହ ବେଶ୍ ପ୍ରଶଂସନୀୟ। ସେନାରେ କିପରି ଅଧିକରୁ ଅଧିକ ଯୁବଶକ୍ତି ସାମିଲ ହୋଇ ଦେଶର ରକ୍ଷା ଦିଗରେ କାମ କରିପାରିବେ, ସେହି ଲକ୍ଷ୍ୟ ନେଇ ସେନାରେ ଅବସରର ବୟସ ସୀମା ହ୍ରାସ ମଧ କରାଯାଇଛି । ଏହାର ସୁଯୋଗ ପ୍ରଶିକ୍ଷାର୍ଥୀ ମାନେ ନିଅନ୍ତୁ । ସୈନ୍ୟବାହିନୀରୁ ପୂର୍ବ ସୈନିକ ଭାବେ ଫେରିଲେ ସମାଜ ବହୁତ ସମ୍ମାନ ଦେବ । ସୈନ୍ୟବାହିନୀରେ ଅଗ୍ନିବୀରମାନଙ୍କୁ ଶିଖାଯାଉଥିବା ଶୃଙ୍ଖଳା ନିଜର ଓ ସମାଜର ଭବିଷ୍ୟତକୁ ବି ସୁରକ୍ଷିତ ରଖିପାରିବ । ସେହିପରି ପ୍ରଶିକ୍ଷଣ ନେଉଥିବା ଖେଳାଳି ମାନଙ୍କୁ ଫୁଟବଲ, କବାଡି ପରି ସ୍ପୋର୍ଟସର ଏନ୍ତୁଡ଼ିଶାଳ ସମ୍ବଲପୁର ବୋଲି ଦୋହରାଇ ଥିଲେ । ୨୦୩୬ରେ ହେବାକୁ ଥିବା ଅଲମ୍ପିକ୍ସରେ ଯେପରି ସମ୍ବଲପୁର ପଦକ ଆଣିବ, ସେ ନେଇ ଏବେ ଠାରୁ ପ୍ରସ୍ତୁତି କରିବାକୁ ଆହ୍ୱାନ ଦେଇ ଭାରତୀୟ ଦଳରେ ସାମିଲ ହୋଇ ସମ୍ବଲପୁରର ଖେଳାଳି ପଦକ ହାସଲ ଅଣି ଜିଲ୍ଲା ଓ ଦେଶକୁ ଗୌରାବାନ୍ୱିତ କରିବେ ବୋଲି ଶ୍ରୀ ପ୍ରଧାନ ଆଶାବ୍ୟକ୍ତ କରିଥିଲେ । ଏହି କାର୍ଯ୍ୟକ୍ରମ ପରେ ଶ୍ରୀ ପ୍ରଧାନ ସମ୍ବଲପୁରର ବିଭିନ୍ନ ଅଂଚଳ ସ୍କୁଟିରେ ବୁଲିବା ସହ ସାଧାରଣ ଜନତା ଓ ବ୍ୟବସାୟୀ ମାନଙ୍କୁ ଭେଟି ସେମାନଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ । ଗୋଲବଜାର ବୈଦ୍ୟନାଥ ଛକରେ ଦଳୀୟ କର୍ମୀ ଓ ସମର୍ଥକମାନଙ୍କ ସହ ଏକ ନିର୍ଦ୍ଦିଷ୍ଟ ଦୋକାନରେ ପହଂଚି ସମସ୍ତଙ୍କ ସହ ଚା' ପିଇଥିଲେ । ପ୍ରାୟ ୫୦ ବର୍ଷର ଏହି ପୁରୁଣା ଦୋକାନରେ ଅନେକ ପୁରାତନ ବନ୍ଧୁ ମାନଙ୍କୁ ଭେଟି ଶ୍ରୀ ପ୍ରଧାନ ଖୁସିବ୍ୟକ୍ତ କରିଥିଲେ । ଏହି ଅବସରରେ ଶ୍ରୀ ପ୍ରଧାନ ସାଧାରଣ ଲୋକଙ୍କ ପରି ବିଭିନ୍ନ ଦୋକାନରୁ ସାମଗ୍ରୀ କିଣାକିଣି କରିବା ସହ ଆତିଥେୟତା ପାଇଁ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ ।

## ଟ୍ରକ ବାଇକ୍ ମୁହାଁମୁହିଁ ଧକ୍କା, ଯୁବକ ମୃତ

ଘଟଗାଁ, ୨୧/୪ (ନି.ପ୍ର): ଟ୍ରକ ସହ ଏକ ବାଇକ୍ ମୁହମୁହିଁ ଧକ୍କା ହେବା ଫଳରେ ଯୁବକର ମୃତ୍ୟୁ ଘଟିଥିବା ଜଣାପଡ଼ିଛି । ସୂଚନାରୁ ଜଣାଯାଏ କେନ୍ଦୁଝର ଜିଲ୍ଲା ଆନନ୍ଦପୁର ପୌର ପରିଷଦ ଅନ୍ତର୍ଗତ ପଦ୍ମପୁର ନୂଆସାହିର ମହେଶ୍ୱର ସାହୁଙ୍କ ପୁଅ ଆକାଶ ସାହୁ (୨୫) ବାଇକ୍ ଯୋଗେ ଭଦ୍ରକ ଯାଇ ଫେରୁଥିବା ବେଳେ ଆନନ୍ଦପୁର ଥାନା ଅଂଚଳର ବ୍ଲକ ଛକ ସମ୍ମୁଖରେ ବିପରୀତ ଦିଗରୁ ଏକ ଟ୍ରକ ସହ ମୁହମୁହିଁ ଧକ୍କା ହେବା ଫଳରେ ଘଟଣସ୍ଥଳରେ ଯୁବକର ମୃତ୍ୟୁ ଘଟିଥିବା ଜଣାପଡିଛି ! ଖବରପାଇ ଆନନ୍ଦପୁର ଥାନା ଓ ଅଗ୍ନିଶମ ବାହିନୀର କର୍ମାରୀମାନେ ପହଂଚି ମୃତକକୁ ଟ୍ରକ ତଳୁ ଉଦ୍ଧାର କରି ଆନନ୍ଦପୁର ଉପଖଣ୍ଡ ମୁଖ୍ୟ ଚିକିତ୍ସାଳୟ କୁ ଆଣିଥିବା ବେଳେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।

## ଭଦ୍ରକ ପୌରାଧକ୍ଷାଙ୍କ ଶକ୍ତି ପ୍ରଦର୍ଶନ, ୨ ହଜାର ସମର୍ଥକଙ୍କ ସହ ବିଜେଡି ଅଫିସ୍ ଗଲେ

ଭଦ୍ରକ, ୨୧/୪ (ନି.ପ୍ର): - ବିଜେଡିରେ ଯୋଗଦେବା ପରେ ଭଦ୍ରକର ପୌରାଧକ୍ଷା ଗୁଲମକ୍ସୀ ଦଲୱାଜି ହବିବ ଶକ୍ତି ପ୍ରଦର୍ଶନ କରିଛନ୍ତି। ଗୁଲମକ୍ସୀଙ୍କ ସମେତ ୨ ହଜାର ସମର୍ଥକ ବିଜେଡି ପାର୍ଟି ଅଫିସ୍‌ରେ ଯୋଗ ଦେଇଛନ୍ତି। ୧୦ ଦିନ ତଳେ ସେ ଭୁବନେଶ୍ୱର ଶଙ୍ଖ ଭବନରେ ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ଶଙ୍ଖ ପତାକା ଧରିଥିଲେ। ପରେ ଆସି ପୁରୁଣାବଜାର ଅଂଚଳର ନିଜ ସଙ୍ଗଠନ ସହ କାର୍ଯ୍ୟ କରୁଥିଲେ। ବିଧିବଦ୍ଧ ଭାବେ ନିଜ ସମର୍ଥକଙ୍କୁ ଧରି ବିଜେଡି ପାର୍ଟି କାର୍ଯ୍ୟାଳୟକୁ ଯାଇଛନ୍ତି। ପ୍ରଥମେ ସମର୍ଥକଙ୍କୁ ଧରି ବାଇକ୍ ଶୋଭାଯାତ୍ରା କରି ନୂଆ ବସଷ୍ଟାଣ୍ଡରେ ପହ୍‌ଥିଲେ। ସେଠାରେ ଚାଲି ଚାଲି ପୌରାଧକ୍ଷା ଓ ତାଙ୍କ ପ୍ରତିନିଧି ଜାହିଦ ହବିବଙ୍କ ନେତୃତ୍ୱରେ ବିଶାଳ ରାଲି ଜାତୀୟ ରାଜପଥ କଡ ପାର୍ଟି କାର୍ଯ୍ୟାଳୟରେ ପହ୍‌ଥିଲା। ପାର୍ଟି ଅଫିସରେ ବିଜେଡି ବିଧାୟକ ପ୍ରାର୍ଥୀ ପ୍ରଫୁଲ୍ଲ ସାମଲ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ ଉପସ୍ଥିତି ରହି ପୌରାଧକ୍ଷା ଓ ତାଙ୍କ ସମର୍ଥକଙ୍କୁ ସ୍ୱାଗତ କରିଥିଲେ। ସ୍ୱାଧୀନ ଭାବେ ଲଢି ପୌରାଧକ୍ଷା ଜିତିବା ପରେ ସମଦୂରତା ରକ୍ଷା କରି କାର୍ଯ୍ୟ କରୁଥିଲେ। ୨ ବର୍ଷର ଅନ୍ତରାଳ ପରେ ସେ ବିଜେଡିରେ ସାମିଲ ହୋଇଛନ୍ତି। ତାଙ୍କର ଅନେକ ସମର୍ଥକ ପୁରୁଣା ବଜାର ଅ ଳର ରହିଛନ୍ତି। ଏବେ ଦଳରେ ମିଶି ପୌରପାଳିକାର ବିକାଶ ପଥ ଆଗେଇ ନେବାକୁ ପୌରାଧକ୍ଷା ଗଣମାଧମରେ ପ୍ରକାଶ କରିଛନ୍ତି। ୧୦ ଦିନ ପୂର୍ବେ ଭୁବନେଶ୍ୱର ଯାଇ ସାମିଲ ହୋଇଥିଲେ। ପରେ ଭଦ୍ରକର ଇଦ୍ ଓ ଶ୍ରୀରାମ ନବମୀ ପାଇଁ ସବୁ ରାଜନେତା ବ୍ୟସ୍ତ ଥିଲେ। ଏବେ ଦୁଇ ପର୍ବ ସରିଛି। ନିର୍ବାଚନର ମାହୋଲ ଆରମ୍ଭ ହୋଇଛି। ସବୁ ଦଳ ଚଳଚ ଳ ହୋଇଥିବାବେଳେ ଆଜି ପୌରାଧକ୍ଷଙ୍କ ଏହି ବିଶାଳ ରାଲି ବିଜେଡି ଶିବିରର ଉତ୍ସାହକୁ ବଢାଇଛି। ପୁରୁଣାବଜାର ଅ ଳର ସମର୍ଥକ ବିଜେଡି ସହ ମିଶିବା ପରେ ଦଳ ଆହୁରି ୫ ସପ୍ତାହ ବାକି ଥିବାବେଳେ ଏବେ ପ୍ରଚାର ପ୍ରସାରକୁ ସବୁ ଦଳ ଆଗଭର ହୋଇଛନ୍ତି। ବିଜେଡି ଆଜି ପୌରପାଳିକାରେ ତାର ରଣନୀତିକୁ ଜୋରଦାର କରିଥିବାବେଳେ ଦୁଇଦିନ ଭିତରେ ଗ୍ରାମା ଳ ସ୍ତରରେ ସଭା ସମାବେଶ କରିବାକୁ ଯୋଜନା ତିଆରି କରିଛି।

CMYK
CMYK

# ମୟୂରଭଞ୍ଜ କଲେଜ ଅଫ ଆକାଉନଟେନ୍ସି ଆଣ୍ଡ୍ ମ୍ୟାନେଜମେଣ୍ଟର ପ୍ରାଣୀ ବିଜ୍ଞାନ ବିଭାଗର ବିଦାୟ କାଳୀନ ଉତ୍ସବ



ବାରିପଦା, ୨୧/୪ (ନି.ପ୍ର): ମହାରାଜପୁରସ୍ଥିତ ମୟୂରଭଞ୍ଜ କଲେଜ ଅଫ ଆକାଉନଟେନସି ଆଣ୍ଡ ମ୍ୟାନେଜମେଣ୍ଟ ର ପ୍ରାଣୀ ବିଜ୍ଞାନ ବିଭାଗ ର ଶେଷ ବର୍ଷ ର ଛାତ୍ର ଛାତ୍ରୀ ମାନଙ୍କ ପାଇଁ ବିଦାୟ କାଳୀନ ଉତ୍ସବ ବିଭାଗୀୟ ମୁଖ୍ୟା ଅଭିସ୍ପା ନାୟକ ଙ୍କ ପୌରହିତ୍ୟ ରେ ଓ ମହାବିଦ୍ୟାଳୟ ର ଅଧକ୍ଷ ପ୍ରଦୀପ କୁମାର ନାୟକ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଅଛି । ଛାତ୍ର ଛାତ୍ରୀଙ୍କୁ କର୍ତ୍ତବ୍ୟ ପରାୟଣ ଓ ନିଷ୍ଠାବାନ ହେବା ନିମନ୍ତେ ପରାମର୍ଶ ଦେବା ସହିତ ଶ୍ରୀ ନାୟକ ଛାତ୍ର ଛାତ୍ରୀ ମାନଙ୍କୁ ପିଜି ନିମନ୍ତେ ପ୍ରସ୍ତୁତ ହେବା ପାଇଁ ବୁଝାଇଥିଲେ। ଅଧାପକ ମଦନ ମୋହନ ସାହୁ, ଅଧାପିକା ଦେବଶ୍ରୀତା ବିଶ୍ୱାଳ, ପୂର୍ଣ୍ଣିମା ମହାନ୍ତି, ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ର ଛାତ୍ରୀ ଙ୍କ ଉଜ୍ଜ୍ୱଳ ଭବିଷ୍ୟତ ନିମନ୍ତେ କର୍ମଠ ହେବା ପାଇଁ ଉପଦେଶ ଦେଇଥିଲେ। ମହାବିଦ୍ୟାଳୟ ର ସମସ୍ତ ଅଧାପକ ଓ ଅଧାପିକା ମାନେ ସଭା କାର୍ଯ୍ୟ ରେ ସକ୍ରିୟ ଅଂଶ ଗ୍ରହଣ କରି ନିଜର ବକ୍ତବ୍ୟ ରଖିବା ସହିତ ଛାତ୍ର ଛାତ୍ରୀ ମାନଙ୍କୁ ଉତ୍ସାହିତ କରିଥିଲେ। ଶେଷ ବର୍ଷ ର ଛାତ୍ର ଛାତ୍ରୀ ମାନେ ତିନି ବର୍ଷ ର ଅନୁଭୂତି କୁ ବ୍ୟକ୍ତ କରିବା ସହିତ ସାନ ଭାଇ ଭଉଣୀ ମାନଙ୍କୁ ନିୟମିତ ଭାବେ ପାଠ ପଢିବା ପାଇଁ ବୁଝାଇଥିଲେ। ପ୍ରଥମ ଏବଂ ଦ୍ୱିତୀୟ ବର୍ଷ ର ଛାତ୍ର ଛାତ୍ରୀ ମାନେ ଶେଷ ବର୍ଷ ର ଛାତ୍ର ଛାତ୍ରୀ ମାନଙ୍କ ପାଇଁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସ୍ନାତକୋତ୍ତର ବିଭାଗର ପ୍ରଥମ ବର୍ଷ ଛାତ୍ରୀ ବୈଜନ୍ତି ମାଳା ଭୋଇ ଏବଂ ଦ୍ୱିତୀୟ ବର୍ଷ ର ଛାତ୍ର ପ୍ରତୀକ କୁମାର ବେହେରା ସଭା କାର୍ଯ୍ୟ କୁ ପରିଚାଳନା କରିବା ସହ ସମସ୍ତ ଛାତ୍ର ଛାତ୍ରୀ ମାନେ ସହଯୋଗ କରିଥିଲେ। ଶେଷ ରେ ବିଭାଗୀୟ ଅଧାପିକା ଅଙ୍କିତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ମଇ ପହିଲାରେ ବିଶ୍ୱ ଶ୍ରମିକ ଦିବସ ପାଳନ ପାଇଁ ଟିୟୁଏସିସି ପକ୍ଷରୁ ବ୍ୟାପକ କାର୍ଯ୍ୟକ୍ରମ ଗୃହୀତ




ବାଲେଶ୍ୱର, ୨୧/୪ (ନି.ପ୍ର): ବିଶ୍ୱ ଶ୍ରମିକ ଦିବସକୁ ଚଳିତ ବର୍ଷ ମହା ସମାରୋହରେ ପାଳନ ପାଇଁ ଶନିବାର ସନ୍ଧ୍ୟାରେ ଟିୟୁଏସିସିର ମିଳିତ ବୈଠକରେ ନିଷ୍ପତ୍ତି ନିଆଯାଇଛି। ପୂର୍ବତନ ବିଧାୟକ ତଥା ଟିୟୁଏସିସିର ଅଧକ୍ଷ ପ୍ରଦୀପ୍ତ ପଣ୍ଡା ଉଠାଜଳସେଚନ କର୍ମଚାରୀ ଭବନରେ ଅନୁଷ୍ଠିତ ବୈଠକରେ ସଭାପତିତ୍ୱ କରିଥିଲେ। ସାଧାରଣ ସଂପାଦକ ଗୌରାଙ୍ଗ ପାଣିଗ୍ରାହୀ ଚଳିତବର୍ଷ ଶ୍ରମିକ ଦିବସ ପାଳନର ବିଶେଷ ତାତ୍ପର୍ଯ୍ୟ ସଂପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଗତ ୧୯୭୫ ମସିହାରେ ଟ୍ରେଡ୍ ୟୁନିୟନ୍ ଆସୋସିଏସନ୍ କୋର୍ଡ଼ିନେସନ କମିଟି (ଟିୟୁଏସିସି) ପ୍ରତିଷ୍ଠା ପରଠାରୁ ପ୍ରତିବର୍ଷ ମଇ ପହିଲାରେ ଶ୍ରମିକ ଦିବସ ଓ ମେହନତି ଜନଗଣଙ୍କ ସମସ୍ୟା ନେଇ ବାଲେଶ୍ୱରରେ ଏହି ସଂଗଠନ ପ୍ରତିବାଦର ସ୍ୱର ଉତ୍ତୋଳନ କରିଆସିଛି। ପରାଧିନ ଭାରତରୁ ସ୍ୱାଧୀନ ଭାରତବର୍ଷରେ ଶ୍ରମିକଶ୍ରେଣୀ ହାସଲ କରିଥିବା ଆଇନଗୁଡ଼ିକୁ ବର୍ତ୍ତମାନର କେନ୍ଦ୍ର ସରକାର ପ୍ରତ୍ୟାହାର ଓ ସଂକୁଚିତ କରୁଛନ୍ତି। ତେଣୁ ଚଳିତ ବର୍ଷ ନିର୍ବାଚନରେ କେନ୍ଦ୍ର ସରକାରଙ୍କ ବିରୋଧରେ ଶ୍ରମିକଶ୍ରେଣୀ ସଠିକ୍ ପନ୍ଥା ନିର୍ଦ୍ଧାରଣ କରିବାପାଇଁ ମଇ ପହିଲାର ଜନ ସମାବେଶରେ ଶପଥ ନେବାକୁ ପଡ଼ିବ ବୋଲି ଶ୍ରୀ ପାଣିଗ୍ରାହୀ ଆହ୍ୱାନ ଦେଇଥିଲେ। ବିଭିନ୍ନ ଶ୍ରମିକ ସଂଗଠନ ପକ୍ଷରୁ ଜଗଦୀଶ ବେହେରା, ସୁଦର୍ଶନ ଜେନା, ଉମାକାନ୍ତ ଦାସ, ଶାନ୍ତନୁ ଦାସ, ରାଜକିଶୋର ଲେଙ୍କା, ଶରତ ଚନ୍ଦ୍ର ଦଳାଇ, ସେକ୍ ମନସୁର ଅଲ୍ଲୀ, ବନ୍ଦନା ପାତ୍ର, ଲକ୍ଷ୍ମୀଧର ଗିରି ଓ ଶ୍ୟାମସୁନ୍ଦର ଜେନା ପ୍ରମୁଖ ଶ୍ରମିକ ଦିବସ ସମାବେଶ ପାଇଁ ବିଭିନ୍ନ ପ୍ରସ୍ତାବ ଆଗତ କରିଥିଲେ। ମଇ ପହିଲାର ଶ୍ରମିକ ଦିବସକୁ ସ୍ୱାଗତ ଜଣାଇ ଏପ୍ରିଲ୍ ୩୦ ତାରିଖ ସନ୍ଧ୍ୟାରେ ସହରରେ ମଶାଲ ଶୋଭାଯାତ୍ରା, ମଇ ପହିଲା ଦିନ ସକାଳ ୭ଟାରେ ବିଚାରଗଞ୍ଜ ଛକରେ ଲାଲ ପତାକା ଉତ୍ତୋଳନ ଓ ଅପରାହ୍ନ ୫ଟାରେ ବାଲେଶ୍ୱର ରେଲଷ୍ଟେସନରୁ ଶୋଭାଯାତ୍ରା ବାହାରି ସହର ପରିକ୍ରମା ପରେ ସନ୍ଧ୍ୟାରେ ଗାନ୍ଧିସ୍ମୃତି ଭବନ ସମ୍ମୁଖରେ ମିଳିତ ସମାବେଶ ଓ ସାଧାରଣ ସଭାପାଇଁ ଏହି ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ବିଭିନ୍ନ କେନ୍ଦ୍ରୀୟ ଶ୍ରମିକ ସଂଗଠନମାନଙ୍କ ସମେତ ପ୍ରତିରକ୍ଷା, ବ୍ୟାଙ୍କ, ବୀମା, ଡାକ, ବିଦ୍ୟୁତ୍, ଉଠାଜଳସେଚନ, ମହିଳା ସଂଗଠନ, ସ୍କିମ୍ ୱାର୍କରସ୍, ପରିବହନ, ନିର୍ମାଣ ଶ୍ରମିକ, ରିକ୍ସା ଓ ଅଟୋଚାଳକ ସଂଘ ସମେତ ବହୁ କଳକାରଖାନାର ଶ୍ରମିକ ସଂଘର ପ୍ରତିନିଧି ଏହି ବୈଠକରେ ଯୋଗ ଦେଇଥିଲେ। ପ୍ରଦୀପ୍ତ କର ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ଆସନ୍ତା ୨୮ ତାରିଖ ସନ୍ଧ୍ୟାରେ ଶେଷ ପ୍ରସ୍ତୁତି ବୈଠକ ପାଇଁ ନିଷ୍ପତ୍ତି ନିଆଯାଇଛି।

## ଭୂ-ସମ୍ପତ୍ତିକୁ ନେଇ ଦୁଇ ପରିବାର ମଧ୍ୟରେ ସଂଘର୍ଷ

କନ୍ଧମାଳ, ୨୧/୪ (ନି.ପ୍ର): କନ୍ଧମାଳ ଜିଲ୍ଲା ବାଲିଗୁଡ଼ାରେ ଜାଗାବାଡ଼ିକୁ ନେଇ ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ସଙ୍ଘର୍ଷ ଘଟିଛି। ଏହି ଘଟଣା ରେ ଗୋଟିଏ ଗୋଷ୍ଠୀ ଅନ୍ୟ ଗୋଷ୍ଠୀକୁ ମରଣାନ୍ତକ ଆକ୍ରମଣ କରିଥିବା ଜଣାପଡ଼ିଛି । ସଙ୍ଘର୍ଷରେ ୬ ଜଣ ଗୁରୁତର ଆହତ ହୋଇଥିବା ବେଳେ ସମସ୍ତଙ୍କୁ ପ୍ରଥମେ ବାଲିଗୁଡ଼ା ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ ସମ୍ପର୍କୀୟ ଲୋକେ । ପ୍ରାଥମିକ ଚିକିତ୍ସା ପରେ ଦୁଇଜଣ ଗୁରୁତରଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି । ସୂଚନା ପ୍ରକାରେ ବାଲିଗୁଡ଼ା ପାଟଖଣ୍ଡା ସାହିର ଅସରଫ୍ ଓ ଆଲ୍ଲା ଉଦ୍ଦିନଙ୍କ ପରିବାର ମଧ୍ୟରେ ଦୀର୍ଘ ଦିନରୁ ଜାଗାବାଡ଼ିକୁ ନେଇ କଳହ ଲାଗି ରହିଥିଲା । ଉଭୟେ ସମ୍ପର୍କରେ ମାମୁଁ ଭଣଜା ହୋଇଥିବା ଜଣାପଡ଼ିଛି । ଦୀର୍ଘ ଦିନରୁ ଲାଗି ରହିଥିବା କଳହ ଗତକାଲି ଉଗ୍ର ରୂପ ନେଇଥିବା ବେଳେ ଅସରଫ୍ ଆଲ୍ଲା ଉଦ୍ଦିନ୍ ଙ୍କ ପରିବାର ଉପରେ ମରଣାନ୍ତକ ଆକ୍ରମଣ କରିଥିବା ଜଣାପଡ଼ିଛି । ତେବେ ଏନେଇ ବର୍ତ୍ତମାନ ସୁଦ୍ଧା ବାଲିଗୁଡ଼ା ଥାନାରେ କୌଣସି ମାମଲା ରୁଜୁ ହୋଇନଥିବା ଜଣାପଡ଼ିଛି ।

# ହେଲ୍ଦି ଲାଇଫର ମାନସିକ ବିକାଶ ଓ ଯୋଗ କର୍ମଶାଳା




ବାଲେଶ୍ୱର, ୨୧/୪ (ନି.ପ୍ର): ହେଲଦି ଲାଇଫ୍ ଯୋଗ ମହାବିଦ୍ୟାଳୟ ଓ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ନେଚର କିଅର ଏଣ୍ଡ ଯୋଗିକ ସାଇନ୍‌ସର ୭ ଦିନିକିଆ ବିଭିନ୍ନ ସ୍କୁଲର ଛାତ୍ରଛାତ୍ରୀମାନଙ୍କୁ ନେଇ ମାନସିକ ବିକାଶ ଓ ଯୋଗ ଅନୁଷ୍ଠିତ ହୋଇଯାଇଛି । ଉଦ୍‌ଯାପନ ଉତ୍ସବରେ ମୁଖ୍ୟ ଅତଇଥବ ଭାବେ ମଦର ଟେରସା ଇଂଲିସ ମିଡିୟମ ସ୍କୁଲର ଅଧକ୍ଷା ଶ୍ରୀମତୀ ଗୀତାଞ୍ଜଳୀ ରାଉତ କହିଥିଲେ ଯେ ବର୍ତ୍ତମାନ ସମୟରେ ଆମ ମାନଙ୍କର ଶରୀର ଏକ୍‌ଟିଭ ରହୁଛି ହେଲେ ମନ ଇନାକ୍‌ଟିଭ ହୋଇଯାଉଛି, ଯାହାଫଳରେ ବିଭିନ୍ନ ମାନସିକ ରୋଗ ସୃଷ୍ଟି ହୋଇଯାଉଛି । ସେଥିପାଇଁ ମାନସିକ ରୋଗକୁ ଦୂର କରିବା ପାଇଁ ଯୋଗ ଆବଶ୍ୟକ, ଯୋଗକୁ ବାଧ୍ୟତାମୂଳକ ପ୍ରତ୍ୟେକ ବିଦ୍ୟାଳୟରେ କରିବା ଦରକାର । ସେଥିପାଇଁ ସରକାରଙ୍କୁ ଅନୁରୋଧ ସମସ୍ତେ କରିବା ଦରକାର । ଅନ୍ୟତମ ଅତିଥି ଭାବେ ଫକୀରମୋହନ କଲେଜର ପ୍ରଫେସର ଡ. ମଧୁସ୍ମିତା ଘଡ଼େଇ ଛୋଟ ପିଲାମାନଙ୍କୁ ଯୋଗ ଶିକ୍ଷା ଆବଶ୍ୟକ ସେଥିପାଇଁ ମା'ମାନେ ପ୍ରଥମେ ଯୋଗ କରନ୍ତୁ ବୋଲି ଆହ୍ୱାନ ଦେଇଥିଲେ । ମହାବିଦ୍ୟାଳୟର ନିର୍ଦ୍ଦେଶକ ଡାକ୍ତର ଚି ରଞ୍ଜନ ସାହୁ, ମାନସିକ ବିକାଶ ରାଇଟ୍ ବ୍ରେନ୍ ଓ ଲେଫ୍‌ଟ ବ୍ରେନ୍ ସନ୍ତୁଳିତ ରହିବାକୁ ହେଲେ ପ୍ରାଣାୟାଣ ଯୋଗାସନ କରିବା ଦରକାର, ତଥା ପିନିୟାଲ ଗ୍ଲାଣ୍ଡ ଡେଭଲଫଟ ହେବା ଦରକାର । କଲେଜର ଅଧକ୍ଷା ଦେବୀ ଅର୍ଚ୍ଚା ଦାସ ମହାବିଦ୍ୟାଳୟର ଯୋଗା ଡିପ୍ଲୋମା, ପିଏଚ୍ ଡିପ୍ଲମା, ଏମଏ ଇନ୍ ଯୋଗ ଓଡ଼ିଶା ସରକାରଙ୍କ ଦ୍ୱାରା ଉତ୍କଳ ୟୁନିଭରସିଟି ଅଫ୍ ସେ ର ଦ୍ୱାରା ପଢ଼ାଯାଇ ସରକାରୀ ବେସରକାରୀ ଚାକିରିରେ ନିଯୁକ୍ତି କରାଯାଉଛି, ଝାଡ଼େଶ୍ୱର ସ୍କୁଲ, କନଜନଟ ମଡର୍ଣ୍ଣ ପବ୍ଲିକ୍ ସ୍କୁଲ, ସିଦ୍ଧି ବିନାୟକ ପବ୍ଲିକ୍ ସ୍କୁଲ, ଅରବିନ୍ଦ ସ୍କୁଲ ଛାତ୍ରଛାତ୍ରୀ ମାନେ ୧୦୦ଜଣ ଭାଗ ନେଇଥିଲେ । ଅଧାପିକା ଅନିତାମିଶ୍ର, ସ୍ନାତକୋତ୍ତର ଛାତ୍ରୀ କାନ୍ତକ୍ରିଷ୍ଣା ପାଣିଗ୍ରାହୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଶେଷରେ ଅଧାପକ ଅବଭିଷେକ ଦାସ ଧନ୍ୟବାଦ ଦେଇଥିଲେ ।

# ବିପୁଳ ପରିମାଣର ମଦ ଓ ପିକଅପ ଜବତ: ଅଭିଯୁକ୍ତ କୋର୍ଟ ଚାଲାଣ



ଖୋର୍ଦ୍ଧା, ୨୧/୪ (ନି.ପ୍ର): ଆସନ୍ତା ନିର୍ବାଚନକୁ ଦୃଷ୍ଟିରେ ରଖି ଖୋର୍ଦ୍ଧା ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଖୋର୍ଦ୍ଧା ଜିଲ୍ଲା ଅବକାରୀ ଅଧିକ୍ଷିକା ସୁମତି ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ବେଗୁନିଆ ଅବକାରୀ ବିଭାଗ ପକ୍ଷରୁ ବିପୁଳ ପରିମାଣର ଦେଶୀ ମଦ ଓ ପିକଅପ ଗାଡି ଜବତ କରିବା ସହ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି । ଖୋର୍ଦ୍ଧା ସଦର ରେଞ୍ଜ ଅବକାରୀ ବିଭାଗ ନୀରିକ୍ଷକ ସନ୍ତୋଷ କୁମାର ସାହୁଙ୍କ ସୂଚନା ଅନୁଯାୟୀ କଟକ ଜିଲ୍ଲା ଆଠଗଡ଼ ଥାନା ଅଧିନସ୍ଥ ନୂଆ ତିଗିରିଆ ଗ୍ରାମର ଜଗଦୀଶ ମହାନ୍ତି ପିକଅପ ଗାଡି ଯୋଗେ ୭୭୦ ଲିଟର ଦେଶୀ ମଦ ୨୨ ଟି ଜାରକିନରେ ଭର୍ତ୍ତି କରି ବେଗୁନିଆ ଅଞ୍ଚଳରେ ବ୍ୟବସାୟ କରିବା ପାଇଁ ଆସୁଥିବାର ଖବର ପୁଲିସ ସୂଚନା ପାଇଥିଲା । ଏଥିରେ ବେଗୁନିଆ ଅବକାରୀଥାନା ଉପନୀରିକ୍ଷକ ଏନ ଜାଗିନ ରାଓ, ସଦରରେଞ୍ଜ ଉପନିରୀକ୍ଷକ ସୁଦର୍ଶନ ବିଷୋୟୀ, ସିପାହୀ ବିକାଶ ଚନ୍ଦ୍ର ରାଉତ ଓ ଚିନ୍ମୟୀ ସେଠୀ ପ୍ରମୁଖ ଏକ ଟିମରେ ବିଭକ୍ତ ହୋଇ ଚଢାଉ କରିବା ପାଇଁ ଯୋଜନା କରିଥିଲେ । ଅଭିଯୁକ୍ତକୁ ବେଗୁନିଆ ସଦର ମହକୁମା ସ୍ଥିତ ପୋଷ୍ଟ ଅଫିସ ଛକ ନିକଟରେ ପିକଅପ ଗାଡ଼ିକୁ ଅଟକାଇ ତନଖି କରି ବିପୁଳ ପରିମାଣରଦେଶୀ ମଦ ସହ ଗାଡ଼ିକୁ ଜବତ କରିଥିଲେ ।

# ସ୍ୱର୍ଗତ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ନବମ ବାର୍ଷିକୀ ଶ୍ରାଦ୍ଧୋତ୍ସବ ପାଳିତ



ଖୋର୍ଦ୍ଧା, ୨୧/୪ (ନି.ପ୍ର): ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଆସାମର ପ୍ରାକ୍ତନ ରାଜ୍ୟପାଳ ୰ଜାନକୀ ବଲ୍ଲଭ ପଟ୍ଟନାୟକଙ୍କର ଅଷ୍ଟମ ଶ୍ରାଦ୍ଧବାର୍ଷିକୀ ରବିବାର ଜାନକୀ ବଲ୍ଲଭ ସ୍ମୃତି କମିଟି ତରଫରୁ ଖୋର୍ଦ୍ଧାସ୍ଥିତ ଜାନକୀବଲ୍ଲଭ ଉଦ୍ୟାନ ପରିସରରେ ପାଳିତ ହୋଇଯାଇଛି । ଜାନକୀ ବଲଭ ସ୍ମୃତି କମିଟି ସଂପାଦକ ସଂଜୟ ପଟ୍ଟନାୟକଙ୍କ ସଂଯୋଜନାରେ ଖୋର୍ଦ୍ଧାର ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ବ୍ୟବସାୟୀ, ବୁଦ୍ଧିଜିବୀ, ଆଇନିଜିବୀ, ସାମ୍ବାଦିକ ଓ ବିଭିନ୍ନ ଦଳ ନେତାମାନେ ସାମିଲ ହୋଇ ଉଦ୍ୟାନ ପରିସରରେ ଥିବା ସ୍ୱର୍ଗତ ଜାନକୀ ବଲଭ ପଟ୍ଟନାୟକଙ୍କ ପୂର୍ଣ୍ଣ ବୟାବ ପ୍ରତିମୂର୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧା ସୁମନ କରିଥିଲେ । ଏହି ଉତ୍ସବରେ ଖୋର୍ଦ୍ଧା ବିଧାୟକ ଜ୍ୟୋତିରୀନ୍ଦ୍ରନାଥ ମିତ୍ର, ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ, ଖଣ୍ଡପଡା ବିଧାୟକ ସୌମ୍ୟ ରଂଜନ ପଟ୍ଟନାୟକ, ଉତର ଓଡିଶା ବିଶ୍ୱବିଦ୍ୟାଳୟ ପ୍ରାକ୍ତନ କୁଳପତି ମେଜର କ୍ଷୀରୋଦପ୍ରସାଦ ମହାନ୍ତି, ଖୋର୍ଦ୍ଧା ବ୍ଲକ ଉପାଧ୍ୟକ୍ଷ ପ୍ରକାଶ ସାମନ୍ତରାୟ ,ଗବେଷକ ଗୋପାଳକୃଷ୍ଣ ଦାସ, ଭୁବନେଶ୍ୱର କଂଗ୍ରେସ ସାଂସଦ ପ୍ରାର୍ଥୀ ୟାସିର ନୱାଜ, ଯୁବ ନେତା ବିଜୟ କୁମାର ସେଠୀ, ଇକବଲ ଅହମଦ, ଅଖିଳ ପ୍ରଧାନ, ଗୁରୁ ଚରଣ ପଟ୍ଟନାୟକ, ଖୋର୍ଦ୍ଧା ଜିଲା ସାମ୍ବାଦିକ ସଂଘ , ଖୋର୍ଦ୍ଧା ଜିଲା ସାମ୍ବାଦିକ ୟୁନିଅନ ସମେତ ସଂଗଠନ ଓ ତତସହିତ ବୁଦ୍ଧିଜିବୀ ଯୋଗଦେଇ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧା ସୁମନ କରିଥିଲେ । ସେ ଥିଲେ ଜଗନ୍ନାଥ, ସଂସ୍କୃତି ପ୍ରେମୀ ଓ ଜ୍ଞାନ ଭଣ୍ଡାର । ଓଡିଆ ଭାଷାର କିପରି ପ୍ରଚାର ପ୍ରସାର ହୋଇପାରିବ ତାହା ଉପରେ ବହୁ ଚେଷ୍ଟା କରିଆସିଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ଡିଏମଏଫ ଫଣ୍ଡରୁ ୯ ....

ଚେକ୍ ନଂ -୦୧୭୭୯୮ରେ ୩,୧୫, ୭୪,୨୦୦ ଟଙ୍କା ପିଟି କନ୍‌ଷ୍ଟ୍ରକ୍‌ସନ୍ ଆଣ୍ଡ ସପ୍ଲାୟର୍ସ ଆକାଉଣ୍ଟକୁ ଯାଇଥିବା ବେଳେ ଚେକ୍ ନଂ - ୦୧୭୭୯୭ରେ ୧,୮୮,୩୨,୭୦୦ ଟଙ୍କା ଏସ୍‌କେ ଏଣ୍ଟ୍ରପ୍ରାଇଜର୍ସ ଆକାଉଣ୍ଟକୁ ଟ୍ରାନ୍ସଫର ହୋଇଥିଲା। ଦୁଇଟି ପର୍ଯ୍ୟାୟରେ ଦୁଇଟି କମ୍ପାନୀକୁ ୯ କୋଟି ୫୬ ଲକ୍ଷ ଟଙ୍କା ଟ୍ରାନ୍ସଫର ହୋଇଛି। ହେଲେ ଏନେଇ ଜିଲ୍ଲା ପ୍ରଶାସନ ପାଖରେ କୌଣସି ଖୋଜ ଖବର ନାହିଁ। ଟଙ୍କା ଟ୍ରାନ୍ସଫର କରିବା ପରେ ବ୍ୟାଙ୍କ କର୍ତ୍ତୃପକ୍ଷ ଚେକ୍ ନମ୍ବର ଗୁଡ଼ିକୁ ଜିଲ୍ଲା ପ୍ରଶାସନ ପାଖକୁ ପଠାଇଥିଲେ। କୌଣସି ଚେକ୍ କାହାକୁ ଦିଆଯାଇନଥିବା ଜିଲ୍ଲାପ୍ରଶାସନ ସ୍ପଷ୍ଟ କରିଥିଲା। ଏହାପରେ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ଅକଲ ଗୁଡୁମ ହୋଇଯାଇଥିଲା। ଆଜି ବ୍ୟାଙ୍କ ମ୍ୟାନେଜର ଏ ନେଇ ଭଞ୍ଜପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୁଲିସ ଦଫା ୪୨୦, ୪୬୮, ୪୧୯, ୪୭୧ ମାମଲା ରୁଜୁ କରିଛି। ଶେଷ ଖବର ସୁଦ୍ଧା ମାମଲାର ତଦନ୍ତ କ୍ରାଇମବ୍ରାଞ୍ଚ ଇଓଡବ୍ଲ୍ୟୁ ତଦନ୍ତ କରୁଥିବା ଜଣାପଡ଼ିଛି। ପିଡି ଡିଆରଡିଏ ରଜନ କୁମାର ସ୍ୱାଇଁ କହିଛନ୍ତି, ବହୁଦିନ ହେଲା ଆମର ଚେକ୍ ସିଷ୍ଟମ୍ ବନ୍ଦ ହୋଇଗଲାଣି। ଜିଲ୍ଲାପାଳଙ୍କ ଦସ୍ତଖତ ଥିବା ଚିଠି ସହ ଚେକ୍ ଯାଇଛି। କିନ୍ତୁ ଆମେ କୌଣସି ପ୍ରାଇଭେଟ୍ କମ୍ପାନୀକୁ ଚେକ୍ ଦେଇନାହୁ ବୋଲି ଶ୍ରୀ ସ୍ୱାଇଁ କହିଛନ୍ତି। ସେପଟେ ଏନେଇ ବ୍ୟାଙ୍କ କର୍ତ୍ତୃପକ୍ଷ ବା ପୁଲିସ୍‌ର ପ୍ରତିକ୍ରିୟା ମିଳିପାରି ନାହିଁ।

### ପୁଣି ଗୌତମଙ୍କ ଉପରେ...

ଜଟିଳ ସ୍ଥିତି ଥିବା ବେଳେ ସେ ସବୁକୁ ଆୟତ୍ତ କରାଯାଇଛି ବୋଲି କହିଛନ୍ତି ଶିମିଳିପାଳ ଉପ ନିର୍ଦ୍ଦେଶକ। ତେବେ ଚଳିତ ବର୍ଷ ଜଙ୍ଗଲ ନିଆଁକୁ ଆୟତ୍ତ କରିବା ପାଇଁ ପୂର୍ବରୁ ବିଭିନ୍ନ ସମୟରେ ସଚେତନତା ରାଲି ଓ ୧୦୦ରୁ ଅଧିକ ମିଳିତ ମକଡ୍ରିଲ କରିଛି ବନବିଭାଗ। ଏହା ସହ ପ୍ରତିବିଟରେ ବ୍ଲୟର ମେସିନ ଓ ଆବଶ୍ୟକ ସାମଗ୍ରୀ ଯୋଗାଇ ଦିଆଯାଇଛି ବୋଲି କହିଛନ୍ତି ବିଭାଗ।

### ବାବା ରାମଦେବଙ୍କୁ ଆଉ ଏକ...

ପାଇଁ ପତଞ୍ଜଳି ଯୋଗପୀଠ ଟ୍ରଷ୍ଟକୁ ପ୍ରାୟ ୪.୫ କୋଟି ଟଙ୍କାର ଜରିମାନା ଦେବାକୁ କୁହାଯାଇଛି। ତେବେ ଟ୍ରଷ୍ଟ ଯୁକ୍ତି କରିଛି ଯେ, ରୋଗର ଚିକିତ୍ସା ପାଇଁ ସେବା ଯୋଗା ଯାଇଥାଏ, ଯାହା 'ସ୍ୱାସ୍ଥ୍ୟ ଏବଂ ଫିଟନେସ୍ ସେବା' ବର୍ଗରେ ଥିବାରୁ ଟିକସ ଯୋଗ୍ୟ ନୁହେଁ। ତେବେ ଏହାକୁ ନେଇ ନିର୍ଦ୍ଦିଷ୍ଟ ରୋଗର ଚିକିତ୍ସା ପାଇଁ ଟ୍ରଷ୍ଟର ଦାବିରେ କୌଣସି ବଳିଷ୍ଠ ପ୍ରମାଣ ନାହିଁ ବୋଲି ଟ୍ରିବ୍ୟୁନାଲ କହିଛନ୍ତି। ଏହି ଶିବିରଗୁଡିକରେ ଯୋଗ ଏବଂ ଧ୍ୟାନ କୌଣସି ଜଣେ ବ୍ୟକ୍ତିଙ୍କୁ ନୁହେଁ, ବରଂ ସମଗ୍ର ଗୋଷ୍ଠୀକୁ ଶିକ୍ଷା ଦିଆଯାଇଥାଏ। ବ୍ୟକ୍ତିର ନିର୍ଦ୍ଦିଷ୍ଟ ରୋଗ / ଅଭିଯୋଗର ନିରାକରଣ କିମ୍ବା ଚିକିତ୍ସା ପାଇଁ କେ?ଣସି ପ୍ରେସକ୍ରିପସନ୍ ଲେଖାଯାଇ ନାହିଁ। ଟ୍ରଷ୍ଟ ଦାନ ଭାବରେ କ୍ୟାମ୍ପ ଏଣ୍ଟ୍ରି ଫି' ସଂଗ୍ରହ କରେ। ଟିକେଟ୍ ମୂଲ୍ୟ ଉପରେ ନିର୍ଭର କରି ବିଭିନ୍ନ ସୁବିଧା ପ୍ରଦାନ କରି ବିଭିନ୍ନ ମୂଲ୍ୟ ରେଞ୍ଜର ପ୍ରବେଶ ଟିକେଟ୍ ପ୍ରଦାନ କରେ। କେବଳ ସେତିକି ନୁହେଁ ପତଞ୍ଜଳି ଯୋଗପୀଠ ଟ୍ରଷ୍ଟ ଦ୍ୱାରା ଆୟୋଜିତ ଯୋଗ ଶିବିରଗୁଡିକ ଫି' ଆଦାୟ କରୁଥିବା ସ୍ୱାସ୍ଥ୍ୟ ଏବଂ ଫିଟନେସ୍ ସେବା ବର୍ଗରେ ରହିଥାଏ। ତେଣୁ ଏହା ସେବା ଟିକସଓ୍ୱା ସର୍ଭିସ ଟ୍ୟାକ୍ସ ପାଇଁ ଉତ୍ତରଦାୟୀ ବୋଲି ସିଇଏସଟିଏଟି କହିଛନ୍ତି।

### ଜେଲରେ ମୋ ସ୍ୱାମୀଙ୍କୁ ...

ସେ ଦେଶକୁ ଏକ ନମ୍ବର କରିବାକୁ ଚାହୁଁଛନ୍ତି। ଅନେକ ଲୋକ କୁହନ୍ତି ଯେ ଏହା କଷ୍ଟକର। ସେ ଜେଲରେ ଥାଇ ମଧ୍ୟ କେବଳ ଦେଶ ପାଇଁ ଚିନ୍ତା କରୁଛନ୍ତି। ଏହି ସମୟରେ ସୁନୀତା ଜେଲର ତାଲା ଭାଙ୍ଗିବ, ଅରବିନ୍ଦ କେଜ୍ରିୱାଲ ଓ ହେମନ୍ତ ସୋରେନ ମୁକ୍ତ ହେବେ ବୋଲି ନାରା ଦେଇଥିଲେ। ଏଥିସହ ସେ ତିହାର ଜେଲ ପ୍ରଶାସନ ବିରୋଧରେ ସଙ୍ଗୀନ ଅଭିଯୋଗ ଆଣିଛନ୍ତି। କେଜ୍ରିୱାଲଙ୍କୁ ଜେଲ୍ ଭିତରେ ହିଁ ମାରିଦେବାକୁ ଷଡଯନ୍ତ୍ର ଚାଲିଥିବା ସୁନୀତା ଅଭିଯୋଗ କରିଛନ୍ତି। କେଜ୍ରିୱାଲ ଜଣେ ଡାଏବେଟିସ୍ ରୋଗୀ। ସେ ଗତ ୧୨ ବର୍ଷ ଧରି ପ୍ରତିଦିନ ୫୦ ୟୁନିଟ ଇନସୁଲିନ ନେଉଛନ୍ତି। କିନ୍ତୁ ତାଙ୍କୁ ଜେଲରେ ଇନସୁଲିନ ଦିଆଯାଉ ନାହିଁ। ସେମାନେ ଦିଲ୍ଲୀର ମୁଖ୍ୟମନ୍ତ୍ରୀଙ୍କୁ ହତ୍ୟା କରିବାକୁ ଚାହୁଁଛନ୍ତି। ହେଲେ କେଜ୍ରିୱାଲ ବେଶ୍ ସାହସୀ ଅଟନ୍ତି। ସେ ସିଂହ। ସେ ଜେଲ୍‌ରେ ଥାଇ ମଧ୍ୟ 'ଭାରତ ମାତା' ବିଷୟରେ ଚିନ୍ତା କରୁଛନ୍ତି ବୋଲି ସୁନୀତା କହିଛନ୍ତି। ରାଞ୍ଚିରେ ଲୋକ ସଭା ନିର୍ବାଚନର ଦ୍ୱିତୀୟ ପର୍ଯ୍ୟାୟ ଭୋଟ ପୂର୍ବରୁ ରବିବାର 'ଇଣ୍ଡିଆ' ମିଳିତ ମେଣ୍ଟ ଶକ୍ତି ପ୍ରଦର୍ଶନ କରିଛି। ରାଞ୍ଚିର ପ୍ରଭାତ ତାରା ଗ୍ରାଉଣ୍ଡରେ ଆୟୋଜିତ ଏହି ମେଗା ରାଲିର ନାମ 'ଉଲଗୁଲାନ ନ୍ୟାୟ ରାଲି' ରଖାଯାଇଛି। ଏହି ରାଲିରେ ଲାଲୁ ଯାଦବ, ତେଜସ୍ୱୀ ଯାଦବ, ଅଖିଳେଶ ଯାଦବ, ମଲ୍ଲିକାର୍ଜୁନ ଖଡଗେ, ଭଗବନ୍ତ ମାନ, ଉଦ୍ଧବ ଠାକରେଙ୍କ ସମେତ ପ୍ରାୟ ୧୪ଟି ଦଳର ନେତା ଅଂଶଗ୍ରହଣ କରିଛନ୍ତି।

# ବିଶ୍ୱଭାରତୀ ଚିନ୍ତନ ଶିକ୍ଷା ନିକେତନ ବିଦ୍ୟାଳୟର ୧୪ ତମ ପ୍ରତିଷ୍ଠା ଦିବସ ପାଳିତ

ସୁବର୍ଣ୍ଣପୁର, ୨୧/୪ (ନି.ପ୍ର): ସୋନପୁର ସଦର ବ୍ଲକ ପିପିଲିପାଲି ସ୍ଥିତ ବିଶ୍ୱ ଭାରତୀ ଚିନ୍ତନ ଶିକ୍ଷା ନିକେତନ ବିଦ୍ୟାଳୟର ୧୪ ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସୋନପୁର ଜିଲ୍ଲାର ପ୍ରଥମ ବେସରକାରୀ ବିଦ୍ୟାଳୟ ଭାବରେ ସ୍ମାର୍ଟ କ୍ଲାସ୍ ର ଶୁଭାରମ୍ଭ ହୋଇଛି । ବିଦ୍ୟାଳୟର ପ୍ରାଣ ପ୍ରତିଷ୍ଠାତା ଶ୍ରୀଯୁକ୍ତ ଅକ୍ଷୟ କୁମାର ସାହୁଙ୍କ ଅଧକ୍ଷତାରେ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ମୁଖ୍ୟ ଅତିଥି ଓ ମୁଖ୍ୟ ବକ୍ତା ଭାବେ ବିଶିଷ୍ଟ ଶିକ୍ଷାବିତ ଡ଼ଃ. ଜ୍ୟୋତିରଞ୍ଜନ ବହିଦାର ଓ ସୋନପୁର ମାଟିର ସୁନାମଧନ୍ୟ ଐତିହାସିକ ତଥା କବି ଶ୍ରୀଯୁକ୍ତ ସୁଦାମ ନାଏକ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଜୀବନର ଦିଗଦର୍ଶନ ଦେଇ ଦୃଢ ଆତ୍ମବିଶ୍ୱାସ କିପରି ଶୀର୍ଷ ସ୍ଥାନକୁ ପହଂଚାଇ ଥାଏ ତାହା ବୁଝାଇଥିଲେ ଏବଂ ସଦା ସର୍ବଦା ନିଜର ମନୋବଳ ଓ ଆତ୍ମବିଶ୍ୱାସକୁ ସୁଦୃଢ ରଖିବାକୁ ପରାମର୍ଶ ଦେଇଥିଲେ। ମୂଖ୍ୟ ବକ୍ତା ଶ୍ରୀଯୁକ୍ତ ସୁଦାମ ନାଏକ ତାଙ୍କ ସ୍ୱରଚିତ କେତୋଟି ପୁସ୍ତକ ବିଦ୍ୟାଳୟକୁ ଉପହାର ସ୍ୱରୂପ ପ୍ରଦାନ କରିଥିଲେ। ଏହି ସଭାଟି ବିଦ୍ୟାଳୟର ମାତୃଭାଷା ଶିକ୍ଷକ ଚିତରଞ୍ଜନ ଭୋଇଙ୍କ ପରିଚାଳନାରେ ପରିଚାଳିତ ହୋଇଥିଲା ଏବଂ ଇତିହାସ ଶିକ୍ଷକ ଶ୍ରୀଯୁକ୍ତ ବାସୁଦେବ ବିଶି ବିବରଣୀ ପାଠ କରିଥିଲେ । ସଭା ଶେଷରେ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ତଥା ଗଣିତ ଶିକ୍ଷକ ଶ୍ରୀଯୁକ୍ତ ସୁଶିଲ କୁମାର ଗାଇଗରିଆ ଧନ୍ୟବାଦ ଅର୍ପଣ କରିଥିଲେ ଏବଂ ବିଦ୍ୟାଳୟର ସମସ୍ତ କର୍ମଚାରୀ, ଅଭିଭାବକ, ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

# ବଲାଙ୍ଗିର ରାମଲୀଳା : ଶିବଧନୁ ଭଙ୍ଗ ଓ ସୀତା ବିବାହ ସମ୍ପନ୍ନ

ବଲାଙ୍ଗୀର, ୨୧/୪ (ନି.ପ୍ର): ବଲାଙ୍ଗିର ସର୍ବପୁରାତନ ରାମଲୀଳା ସଦାଶିବ ରଚିତ ଗୁରୁଶ୍ରୀ ବାଳମୁକୁନ୍ଦ ବେହେରାଙ୍କ କଣ୍ଠରେ ରାମଲୀଳା ଦ୍ୱିତୀୟ ସନ୍ଧ୍ୟାରେ ଶିବଧନୁ ଭଙ୍ଗ, ସୀତା ବିବାହ ସମ୍ପନ୍ନ ହୋଇଯାଇଥିବା ବେଳେ ରାମଜୀ ନାଟକ ସଂସଦର ଦ୍ୱିତୀୟ ଦିବସରେ ପର୍ଶୁରାମଙ୍କ ଭେଟ, ଧନୁ ଭଙ୍ଗ ବେଶ ଲୋକଙ୍କୁ ମନ ଛୁଇଁ ଥିଲା । ବିବାହ ପରେ କଉଡି ଖେଳ ସମ୍ପୁର୍ଣ୍ଣ ରତିମତରେ ସମ୍ପୁର୍ଣ୍ଣ ହୋଇଥିଲା । ଜଗନ୍ନାଥପଡାର ମହିଳା ଓ ପଡାବାସୀ ବିବାହ ଉତ୍ସବ ପାଳନ କରିଥିଲେ । ରାମଲୀଳା କୁ ଉଚ୍ଚ କୋଟିର କରିବା ପାଇଁ ଅନେକ ପ୍ରୟାସ କରିଥିବା ବେଳେ ବାଦ୍ୟରେ ଦିଲିପ ସିଂଦେଓ, ପିତବାସ ବେହେରା, ଦୃଷ୍ଟିବାଦକ ଛାତ୍ର କଳାକାର ଆୟୁଷ୍ମାନ ତ୍ରିପାଠି ଏବଂ ଗୁରୁଙ୍କ ପାଲିଆରେ ବାସୁଦେବ ବେହେରା, ସୁଶାନ୍ତ ଚୋପଦାର, ଶ୍ରୀୟା ପଟେଲ କଣ୍ଠଦାନ କରିଛନ୍ତି । ମେକ୍‌ଅପ୍ ଓ ପୋଷାକ ସଜ୍ୟାରେ ମନୋରଂଜନ ବେହେରା, ଚୈତନ୍ୟ ମଟାରୀ, ବଳଦେବ ରାଉତ, ବେଲାର ସାହୁ, ରାଜ ପଟେଲ, ଅଟଲ ସାଏ ପ୍ରମୁଖ ପୂର୍ବ ବର୍ଷ ଭଳି ଏବର୍ଷ ମଧ ସଜ୍ୟାସଜ୍ଜିରେ ସହଯୋଗ କରୁଛନ୍ତି ।

ସୋମବାର, ଏପ୍ରିଲ ୨୨, ୨୦୨୪

ଧ୍ୱନି ପ୍ରତିଧ୍ୱନି

# ବାଲେଶ୍ୱରରେ ବିଶ୍ୱ ପ୍ରତିମୂର୍ତ୍ତି ସଫେଇ ଦିବସ ପାଳିତ

ବାଲେଶ୍ୱର, ୨୧/୪ (ନି.ପ୍ର): ଆଜି ବିଶ୍ୱ ପ୍ରତିମୂର୍ତ୍ତି ସଫେଇ ଦିବସ। ନୋସି କଲଚ୍ୟୁରାଲ ଏକାଡେମି ର ମୁଖ୍ୟ ଉପଦେଷ୍ଟା ଶିଳ୍ପୀ କେଶୁ ଦାସ ଙ୍କ ଆହ୍ୱାନ କ୍ରମେ ବାଲେଶ୍ୱରର ଅଗ୍ରୀମ ସାହିତ୍ୟ ସଂସ୍କୃତି ଅନୁଷ୍ଠାନ ଚନ୍ଦ୍ରଭାଗା, ନାଚ୍ ଇତ୍ୟାଦି ଅନୁଷ୍ଠାନ ର କର୍ମକର୍ତ୍ତା ଯୋଗ ଦେଇ ପ୍ରତିମୂର୍ତ୍ତି କୁ ସଫା କରି ସଂଖୋଳି ନେଇଥିଲେ ପବିତ୍ର ସକାଳ ଆଜି। ସାମ୍ପ୍ରତିକ କାଳରେ ପ୍ରତି ସହରରେ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇ ମହାମନିଷୀ ଙ୍କୁ ସମ୍ମାନ ଦେବା ସହ ସୋନ୍ଦର୍ଯ୍ୟକରଣ କରାଯାଉଛି । ଏହାକୁ ଦୃଷ୍ଟିରେ ରଖି ବିଶ୍ୱର କିଛି ଚିନ୍ତା ନାୟକ ଏହି କାର୍ଯ୍ୟକ୍ରମ କୁ କିଛି ବର୍ଷ ତଳେ ଆରମ୍ଭ କରାଯାଇଥିଲେ ମଧ ଧିରେ ଧିରେ ଜନାଦୃତ ହୋଇ ବିଶ୍ୱର କୋଣ ଅନୁକୋଣରେ ଏହି ଦିବସକୁ ପାଳନ କରିବାକୁ ଆଗେଇ ଆସୁଛନ୍ତି। ଆଜିଦିନରେ ଆମ ସହର ବାଲେଶ୍ୱରର ସ୍ୱର୍ଦ୍ଧିତ କଥାସମ୍ରାଟ ବ୍ୟାସକବି ଫକୀରମୋହନ ଏବଂ ଭାରତ ଗୌରବ ଭାରତ ରତ୍ନ ଏ ପି ଜେ ଅବଦୁଲ କାଲାମଙ୍କ ପ୍ରତିମୂର୍ତ୍ତିରେ ଖରାର ଲୁହରେ ପୁଷ୍ପାଭିସେକ ଅବସରରେ ଜଉ କଣ୍ଢେଇ ଶିଳ୍ପୀ କନକଲତା ଦାସ, କେଶୁ ଦାସ,ଚନ୍ଦ୍ରଭାଗା ସଂପାଦକ କବି ଶ୍ରୀଦେ୍ୱ,ନାଚ ଅନୁଷ୍ଠାନର



ସଂପାଦକ ଅରୁନାଂଶୁ ପାଣିଗ୍ରାହୀ,କବି ସତ୍ୟ ସାହୁ, ଚନ୍ଦନ ରାଓ, ଜୀବନ ସଂଗ୍ରାମ ମହାନ୍ତି ,ସମାଜସେବୀ ବିଶ୍ୱଜିତ ମହାପାତ୍ର ଓ ରାଜେଶ ପାଢ଼ୀ ପ୍ରମୁଖ ଉପସ୍ଥିତ ରହି ଦୁଇ ମହାପୁରୁଷଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ଟାଏକୋଣ୍ଡ ଖେଳାଳୀଙ୍କ ଜରିଆରେ ମତଦାନ ସଚେତନତା କାର୍ଯ୍ୟକ୍ରମ

ଭଦ୍ରକ, ୨୧/୪ (ନି.ପ୍ର): ଭାରତୀୟ ଗଣତନ୍ତ୍ର ଶାସନ ବ୍ୟବସ୍ଥାରେ ମତଦାତା ମାନଙ୍କ ଭୂମିକା ଖୁବ୍ ଗୁରୁତ୍ୱପୂର୍ଣ୍ଣ। ୧୮ ବର୍ଷ ବୟସ ଛୁଇଁଥିବା ବା ତହିଁରୁ ଉର୍ଦ୍ଧ୍ୱ ବୟସର ସମସ୍ତ ନାଗରିକ ନିହାତି ଭୋଟର ତାଲିକା ଭୁକ୍ତ ହେବା ଆବଶ୍ୟକ। ଜଣେ ବି ନୂଆ ଭୋଟର, ଭୋଟର ତାଲିକା ଭୁକ୍ତ ହେବାରୁ ବାଦ୍ ପଡ଼ିବା ଉଚିତ୍ ନୁହେଁ। ଭୋଟର ତାଲିକା ଭୁକ୍ତ ସମସ୍ତ ଭୋଟର ମତଦାନ କରି ନିଜର ରାଜନୈତିକ ଅଧିକାର ସାବ୍ୟସ୍ତ କରିବା ଜରୁରୀ। ଆଗାମୀ ସାଧାରଣ ନିର୍ବାଚନ ଉପଲକ୍ଷେ ଆସନ୍ତା ଜୁନ୍ ୧ ତାରିଖରେ ଭଦ୍ରକ ଜିଲ୍ଲାରେ ହେବାକୁ ଥିବା ମତଦାନ କାର୍ଯ୍ୟକ୍ରମରେ ଜିଲ୍ଲାର ସମସ୍ତ ଭୋଟର ଭୋଟ ଦିଅନ୍ତୁ, ଭଲ ସରକାର ଗଢ଼ିବାରେ ଅଂଶ ଗ୍ରହଣ କରନ୍ତୁ ବୋଲି ଏକ ମତଦାନ ସଚେତନତା କାର୍ଯ୍ୟକ୍ରମ ର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜିଲ୍ଲା ଯୋଜନା ଓ ପରିଚାଳନା ବିଭାଗର ଯୁଗ୍ମ




ନିର୍ଦ୍ଦେଶକ ମହେଶ ଚନ୍ଦ୍ର ସ୍ୱାଇଁ ପ୍ରକାଶ କରିଥିଲେ। ଜିଲ୍ଲା ସଂସ୍କୃତି ଭବନରେ ଭଦ୍ରକ ଜିଲ୍ଲା ଟାଏକୋଣ୍ଡ ସଂଘ ଆନୁକୂଲ୍ୟରେ ଆୟୋଜିତ ହେବାକୁ ଥିବା ଜିଲ୍ଲା ସ୍ତରୀୟ ଟାଏକୋଣ୍ଡ ଚମ୍ପିୟନସିପ-୨୦୨୪ କାର୍ଯ୍ୟକ୍ରମର ଉଦ୍‌ଘାଟନୀ ଉତ୍ସବର ଅବ୍ୟବହିତ ପୂର୍ବରୁ ଜିଲ୍ଲା ପ୍ରଶାସନ ତରଫରୁ ଏହି ମତଦାନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିବାକୁ ଥିବା ସମସ୍ତ ଖେଳାଳୀ ମାନଙ୍କ ଜରିଆରେ ସେଠାରେ ଉପସ୍ଥିତ ସମସ୍ତ ଅଭିଭାବକ ଅଭିଭାବିକା, ଗଣ ମାଧ୍ୟମ ପ୍ରତିନିଧି, ଆୟୋଜକ ବିଭାଗୀୟ ଅଧିକାରୀ କର୍ମଚାରୀ ପ୍ରମୁଖଙ୍କୁ ମତଦାନ ପାଇଁ ସଚେତନ କରାଯାଇଥିଲା। ପ୍ଲାନିଂ କାର୍ଯ୍ୟାଳୟର ଫାଇନାନ୍ସ୍ ଏକସ୍‌ପର୍ଟ ଭଗବାନ ବାରିକଙ୍କ ସଂଯୋଜନାରେ ଆୟୋଜିତ ଏହି ସଚେତନତା କାର୍ଯ୍ୟକ୍ରମରେ ଆଇକନ୍ ଭାବେ ଆନ୍ତର୍ଜାତିକ ସ୍ୱର୍ଣ୍ଣପଦକ ବିଜେତା ଟାଏକୋଣ୍ଡ ଖେଳାଳୀ ସବ୍ୟସାଚୀ ବେହେରା ଯୋଗଦେଇ ଭୋଟଦେବା ପାଇଁ ସମସ୍ତଙ୍କୁ ଉତ୍ସାହିତ କରିଥିଲେ। ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ, ପ୍ଲାନିଂ ଅଧିକାରୀ ହରିହର ଭୂଇଁ, ଏସ୍.ଡ଼ି.ଜି. ପ୍ଲାନିଂ ଏକସପର୍ଟ ସରୋଜ ଦାସ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

## ବିଜାପୁର ସଂଘର୍ଷରେ ଜଣେ ନକ୍ସଲ ମୃତ

ବିଜାପୁର, ୨୧/୪ (ନି.ପ୍ର): ଛତିଶଗଡ଼ର ଭୈରମଗଡ଼ ଥାନା ଅନ୍ତର୍ଗତ କେଶକୁତୁଲ ଜଙ୍ଗଲରେ ରବିବାର ସକାଳ ପ୍ରାୟ ୫ଟା ୩୦ ସମୟରେ ସୁରକ୍ଷାବଳଙ୍କ ସହିତ ସଂଘର୍ଷ ବେଳେ ଜଣେ ନକ୍ସଲ ପ୍ରାଣ ହରାଇଛି । ଘଟଣାସ୍ଥଳରୁ ସମ୍ପୃକ୍ତ ନକ୍ସଲର ଶବ ଜବତ ହୋଇଛି । ଏହା ବ୍ୟତୀତ ଅସ୍ତ୍ରଶସ୍ତ୍ର, ବିସ୍ଫୋଟକ ଏବଂ ଅନ୍ୟାନ୍ୟ ନକ୍ସଲ ବ୍ୟବହୃତ ସାମଗ୍ରୀ ମଧ ଜବତ ହୋଇଛି । ସୂଚନା ଅନୁସାରେ, କେଶକୁତୁଲ-କେଶାମୁଣ୍ଡି ଜଙ୍ଗଲରେ ନକ୍ସଲଙ୍କ ଡିଭିଜନ ସପ୍ଲାଇ ର ଟିମ୍ କମାଣ୍ଡର କବାସି ପଣ୍ଡରୁ ଏବଂ ଅନ୍ୟ ୧୫ରୁ ୨୦ ଜଣ ନକ୍ସଲଙ୍କ ଉପସ୍ଥିତି ସମ୍ପର୍କରେ ସୂଚନା ପାଇ ଡିଆରଜି ବିଜାପୁରର ଯବାନ ମାନେ ସର୍ଚ୍ଚ ଅପରେସନ ଚଳାଇଥିଲେ । ନକ୍ସଲଙ୍କ କୋର୍ ଏରିଆରେ ସୁରକ୍ଷାବଳର ଯବାନମାନେ ପହଂଚିବା ପରେ ନକ୍ସଲ ମାନେ ଯବାନଙ୍କ ଉପରକୁ ଗୁଳି ଚଳାଇଥିଲେ । ଏହାପରେ ଯବାନମାନେ ଏହାର ପାଲଟା ଜବାବ ରଖିଥିଲେ । ଯବାନ ଓ ନକ୍ସଲଙ୍କ ମଧରେ ଏହି ଗୁଳି ବିନିମୟ ବେଳେ ଜଣେ ନକ୍ସଲ ନିହତ ହୋଇଛି ।

# ପାଣିଟାଙ୍କି ପାଚେରୀ ନିର୍ମାଣରେ ୧୬ଲକ୍ଷ ଚଳୁ: ଭିଜିଲାନ୍ସ ତଦନ୍ତ ଦାବି

ଖଇରା, ୨୧/୪ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ବ ର୍ନା ବଜାର ସଂଲଗ୍ନ ବ ର୍ନା-ହରିପୁର ରାସ୍ତା କଡରେ ଚାଲିଥିବା ପାଣି ଟାଙ୍କି ପାଚେରୀ ନିର୍ମାଣ କାର୍ଯ୍ୟରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି । ନିମ୍ନମାନର କ ।ମାଲ ବ୍ୟବହାର କରି ୧୬ଲକ୍ଷ ଚଳୁ କରିନେଇଥିବା ଅଭିଯୋଗ ହୋଇଛି। ପାହାଡପାଦଦେଶରେ ଥିବା ୬ପ ।ୟତର ପାନୀୟଜଳ ବ୍ୟବସ୍ଥାକୁ ବ୍ୟବସ୍ଥିତ କରିବା ଲାଗି ପାଖାପାଖି ୧୦୦କୋଟି ଟଙ୍କା ପ୍ରଦାନ କରାଯାଇଥିଲା । ଏହି ଅର୍ଥ ମଧ୍ୟରେ ପାଇପବିଛା, ପାଣିଟାଙ୍କି, ସୁରକ୍ଷା ପାଚେରୀ ନିର୍ମାଣ ଲାଗି ସ୍ୱତନ୍ତ୍ର ଭାବେ



ଅର୍ଥ ବ୍ୟବସ୍ଥା କରାଯାଇଥିଲା । ଏହି ପ୍ରକଳ୍ପ ନିର୍ମାଣ ଦାୟିତ୍ୱରେ ଥିବା କମ୍ପାନୀ ନିଜେ ସମସ୍ତ କାର୍ଯ୍ୟ ନକରି ପେଟି ଠିକାଦାରଙ୍କୁ କାର୍ଯ୍ୟ ବ ନ କରିଥିଲେ । ଏଥିରେ ଉକ୍ତ ପେଟି ଠିକାଦାର ମାନେ ନିମ୍ନମାନର ଚିପ୍ସ,ରଡ, ଇଟା, ବାଲି, ପାଇପ ବ୍ୟବହାର କରିବା ଏବଂ ନିର୍ମାଣପରେ ପାଣିଠିକ ଭାବେ ନଦେଇ ଅର୍ଥ ବାଟମାରଣା କରୁଥିବା ସ୍ଥାନୀୟ ଗ୍ରାମବାସୀ ମାନେ ଅଭିଯୋଗ କରିଛନ୍ତି । ଏ ସମ୍ପର୍କରେ ଯନ୍ତ୍ରୀ ଅଜୟ ବେହେରାଙ୍କୁ ଯୋଗାଯୋଗ କରିଥିବାରେ ସେ କାମ ଠିକଠାକ କରିବାକୁ ଠିକାଦାରଙ୍କୁ ବାରମ୍ବାର କହୁଥିବା କହିଛନ୍ତି ।

# ଉଦଳାରେ ଆନ୍ତର୍ଜାତିକ ପ୍ରତିମୂର୍ତ୍ତି ସଫେଇ ଓ ସଂରକ୍ଷଣ ଦିବସ ପାଳିତ



ଉଦଳା, ୨୧/୪ (ନି.ପ୍ର): ଉଦଳାରେ ଆନ୍ତର୍ଜାତିକ ପ୍ରତିମୂର୍ତି ସଫେଇ ଓ ସଂରକ୍ଷଣ ଦିବସ ପାଳିତ ହୋଇ ଯାଇଛି । ଏହି ଅବସରରେ ଗୋପବନ୍ଧୁ ମୋମୋରିଆଲ ସେବା ଟ୍ରଷ୍ଟ, ଭଂଜସେନା, ଅଟୋମାଲିକ ସଂଘ, ବସ ମାଲିକ ସଂଘ, ଉଦଳା ଓକିଲ ସଂଘ ଓ ଜନଜାଗୃତି ମଂଚର କର୍ମକର୍ତା ମାନେ ମିଳିମିଶି ପ୍ରଭାତରେ ସହର ମଧ୍ୟରେ ବିଭିନ୍ନ ସ୍ଥାନରେ ପ୍ରତିଷ୍ଠା କରାଯାଇଥିବା ମହାପୁରୁଷ ମାନଙ୍କର ପ୍ରତିମୂର୍ତି ଗୁଡ଼ିକୁ ସଫେଇ କରିବା ସହିତ ପୁଷ୍ପ, ଧୂପ ଓ ଦୀପ ଅର୍ପଣ ପୂର୍ବକ ପୂଜାର୍ଚ୍ଚନା କରିଥିଲେ । ଏହାପରେ ଅନୁଷ୍ଠିତ ଆଲୋଚନା ଚକ୍ରରେ ଉଦଳା ଓକିଲ ସଂଘର ସଂପାଦକ ବସନ୍ତ କୁମାର ପରିଡ଼ା ଅଧକ୍ଷତା କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଗୋପବନ୍ଧୁ ମେମୋରିଆଲ ସେବା ଟ୍ରଷ୍ଟର ସଭାପତି ତଥା ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ନଗରପାଳ ପ୍ରମିଳା ପଣ୍ଡା, ସହର ମଧ୍ୟରେ ପ୍ରତିଷ୍ଠା କରାଯାଇଥିବା ଉତ୍କଳମଣି ଗୋପବନ୍ଧୁଙ୍କ ପ୍ରତିମୂର୍ତିର ଉପଯୁକ୍ତ ରକ୍ଷଣାବେକ୍ଷଣ ତାଙ୍କ ରାଜନିତି ଜୀବନର ପ୍ରଥମ କାମ ଥିଲା ଓ ଏହି କାମହିଁ ତାଙ୍କୁ ଆଜି ନଗରପାଳ ପଦରେ କିପରି ବସାଇଛି ତାଙ୍କ ବାସ୍ତବ ଜୀବନର ଅନୁଭବ ବ୍ୟକ୍ତ କରିଥିଲେ । ଭଂଜସେନାର କପ୍ତିପଦା ଉପଖଣ୍ଡ ସଭାପତି ରବିନ ମହାନ୍ତି, ଅଟୋ ମାଲିକ ସଂଘର ସଭାପତି ଲକ୍ଷ୍ମଣ ମହାପାତ୍ର, ବସ ମାଲିକ ସଂଘର ସରୋଜ ସାମଲ, ଜନଜାଗୃତି ମଂଚର ସସ୍ମିତା, ସାମ୍ବାଦିକ ସୁବ୍ରତ କୁମାର ମହାନ୍ତି, ଶୁଭାଶିଷ ପତି, କବି କରୁଣାକର ଦାସ ଓ ରୁପେଶ ଗିରି ପ୍ରମୁଖ ଆଜିର ଦିବସର ଆବଶ୍ୟକତା ସମ୍ପର୍କରେ ନିଜ ନିଜର ମତାମତ ଉପସ୍ଥାପନ କରିଥିଲେ । କାର୍ଯ୍ୟକ୍ରମକୁ ସଫଳ କରିବାରେ ଗଜେନ୍ଦ୍ର ମହାନ୍ତି, ଜିତେନ୍ଦ୍ର ହେମ୍ବ୍ରମ, ସେରାଲ ମୁର୍ମୁ, ଚନ୍ଦନ ସ୍ୱାଇଁ, ପିତାମ୍ବର ହାଁସଦା ପ୍ରମୁଖ ସହଯୋଗ କରିଥିଲେ ।

## ମତଦାନ ନେଇ ସାଇକେଲ ଶୋଭାଯାତ୍ରା

ଜୟପୁର, ୨୧/୪ (ନି.ପ୍ର): ନିର୍ବାଚନରେ ଅଧିକରୁ ଅଧିକ ମତଦାନ କରିବା ପାଇ ସାଇକେଲ ଶୋଭାଯାତ୍ରା ବାହାରିଥିଲା । ଜୟପୁର ବିକ୍ରମ ଦେବ ବିଶ୍ୱ ବିଦ୍ୟାଳୟ ପଡିଆରୁ ଏହି ସାଇକେଲ ଶୋଭାଯାତ୍ରା ବାହିରିଥିଲା । ଜୟପୁର ପୌରପାଳିକା ଦ୍ୱାରା ଆୟୋଜିତ ଏହି ଶୋଭାଯାତ୍ରାରେ କୋରାପୁଟ ଜିଲାପାଳ କିର୍ତି ଭାସନ ଭି. ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ଆସନ୍ତା୧୩ ତାରିଖରେ ଅଧିକରୁ ଅଧିକ ମତଦାନ କରିବା ପାଇଁ ଜିଲାପାଳ କିର୍ତି ଭାସନ ଭି. ସଚେତନ କରିଥିଲେ । ବିକ୍ରମ ଦେବ ବିଶ୍ୱବିଦ୍ୟାଳୟରୁ ବାହାରି ଟ୍ରାଫିକ ଛକ, ମୁଖ୍ୟ ରାସ୍ତା, ପାୱାର ହାଉସ ଛକ, କୁମ୍ଭାର ସାହି, ଏନକେଟି ରୋଡ, ମୁଖ୍ୟ ରାସ୍ତା ପୁଣି ବିଶ୍ୱ ବିଦ୍ୟାଳୟରେ ପହଂଚିଥିଲା । ଏହି ଶୋଭାଯାତ୍ରାରେ ବିଭିନ୍ନ ସ୍ୱେଛାସେବି ଅନୁଷ୍ଠାନର ସଦସ୍ୟ, ଜୟପୁର ବାସୀ, ସ୍କୁଲ ଛାତ୍ର ଛାତ୍ରୀ ମାନେ ସାମିଲ ହୋଇଥିଲେ। ଏହି ଶୋଭାଯାତ୍ରାରେ ୨୩୩ ଜଣ ସାମିଲ ହୋଇ ପ୍ରାୟ ୫ କି.ମି. ରାସ୍ତା ସାଇକେଲ ଚଲାଇ ଲୋକଙ୍କୁ ସଚେତନ କରିଥିବା ବିଷୟ ପୌର ନିବାହୀ ଅଧିକାରି ସିଦ୍ଧାର୍ଥ ପଟ୍ଟନାୟକ ସୂଚନା ଦେଇଛନ୍ତି । ସମ୍ମାନିତ ଅତିଥି ଭାବେ ସିଡିଓ ଦେବାଶିଷ ପଟ୍ଟନାୟକ, ଅତିରିକ୍ତ ଜିଲାପାଳ ଲଗ୍ନଜିତ ରାଉତ, ସହରାଂଚଳ ବିକାଶ ପରିଷଦର ପ୍ରକଳ୍ପ ନିର୍ଦ୍ଦେଶକ ଦେବି ପ୍ରସାଦ ତାଲି, କୋରାପୁଟ ଉପ ଜିଲାପାଳ ବେଣୁ ଧର ଶବର, ଜୟପୁର ଉପ ଜିଲାପାଳ ପ୍ରଭାତ କୁମାର ପରିଡା, ଏସଡିପିଓ ଅଙ୍କିତ କୁମାର ବର୍ମା, ବିଡିଓ କୋରାପୁଟ ଦେବାଶିଷ ଗୌଡ, ବିଡିଓ ଜୟପୁର ଶକ୍ତି ମହାପାତ୍ର, ତହସିଲଦାର ମନୋଲିସା ଆଚାର୍ଯ୍ୟ. ଜୟପୁର ପୌର ନିର୍ବାହୀ ଅଧିକାରି ସିଦ୍ଧାର୍ଥ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

# ବାଲିଆପାଳ ସାରସ୍ୱତ ସହର ଅଭିଯାନ କମିଟି ପକ୍ଷରୁ ସାରସ୍ୱତ ବିଷୁବ ମିଳନ

ବାଲିଆପାଳ , ୨୧/୪ (ନି.ପ୍ର): ବାଲିଆପାଳ ସାରସ୍ୱତ ସହର ଅଭିଯାନ କମିଟି ପକ୍ଷରୁ ରବିବାର ସିମୁଳିଆ ମାର୍କେଟ ନିକଟ ଶ୍ରୀହରି ମଣ୍ଡଳଙ୍କ ସନ୍ଧ୍ୟା ନିବାସ ବାସଭବନ ପରିସର ରେ ସାରସ୍ୱତ ବିଷୁବ ମିଳନ , କବିତା ପାଠ ଓ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ବିଶିଷ୍ଟ ଶିକ୍ଷାବିତ୍ ଶିକ୍ଷା ବିଭାଗ ମୁଖ୍ୟ ପ୍ରଧାପକ କୁଞ୍ଜ କାନ୍ତ ପାତ୍ର ମୁଖ୍ୟ ଅତିଥି ଭାବରେ ଯୋଗଦେଇ ବିଷୁବ ଏକ ବ୍ୟଞ୍ଜନା ତଥା ଭାବର ମୂର୍ଚ୍ଛନା ବୋଲି କହିଥିଲେ। ମୁଖ୍ୟ ବକ୍ତା ପ୍ରାକ୍ତନ ପ୍ରଧାନ ଶିକ୍ଷକ ସୁଧାଂଶୁ ଶେଖର ପାଣ୍ଡା ସାହିତ୍ୟ ସମାଜକୁ ପରିବର୍ତ୍ତନ କରାଏ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବରେ ବାଲିଆପାଳ ଭୂତପୂର୍ବ ସୈନିକ ସଂଗଠନ ସଭାପତି କମଳ ଲୋଚନ ପିଲା ,




ଶବ୍ଦ କୁଞ୍ଜ ପ୍ରତିଷ୍ଠାତା କାର୍ତ୍ତିକ ସେଠୀ , ଶଚିନ୍ଦ୍ର ନନ୍ଦୀ ପ୍ରମୁଖ ଯୋଗ ଦେଇ ଉଦବୋଧନ ଦେଇଥିଲେ । କମିଟିର ଆବାହକ ଅଧାପକ ଡ଼ଃ ସୁକାନ୍ତ କୁମାର ଗିରି ଅତିଥି ପରିଚୟ ସ୍ୱାଗତ ଭାଷଣ , ଉପ ସଭାପତି ସନ୍ୟାସୀ ବେହେରା ବେଦପାଠ ଓ ବିବରଣୀ ପାଠ କରିଥବାବେଳେ କମିଟିର ସଭାପତି ତଥା ପୂର୍ବତନ ଡି . ଆଇ . ସୁବାସ ଚନ୍ଦ୍ର ଚୌଧୁରୀ ଏଥିରେ ପୌରହିତ୍ୟ କରିଥିଲେ ।ବିଷୁବ କବିତା ଆସରକୁ କବୟିତ୍ରୀ ସବିତା ଦାସ ପରିଚାଳନା କରିଥିଲେ। ଏଥିରେ କବୟିତ୍ରୀ କବିତା ପ୍ରଧାନ, କବି ବିଜୟ କୁମାର ପାତ୍ର, ସଂଜୁବାଳା ଦାସ ଅଧିକାରୀ, ରାମକୃଷ୍ଣ ଦାସ ଅଧିକାରୀ,ରବୀନ୍ଦ୍ର ଦତ୍ତ , ଜୟନ୍ତୀ ପଣ୍ଡା, ପୁଷ୍ପ ଲତା ସାହୁ,ପ୍ରମୁଖ ସ୍ୱ ରଚିତ କବିତା ପାଠ କରିଥଲେ। ବିଶେଷ ଅବଦାନ ପାଇଁ ଶିକ୍ଷାବିତ୍ ଶ୍ରୀହରି ମଣ୍ଡଳଙ୍କୁ ଅନୁଷ୍ଠାନ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକର୍ତ୍ତା ପ୍ରାକ୍ତନ ଅଧାପକ ବୀର ମାଧବ ଦାସ ଧନ୍ୟବାଦ୍ ଅର୍ପଣ କରିଥିଲେ।

# ଅନ୍ତର୍ଜାତିକ ପ୍ରତିମୂର୍ତ୍ତି ସଫେଇ ଓ ସଂରକ୍ଷଣ ଦିବସକୁ ସମଗ୍ର ଜିଲ୍ଲାରେ ପାଳନ କରିଛି: ଭଞ୍ଜସେନା




ବାରିପଦା, ୨୧/୪ (ନି.ପ୍ର): ପୂର୍ବ ଗଡଜାତ ମୟୁରଭଞ୍ଜ ରାଜ୍ୟର ଅନ୍ୟତମ ପ୍ରଜାବତ୍ସଳ ମହାରାଜା ଶ୍ରୀ ପୂର୍ଣଚନ୍ଦ୍ର ଭଞ୍ଜଦେଓଙ୍କ ତିରୋଧାନ ଦିବସ ତଥା ଅନ୍ତର୍ଜାତୀକ ପ୍ରତିମୂର୍ତ୍ତି ସଫେଇ ଓ ସଂରକ୍ଷଣ ଦିବସ ଅବସରରେ ମୟୁରଭଞ୍ଜ ର ଏକମାତ୍ର ସଂଗ୍ରାମୀ ଯୁବଛାତ୍ର ସଂଗଠନ 'ଭଞ୍ଜସେନା' ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନାଙ୍କ ଆହ୍ୱାନକ୍ରମେ ଜିଲ୍ଲାର ପ୍ରତ୍ୟେକ କୋଣ ଅନୁକୋଣରେ ଥିବା ଆମ ମୟୁରଭଞ୍ଜ ଜିଲ୍ଲା, ଓଡିଶା ରାଜ୍ୟ ତଥା ଦେଶର ସମସ୍ତ ମହାତ୍ମା,ବରପୁତ୍ର ତଥା ଆମ ପୂର୍ବପୁରୁଷ ମାନଙ୍କ ପ୍ରତିମୂର୍ତ୍ତି ଗୁଡିକୁ ସକାଳ ଛଅ ଘଟିକା ଠାରୁ ଅପରାହ୍ନ ମଧ୍ୟରେ ସଂଗଠନ ପକ୍ଷରୁ ଧୋଇ ସଫା କରିବା ସହିତ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି ବୋଲି ସଂଗଠନ ପକ୍ଷରୁ ସୂଚନା ଦିଆଯାଇଛି । ଜିଲ୍ଲାର ସଦର ମହକୁମା ବାରିପଦା ଠାରେ ଜିଲ୍ଲା ସଭାପତି ପିଣ୍ଟୁ ମାଇତିଙ୍କ ନେତୃତ୍ୱରେ ହୋଇଥିବା କାର୍ଯ୍ୟକ୍ରମ ରେ ଜିଲ୍ଲା ଓବିସି ଶାଖା ସଭାପତି ରାକେଶ ବେହେରା, କାର୍ଯ୍ୟକାରୀ ସଭାପତି ସାମନ୍ତ ଶେଖର ପାଲ,ଜିଲ୍ଲା ଉପସଭାପତି ରାକେଶ ମହାନ୍ତି, ସନାତନ ସାହୁ,ପଙ୍କଜ କରଣ, ମନୋଜ ପାତ୍ର,ସଞ୍ଜୟ ମହାନ୍ତ,ବିକାଶ ସିଂ,ସଞ୍ଜୟ ମାହାନା,ସୋନୁ ରାମ , ସତ୍ୟ ପୃଷ୍ଟି ,ତ୍ରିନାଥ ସିଂ ପ୍ରମୁଖ ସାମିଲ ଥିଲେ ବୋଲି ମୁଖପାତ୍ର ମାନସ ବେହେରା ଏକ ପ୍ରେସ ବିବୃତ୍ତିରେ ଜଣାଇଛନ୍ତି ।

# ଇପିଏଫ୍ ସଂସ୍ଥାରୁ ସର୍ବନିମ୍ନ ମାସିକ ୯ ହଜାର ଟଙ୍କା ପେନସନ୍ ଓ ମହଙ୍ଗା ଭ । ଦାବିରେ ଜିଲ୍ଲା ସମ୍ମିଳନୀ

ବାଲେଶ୍ୱର, ୨୧/୪ (ନି.ପ୍ର): ଅଲ୍ ଓଡ଼ିଶା ଇପିଏଫ୍ ପେନସନର୍ସ ଆସୋସିଏସନ୍ ବାଲେଶ୍ୱର ଜିଲ୍ଲା କମିଟିର ୫ମ ବାର୍ଷିକ ଅଧିବେଶନ ଓ ୨ୟ ଜିଲ୍ଲା ସମ୍ମିଳନୀ ରବିବାର ଦିନ ପୂର୍ବାହ୍ନରେ ଉଠାଜଳ ସେଚନ କର୍ମଚାରୀ ଭବନରେ ଅନୁଷ୍ଠିତ ହୋଇଯାଇଛି। ଏଥିପାଇଁ ଆୟୋଜିତ ସାଧାରଣ ସଭାରେ ଆସୋସିଏସନ୍‌ର ବରିଷ୍ଠ ଉପଦେଷ୍ଟା ଗୌରାଙ୍ଗ ପାଣିଗ୍ରାହୀ ଅଧକ୍ଷତା କରିଥିଲେ। ସଭାକାର୍ଯ୍ୟ ପ୍ରାରମ୍ଭରେ ଦିବଂଗତ ସଦସ୍ୟଙ୍କ ସ୍ମୃତି ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା। ଜିଲ୍ଲା ସଂପାଦକ ବିଷ୍ଣୁ ପ୍ରସାଦ ମହାନ୍ତି ବିବରଣୀ ପାଠ କରିଥିବାବେଳେ କୋଷାଧ୍ୟକ୍ଷ ଜଳଧର ପଣ୍ଡା ଆୟବ୍ୟୟର ବିବରଣୀ ଉପସ୍ଥାପିତ କରିଥିଲେ। ଏହା ସର୍ବସମ୍ମତିକ୍ରମେ ଗୃହୀତ ହୋଇଥିଲା। ମାସିକ ସର୍ବନିମ୍ନ ୯ ହଜାର ଟଙ୍କା ପେନସନ୍, ମାନ୍ୟବର ସୁପ୍ରିମ୍‌କୋର୍ଟଙ୍କ ଆଦେଶ ଅନୁଯାୟୀ ବେତନ ହାରରେ ଅଧିକ ପେନସନ୍ ଏବଂ ମହଙ୍ଗାଭ ।ପ୍ରଦାନ




ପାଇଁ ସର୍ବସମ୍ମତିକ୍ରମେ ପ୍ରସ୍ତାବ ଗୃହୀତ ହୋଇଛି। ଦାବିପୂରଣ ପାଇଁ ସାଧାରଣ ନିର୍ବାଚନ ପରେ ରେଳରୋକ, ଜାତୀୟ ରାଜପଥ ଅବରୋଧ ଓ ସମସ୍ତ କେନ୍ଦ୍ର ସରକାରୀ ଅଫିସ୍ ସମ୍ମୁଖରେ ବିକ୍ଷୋଭ ପାଇଁ ରାଜ୍ୟ କମିଟି ଓ ଜାତୀୟ କମିଟିକୁ ସମ୍ମିଳନୀରେ ପ୍ରସ୍ତାବ ଦିଆଯାଇଛି। ସାଧାରଣ ଅଧିବେଶନରେ ଅତିଥି ଓ ବକ୍ତାଭାବେ ପୂର୍ବତନ ବିଧାୟକ ତଥା ସିଆଇଟିୟୁ ନେତା ପ୍ରଦୀପ୍ତ ପଣ୍ଡା, ଆଇଏନ୍‌ଟିୟୁସି ଜିଲ୍ଲା ସଂପାଦକ ବିକାଶ ଦାସ, ଏଆଇଟିୟୁସିର ଆଇନ୍ ପରାମର୍ଶଦାତା ନିରଞ୍ଜନ ପରିଡ଼ା, ବରିଷ୍ଠ ନାଗରିକ ମ ର ଜିଲ୍ଲା ସଂପାଦକ ଦାମୋଦର ନାୟକ, ସିଭିଲ୍ ସୋସାଇଟିର ସଭାପତି ଅନ୍ତର୍ଯ୍ୟାମୀ ପ୍ରଧାନ, ବରିଷ୍ଠ ସମାଜସେବୀ ସୀତାରାମ ପ୍ରଧାନଙ୍କ ସମେତ ପରମେଶ୍ୱର ପାତ୍ର, ଶରତ ଚନ୍ଦ୍ର ଦଳାଇ, ଅନିରୁଦ୍ଧ ମନ୍ତ୍ରୀ, ଇଂ. ଉଜ୍ଜ୍ୱଳ କୁମାର ଚାନ୍ଦ, ବ୍ରଜ କୁମାର ଦାଶ, ପୂର୍ଣ୍ଣଚନ୍ଦ୍ର ପାତ୍ର ପ୍ରମୁଖ ସେମାନଙ୍କ ବକ୍ତବ୍ୟରେ ଏହି ବରିଷ୍ଠ ନାଗରିକମାନଙ୍କ ମାସିକ ପେନସନ୍ ବୃଦ୍ଧି ଦାବି ଓ ପ୍ରସ୍ତାବିତ ଆନ୍ଦୋଳନକୁ ଦୃଢ଼ ସମର୍ଥନ ଜଣାଇଥିଲେ। ମାୟାଧର ନାୟକ ଆସନ୍ତା ବର୍ଷପାଇଁ ନୂତନ କର୍ମକ ର୍ତ୍ତାଙ୍କ ନାମ ପ୍ରସ୍ତାବ ଆଗତ କରିବାପରେ ତାହା ଗୃହୀତ ହୋଇଥିଲା। ରୁପ୍‌ସା ଝୋଟ କାରଖାନାର ପୂର୍ବତନ ଶ୍ରମିକ ବୈଦ୍ୟନାଥ ପାତ୍ର ବୈପ୍ଳବିକ ସଂଗୀତ ଗାନ କରିଥିଲେ। ଜିଲ୍ଲା କମିଟିର ଅଫିସ୍ ସଂପାଦକ ଶ୍ୟାମସୁନ୍ଦର ଜେନା ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo